

ପଶ୍ଚିମ ଓଡ଼ିଶାର ଗଣପର୍ବ
ନୂଆଁଖାଇ ଅବସରରେ
'ସକାଳ' ପରିବାର ପକ୍ଷରୁ
ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-64 ◆THURSDAY ◆28 AUGUST 2025 ◆PAGE-12 ◆₹ 6.00 | JEYPORE | ◆ବର୍ଷ-୪୩ ◆ସଂଖ୍ୟା-୬୪ ◆ଗୁରୁବାର ◆୨୮ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


**୫୦% ଟ୍ରମ୍ପ ଟାରିଫ୍**

# ଦେଶର ୧୦ ଲକ୍ଷରୁ ଅଧିକ ଚାକିରି ବିପଦରେ

■ ନୂଆଦିଲ୍ଲୀ,୨୭।୮(ଏଜେନ୍ସି): ବୁଧବାରଠାରୁ ଭାରତୀୟ ସାମଗ୍ରୀ ଉପରେ ଲାଗିଛି ୫୦% ଟ୍ରମ୍ପ ଟାରିଫ୍ । ଭାରତରୁ ଆମେରିକାକୁ ପଠାଯାଉଥିବା ସାମଗ୍ରୀ ଉପରେ ଆମେରିକା ପ୍ରଶାସନ ଏହି ଶୁଳ୍କ ଆଦାୟ ଆରମ୍ଭ କରିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏହି ନିଷ୍ପତ୍ତି ଯୋଗୁଁ ଭାରତର ପ୍ରାୟ ୪୮ ବିଲିୟନ ଡଲାର ମୂଲ୍ୟର ରପ୍ତାନି ପ୍ରଭାବିତ ହେବ ବୋଲି ଅର୍ଥନୀତିଜ୍ଞ ଓ ବାଣିଜ୍ୟ ବିଶେଷଜ୍ଞମାନେ ମତ ଦେଉଛନ୍ତି। ଅନ୍ୟପକ୍ଷରେ ଭାରତୀୟ ଅର୍ଥନୀତି ପ୍ରଭାବିତ ଦ୍ୱାରା ଦେଶର

- **ବାଜିରେ ୪୮ ବିଲିୟନ୍ ଡଲାରର ଭାରତୀୟ ରପ୍ତାନୀ**
- **ଦେଶର ନିଯୁକ୍ତିଭିତ୍ତିକ କ୍ଷେତ୍ରକୁ ଲାଗିବ ବଡ଼ ଧକ୍କା**

୧୦ ଲକ୍ଷ ନିଯୁକ୍ତି ସଙ୍କଟଗ୍ରସ୍ତ ହୋଇଛି। ବିଶେଷକରି ଏହି ରପ୍ତାନୀଗୁଡ଼ିକ ନିଯୁକ୍ତିଭିତ୍ତିକ ଶିଳ୍ପଗୁଡ଼ିକୁ ଅଧିକ ପ୍ରଭାବିତ କରିବ ବୋଲି ଆଶଙ୍କ ସୃଷ୍ଟି ହୋଇଛି। ଇଞ୍ଜିନିଅରିଂ ସାମଗ୍ରୀ, ଅଳଙ୍କାର, ବୟନଶିଳ୍ପ, ଫର୍ଣ୍ଣିଚର, ଅଟୋ ଯନ୍ତ୍ରାଂଶ ଏବଂ ସାମୁଦ୍ରିକ ଖାଦ୍ୟ ରପ୍ତାନି ଏହାଦ୍ୱାରା ପ୍ରଭାବିତ ହେବାର ଆଶଙ୍କା ପ୍ରକାଶ ପାଇଛି ।

ଅଗଷ୍ଟ ୭ରୁ ଆମେରିକା ଭାରତ ଉପରେ ୨୫% ଶୁଳ୍କ ଲାଗୁ କରିଥିଲା। ଏବେ ସର୍ବମୋଟ ଭାରତ ଉପରେ ୫୦%ର ଏକ ଭାରି ଶୁଳ୍କ ଲାଗୁ କରାଯାଇଛି। ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ସମ୍ପର୍କ ପୂର୍ବରୁ ଚାପଗ୍ରସ୍ତ ଅଛି। ବିଶେଷଜ୍ଞଙ୍କ ମତରେ ବର୍ତ୍ତମାନର ନୂତନ ଶୁଳ୍କ ଏହି ସମ୍ପର୍କଗୁଡ଼ିକୁ ଅଧିକ ଆହ୍ୱାନପୂର୍ଣ୍ଣ କରିପାରେ। ଏଥିଯୋଗୁ ଭାରତୀୟ ରପ୍ତାନିକାରୀମାନେ ଏକ ବଡ଼ ଝଟକା ଲାଗିପାରେ, କାରଣ ଆମେରିକା ଭାରତୀୟ ରପ୍ତାନି ପାଇଁ ଏକ ପ୍ରମୁଖ ବଜାର। ଏହି ପଦକ୍ଷେପ ଭାରତର ଅଭିବୃଦ୍ଧିକୁ ପ୍ରଭାବିତ କରିପାରେ ବୋଲି ବଜାର ବିଶେଷଜ୍ଞ ମତପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଭାରତ ସରକାର ଏବେ କ୍ଷତିକୁ ହ୍ରାସ କରିବା ପାଇଁ ବିକଳ୍ପ ବଜାର ଏବଂ ରଣନୈତିକ ସହଭାଗିତା ଅନୁସନ୍ଧାନରେ ରହିଛନ୍ତି।

ଗ୍ଲୋବାଲ ଟ୍ରେଡ୍ ରିସର୍ଚ୍ଚ ଇନିସିଏଟିଭ (ଜିଟିଆରଆଇ) ଅନୁସାରେ ଭାରତ ପ୍ରତି ବର୍ଷ ଆମେରିକାକୁ ପାଖାପାଖି ୮୬.୫ ବିଲିୟନ ଡଲାରର ରପ୍ତାନୀ କରିଥାଏ। ଏହାର ପାଖାପାଖି ଦୁଇ ତୃତୀୟାଂଶ ଅର୍ଥାତ୍ ପାଖାପାଖି ୬୦.୨ ବିଲିୟନ ଡଲାର ସାମଗ୍ରୀ ଉପରେ ୫୦% ଶୁଳ୍କ ଲାଗିବ। ତେଣୁ ସରକାରୀ ଅନୁମାନ ୪୮.୨ ବିଲିୟନ ଡଲାର ରପ୍ତାନୀ ଉପରେ ଏହି ଟାରିଫର ପ୍ରଭାବ ପଡିବା ଅନୁମାନ କରାଯାଉଛି। ଏଥିରେ ବୟନଶିଳ୍ପ, ଚିଙ୍ଗୁଡ଼ି, ଚମଡ଼ା, ହୀରା, ଅଳଙ୍କାର ଓ ଫର୍ଣ୍ଣିଚର କ୍ଷେତ୍ର ଅନ୍ତର୍ଭୁକ୍ତ। ଦେଶର ପ୍ରମୁଖ ବାଣିଜ୍ୟ ସଂଗଠନ ଚାମ୍ବର ଅଫ୍ ▶ପୃଷ୍ଠା-୭

## ସୁରତ, ତିରୁପୁରରେ ସୂତା କଳ ବନ୍ଦ

■ ନୂଆଦିଲ୍ଲୀ,୨୭।୮(ଏଜେନ୍ସି): ଭାରତୀୟ ସାମଗ୍ରୀ ଉପରେ ଟ୍ରମ୍ପଙ୍କ ଚଢ଼ା ଶୁଳ୍କ ଯୋଗୁଁ ସର୍ବାଧିକ ପ୍ରଭାବିତ ହେବାକୁ ଯାଉଛି ପୋଷାକ ଶିଳ୍ପ। ପୂର୍ବରୁ ଭିଏତନାମ ଏବଂ ବାଂଲାଦେଶରୁ ତୀବ୍ର ପ୍ରତିଯୋଗିତାର ସମ୍ମୁଖୀନ ହେଉଥିବା ଭାରତର ଏହି ଶିଳ୍ପ ଟ୍ରମ୍ପଙ୍କ ୫୦ ପ୍ରତିଶତ ଶୁଳ୍କ ଯୋଗୁଁ ଭୀଷଣ ଭାବେ କ୍ଷତିଗ୍ରସ୍ତ ହେବା ନିଶ୍ଚିତ। ଆଜିଠାରୁ ନୂଆ ଶୁଳ୍କ ଲାଗୁ ହେବାପରେ ତତ୍କ୍ଷଣାତ୍ ଏହାର ପ୍ରଭାବ ଗୁଜରାଟର ସୁରତ୍, ତାମିଲନାଡୁର ତିରୁପୁର ଓ ନୋଇଡ଼ାରେ ଦେଖିବାକୁ ମିଳିଛି। ଏଠାରେ ବୟନ ଓ ପୋଷାକ ନିର୍ମାତାମାନେ ଉତ୍ପାଦନ ବନ୍ଦ କରିବା ଆରମ୍ଭ କରିଦେଇଛନ୍ତି। ଫଳରେ ଏହି ଶିଳ୍ପରେ ନିଯୁକ୍ତ ଲକ୍ଷ ଲକ୍ଷ ଶ୍ରମିକଙ୍କ ଭାଗ୍ୟ ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଛି। ବିଶେଷ କରି ଓଡ଼ିଶାରୁ ପ୍ରାୟ ୫ ଲକ୍ଷ ଶ୍ରମିକ ଏହିସବୁ ସୂତା କଳରେ କାମ କରୁଛନ୍ତି। ଏହି ଶିଳ୍ପ ହଠାତ୍ ଉତ୍ପାଦନ ବନ୍ଦ କରିଦେଇଥିବାରୁ ଏହି ଶ୍ରମିକମାନଙ୍କ ଉପରେ ଚଡ଼କ ପଡ଼ିଛି। କେନ୍ଦ୍ର ସରକାର ତୁରନ୍ତ ହସ୍ତକ୍ଷେପ କରି ଆବଶ୍ୟକ ପଦକ୍ଷେପ ନେବାକୁ ଶ୍ରମିକମାନେ ଦାବି କରିଛନ୍ତି। ଭାରତୀୟ ରପ୍ତାନି ସଂଗଠନ ମହାସଂଘ ସଭାପତି ଏସ୍.ସି.ରାଲହାନ କହିଛନ୍ତି ଯେ ପୋଷାକ ଶିଳ୍ପ ଭିନ୍ନ ଭାରତୀୟ ସାମୁଦ୍ରିକ ଖାଦ୍ୟ ବିଶେଷ କରି ଚିଙ୍ଗୁଡ଼ି ରପ୍ତାନୀ ମଧ୍ୟ ବାଧାପ୍ରାପ୍ତ ହୋଇଛି। ଯେହେତୁ ଆମେରିକା ବଜାରର ମୋଟ ଆବଶ୍ୟକତାର ୪୦% ଭାରତରୁ ରପ୍ତାନୀ ହୋଇଥାଏ, ଶୁଳ୍କ ବୃଦ୍ଧି ଏହାକୁ ଗଭୀର ଭାବରେ ପ୍ରଭାବିତ କରିବ ବୋଲି ସେ କହିଛନ୍ତି ।


**ଲଘୁଚାପ ଘନୀଭୂତ**

# ଦକ୍ଷିଣରେ ବନ୍ୟା ଆଶଙ୍କା

■ ଭୁବନେଶ୍ୱର,୨୭।୮(ସମିସ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଅଧିକ ଘନୀଭୂତ ହୋଇ ସଦୃଶ ଲଘୁଚାପରେ ପରିଣତ ହୋଇଛି। ଏହା ବର୍ତ୍ତମାନ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ କେନ୍ଦ୍ରୀଭୂତ ରହିଛି। ଆଗାମୀ ୨୪ ଘଣ୍ଟା ପର୍ଯ୍ୟନ୍ତ ଏହା ଓଡ଼ିଶା ଉପରେ ରହିବାକୁ ଥିବାରୁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷାର ଆଶଙ୍କା ରହିଛି। ଗୁରୁବାର ବିଶେଷ କରି ନବରଙ୍ଗପୁର, କଳାହାଣ୍ଡି, ବଲାଙ୍ଗିର, ନୂଆପଡ଼ା ଓ ବରଗଡ଼ ଆଦିରେ ବର୍ଷାର ପ୍ରଭାବ ଅଧିକ ରହିବା ନେଇ ପାଣିପାଗ କେନ୍ଦ୍ର କହିଛି। ଅନ୍ୟପଟେ ଉତ୍ତର ଓଡ଼ିଶାରେ ମଧ୍ୟ ବର୍ଷା ବଢ଼ିବା ନେଇ ପୂର୍ବାନୁମାନ କରାଯାଇଛି।

ଗତ ୨୪ ଘଣ୍ଟାରେ ରାଜ୍ୟର ୮ଟି ଅଞ୍ଚଳରେ ୧୦୦ ମିମିରୁ ଅଧିକ ବର୍ଷା ହୋଇଥିବା ବେଳେ ୫ ଟି ଅଞ୍ଚଳରେ ୬୦-୯୦ ମିମି ମଧ୍ୟରେ ବର୍ଷା ରେକର୍ଡ ହୋଇଛି। ବିଶେଷ କରି ଦକ୍ଷିଣ ଓଡ଼ିଶାରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିଥିବାରୁ ଏଠାରେ ବିଭିନ୍ନ ସ୍ଥାନରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ରାଜ୍ୟ ଜଳସମ୍ପଦ ବିଭାଗର ମୁଖ୍ୟଯନ୍ତ୍ରୀ ଚନ୍ଦ୍ରଶେଖର ପାଢୀ କହିଛନ୍ତି ଯେ ବର୍ତ୍ତମାନ ରାଜ୍ୟରେ ବନ୍ୟା ସ୍ଥିତିରେ ସୁଧାର ଆସିବାରେ ଲାଗିଛି। ଏବେ କୌଣସି ନଦୀରେ ବନ୍ୟା ସ୍ଥିତି ନାହିଁ। ଲଘୁଚାପ ପ୍ରଭାବରେ କୋରାପୁଟରେ ପ୍ରବଳ ବର୍ଷା ହୋଇଛି। ସବୁଠୁ ଅଧିକ ବର୍ଷା କୋଲାବ ଅବବାହିକାରେ ହୋଇଛି। ▶ପୃଷ୍ଠା-୭

# ନୂଆଁଖାଇ ଶୁଭେଚ୍ଛା ଜଣାଇଲେ ନବୀନ



■ ଭୁବନେଶ୍ୱର,୨୭।୮(ସମିସ): ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଉପଲକ୍ଷେ ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସମ୍ବଲପୁରୀ ଭାଷାରେ ନବୀନ ଏକ ଭିଡିଓ ବାର୍ତ୍ତାରେ ନୂଆଁଖାଇ ଶୁଭେଚ୍ଛା ଜଣାଇବା ସହ କହିଛନ୍ତି, "ନୂଆଁଖାଇ ଅବସରଥି ଆପଣମାନ୍‌କେ ସମ୍‌କେ ମୋର୍ ଜୁହାର୍। ମାଁ ସମ୍‌ଲେଇ କୃପା ଆପଣମାନ୍‌ଙ୍କର୍ ସମ୍‌ଙ୍କର୍ ଉପରେ ବର୍ଷୁଥାଉ। ଆପଣମାନ୍‌ଙ୍କର୍ ଜୀବନ ସୁଖ୍ ସମୃଦ୍ଧିରେ ଭରିଯାଉ। ଏତ୍‌କି ଗୁହାରି କରୁଛେ। ଜୟ ମାଁ ସମଲେଶ୍ୱରୀ"।


**ଲଗାଣ ବର୍ଷାରେ ବୁଡ଼ିଗଲା ରାଜପଥ**

# କାର୍ ସହ ଭାସିଗଲେ ପରିବାରର ୪

■ ମାଲକାନଗିରି,୨୭।୮(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର କାଙ୍ଗର ଭ୍ୟାଲି ଜାତୀୟ ଉଦ୍ୟାନ ଅଞ୍ଚଳର ୩୦ନମ୍ବର ଜାତୀୟ ରାଜପଥର ଦରଭା ନିକଟରେ ଏକ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି। ବନ୍ୟା ପାଣିରେ କାର୍ ଭାସିଯାଇ ଗୋଟିଏ ପରିବାରର ୪ ଜଣଙ୍କର ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ସ୍ୱାମୀ-ସ୍ତ୍ରୀ ଏବଂ ସେମାନଙ୍କର ଦୁଇ ଝିଅ ଅଛନ୍ତି।



ସୂଚନା ଅନୁଯାୟୀ, ତାମିଲନାଡୁର ଏହି ପରିବାର ବସ୍ତର ବୁଲିବାକୁ ଆସିଥିଲେ। ପରିବାରର ଚାରି ଜଣ ସଦସ୍ୟ ପାଣିର ପ୍ରବଳ ପ୍ରବାହରେ ଫସି ଯାଇଥିଲେ। ପରେ କାର୍‌ଟି ଜଳସ୍ରୋତରେ ଭାସି ଯାଇ ବୁଡ଼ି ଯାଇଥିଲା। କାର୍ ଚାଳକ କୌଶଳ କ୍ରମେ ବଞ୍ଚି ଯାଇଥିବା ବେଳେ ପରିବାରର ୪ ଜଣଙ୍କର ମୃତ୍ୟୁ ଘଟିଛି। ଏ ସମ୍ପର୍କରେ ସୂଚନା ପାଇ ପୋଲିସ ଟିମ୍ ସେଠାରେ ପହଞ୍ଚି ଥିଲେ। ଏଏସ୍ପି ମହେଶ୍ୱର ନାଗ କହିଛନ୍ତି ଯେ ବିଳମ୍ବିତ ରାତିରେ ବହୁ ପରିଶ୍ରମ ପରେ ଏସଡିଆରଏଫ ଦଳ କାରରେ ଫସି ରହିଥିବା ମୃତଦେହ ଗୁଡ଼ିକୁ ବାହାର କରିଛି। ସମସ୍ତ ମୃତଦେହ ଗୁଡିକର ବ୍ୟବଚ୍ଛେଦ ପାଇଁ ଜଗଦଲପୁର ମେଡିକାଲ କଲେଜକୁ ପଠାଯାଇଛି। ଘଟଣାର ତଦନ୍ତ ଜାରି ରହିଛି। ମୃତକମାନେ ଜି ରାଜେଶ (୪୩), ପତ୍ନୀ ଜି ପବିତ୍ରା ରାଜେଶ (୪୦), ସୌଜନ୍ୟା (୭) ଏବଂ ସୌମ୍ୟା (୪) ବୋଲି ଜଣାପଡିଛି।




# ଭାରତ, ଚୀନ୍, ପାକିସ୍ତାନରେ ଜଳ ପ୍ରଳୟ

ନୂଆଦିଲ୍ଲୀ, ୨୭ ।୮(ଏଜେନ୍ସି): ଭାରତ, ପାକିସ୍ତାନ ଓ ଚୀନ୍ ସମେତ ସମଗ୍ର ଦକ୍ଷିଣ ଏସିଆରେ ବନ୍ୟାର ତାଣ୍ଡବ ଦେଖିବାକୁ ମିଳୁଛି। ଏଥିପାଇଁ ଧନଜୀବନ ହାନି ହେବା ସହ ଜୀବିକା ମଧ୍ୟ ଧ୍ୱଂସ ହେଉଛି। ଏହି ଅଞ୍ଚଳରେ ଅତ୍ୟଧିକ ତଥା ପ୍ରବଳ ବର୍ଷା କାରଣରୁ ଏପରି ହେଉଛି। ତେବେ ଏହି ଅଞ୍ଚଳରେ ଏତେ ବର୍ଷା କାହିଁକି ହେଉଛି ସେ ନେଇ ଏବେ ପ୍ରଶ୍ନ ଉଠୁଛି। ବର୍ଷା କାରଣରୁ ଭୟଙ୍କର ଭୂସ୍ଖଳନ ହେଉଛି। ଏଭଳି ଭୂସ୍ଖଳନ ହିମାଳୟ ଉପତ୍ୟକାରେ ଅବସ୍ଥିତ ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ ଓ ଜମ୍ମୁ-କଶ୍ମୀର ଭଳି ରାଜ୍ୟରେ ଅଧିକ ଘଟୁଥିବା ଲକ୍ଷ୍ୟ କରାଯାଉଛି। ଫଳରେ ବ୍ୟାପକ ଜନଜୀବନ ହାନୀ ହେବା ସହ ରାସ୍ତାଘାଟ କ୍ଷତିଗ୍ରସ୍ତ ହେଉଛି। ଦ୍ରୁତ ସହରିକରଣ, ଔଦ୍ୟୋଗିକକରଣ, ବ୍ୟାପକ ଜଙ୍ଗଲ କ୍ଷୟ ଯୋଗୁଁ ପାଣିପାଗରେ ଅସ୍ୱାଭାବିକ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି। ଗଙ୍ଗା ନଦୀର ଜଳସ୍ତର ବୃଦ୍ଧିପାଉଥିବାରୁ ଉତ୍ତରପ୍ରଦେଶ ଓ ବିହାର ଭଳି ରାଜ୍ୟରେ ଅସ୍ୱାଭାବିକ ଭାବେ ବନ୍ୟାର ତାଣ୍ଡବ ଦେଖିବାକୁ ମିଳିଛି। ତାୱି, ଚେନାବ ଓ ବସନ୍ତାର ନଦୀରେ ବାରମ୍ବାର ପ୍ରବଳ ବନ୍ୟା ଦେଖିବାକୁ ମିଳିଛି ଓ ତଳିଆ ଅଞ୍ଚଳରେ କ୍ଷୟକ୍ଷତିର ପରିମାଣ ଅଧିକ ଦେଖିବାକୁ ମିଳିଛି।

ପାକିସ୍ତାନର ଉତ୍ତରାଞ୍ଚଳ ଯଥା ଖାଇବର ପଖତୁନଖ୍ୱା (କେପିକେ), ଗିଲଗିଟ ବାଲ୍ଟିସ୍ତାନ ଓ ପଞ୍ଜାବ ବନ୍ୟା ଯୋଗୁଁ ଅଧିକ କ୍ଷତଗ୍ରସ୍ତ ହେଉଛି। ସେହିପରି ଚୀନ୍‌ରେ ଗତ ଦୁଇମାସ ହେବ ଜାରି ରହିଥିବା ପ୍ରବଳ ବର୍ଷା ଯୋଗୁଁ ମୋଟ୍ ଉପରେ ୧.୮୪ ଲକ୍ଷ କୋଟି ଟଙ୍କା କ୍ଷତି ହୋଇଛି। ବର୍ଷା ଦିନେ ଏହି ଅଞ୍ଚଳରେ ସ୍ୱାଭାବିକ୍ ଭାବେ ବର୍ଷା ହୋଇଥାଏ। କିନ୍ତୁ ଚଳିତ ବର୍ଷ ବର୍ଷାର ପରିମାଣ ଅସ୍ୱାଭାବିକ ଭାବେ ବୃଦ୍ଧି ପାଇଛି। ଏ ନେଇ ଗହନ ଯାଞ୍ଚର ଆବଶ୍ୟକତା ରହିଛି। ସମଗ୍ର ଅଞ୍ଚଳରେ ବର୍ଷାର ଆପେକ୍ଷିକ ସ୍ଥାନ, ସମୟ ଓ ପରିମାଣରେ ପରିବର୍ତ୍ତନ ହୋଇଛି। ତାପମାତ୍ରା ବୃଦ୍ଧି ଯୋଗୁଁ ମୌସୁମୀ ଏବେ ଦକ୍ଷିଣ ଆଡକୁ ମୁହାଁଇଥିବା ଲକ୍ଷ୍ୟ କରାଯାଇଛି। ଏହି କ୍ରମରେ ଭାରତର ଉତ୍ତରାଞ୍ଚଳ ରାଜ୍ୟ ଅପେକ୍ଷା ରାଜସ୍ଥାନ ଓ ଗୁଜରାଟରେ ଅଧିକ ବର୍ଷା ହୋଇଛି। ତାପବୃଦ୍ଧି ହେବା ସହ ପାର୍ବତ୍ୟାଞ୍ଚଳରେ ବାଷ୍ପିକରଣରେ ବୃଦ୍ଧି ପରିଲକ୍ଷିତ ହେଉଛି। ବାଦଲ ଆବଶ୍ୟକତାଠାରୁ ଅଧିକ ଆଦ୍ରତା ରହୁଥିବାରୁ ଅଳ୍ପ ସମୟ ମଧ୍ୟରେ ପ୍ରବଳ ବର୍ଷା ପରିଲକ୍ଷିତ ହେଉଛି। ସେହିପରି ଭୂପୃଷ୍ଠ ଜଳରେ ଅତ୍ୟଧିକ ବାଷ୍ପିକରଣ ଯୋଗୁଁ ମଧ୍ୟ ଅଧିକ ବର୍ଷା ହେଉଛି। ପାକିସ୍ତାନର ଉତ୍ତରାଞ୍ଚଳରେ ମଧ୍ୟ ସମାନ ସ୍ଥିତି ପରିଲକ୍ଷିତ ହେଉଛି। ତାପମାତ୍ରରେ ବୃଦ୍ଧି କାରଣରୁ ପାକିସ୍ତାନ ଓ ଉତ୍ତରପଶ୍ଚିମ ଭାରତରେ ଲଘୁଚାପ ସୃଷ୍ଟି ହେଉଛି। ଉଚ୍ଚ ଚାପଯୁକ୍ତ ଅଞ୍ଚଳରୁ ନିଚ୍ଚ ଚାପଯୁକ୍ତ ଅଞ୍ଚଳକୁ ବାୟୁ ସଞ୍ଚାଳିତ ହେବାରୁ ପ୍ରବଳ ବର୍ଷା ହେଉଛି। ପୁଣି ଦକ୍ଷିଣ ଏସିଆରେ ଖରାପ ଜଳ ସଂରକ୍ଷଣ ଓ ପ୍ରବନ୍ଧନ କାରଣରୁ ବନ୍ୟାକୁ ନିୟନ୍ତ୍ରଣ କରାଯାଇ ପାରୁନାହିଁ। ପ୍ରାକୃତିକ ବିପର୍ଯ୍ୟୟର ପ୍ରାକ ସୂଚନା ଯୋଗୁଁ ଜୀବନ ହାନୀ ସଂଖ୍ୟା କମ୍ ହେଉଥିଲେ ମଧ୍ୟ ଧନସମ୍ପତ୍ତି କ୍ଷୟକ୍ଷତିକୁ ରୋକା ଯାଇପାରୁନାହିଁ। ତେଣୁ ପ୍ରକୃତିର ତାଣ୍ଡବରୁ ରକ୍ଷା ପାଇବାକୁ ହେଲ ପ୍ରକୃତିକୁ ସମ୍ମାନ ଦେବାର ସମୟ ଆସି ଉପନୀତ ହୋଇଛି।

### ଦକ୍ଷିଣ ଏସିଆରେ କାହିଁକି ହେଉଛି ଅସ୍ୱାଭାବିକ ବର୍ଷା ?



## ରଣଭାର ପାଇଁ ପୁଅକୁ ବିଷ ପିଆଇ ଜୀବନ ହାରିଲେ ଦମ୍ପତି

ନୂଆଦିଲ୍ଲୀ, ୨୭ ।୮(ଏଜେନ୍ସି): ଉତ୍ତରପ୍ରଦେଶ ଶାହାରାନପୁରରେ ଏକ ଅଭାବନୀୟ ଘଟଣା ଘଟିଛି। ରଣଭାରରେ ବୁଡିଥିବା ପୋଷାକ ବ୍ୟବସାୟୀ ସଚିନ ଗ୍ରୋଭର (୩୦) ତାଙ୍କ ପତ୍ନୀ ଶିବାନୀ (୨୮) ମଙ୍ଗଳବାର ରାତିରେ ନିଜର ୪ ବର୍ଷର ପୁଅ ଫତେକୁ ବିଷ ପିଆଇ ନିଜେ ଆତ୍ମହତ୍ୟା କରିଛନ୍ତି। ପୁଅର ମୃତଦେହ ଗାଧୁଆ ଘରେ ଉଦ୍ଧାର କରାଯାଇଥିବାବେଳେ ସ୍ୱାମୀସ୍ତ୍ରୀଙ୍କ ମୃତଦେହ ସିଲିଂ ଫ୍ୟାନରେ ଝୁଲୁଥିବାର ଦେଖାଯାଇଥିଲା। ଘଟଣାସ୍ଥଳରୁ ମିଳିଥିବା ସୁଇସାଇଡ ନୋଟରେ ଆୟର ଅଭାବ ଓ ରଣଭାର ପାଇଁ ଏଭଳି ଚରମ ନିଷ୍ପତ୍ତି ନେଲୁ ବୋଲି କୁହାଯାଇଛି।

## ଗୁଗୁଲ ମ୍ୟାପ୍ ନେଲା ୩ ଜୀବନ

ଜୟପୁର, ୨୭ ।୮(ଏଜେନ୍ସି): ଗୁଗୁଲ ମ୍ୟାପ୍ ମୃତ୍ୟୁଯନ୍ତା ପାଲଟି ଯାଇଛି। ଏହି ଆପ୍‌କୁ ଭରସା କରିବାରୁ ରାଜସ୍ଥାନ ଚିତୋରଗଡ଼ରେ ତିନି ଜଣଙ୍କ ଜୀବନ ନେଇଛି। ଗୁଗୁଲ ମ୍ୟାପ୍ ଭୁଲ୍ ରାସ୍ତା ଦେଖାଇବାରୁ ୯ ଜଣଙ୍କୁ ନେଇ ଯାଉଥିବା ଭ୍ୟାନ୍ ରାତିରେ ବାଟବଣା ହୋଇ ୩ ବର୍ଷ ହେଲା ବନ୍ଦଥିବା ଏକ ଭଙ୍ଗା ପୋଲ ଉପରୁ କେନାଲକୁ ଖସି ପଡ଼ିଥିଲା। ପରେ ୫ ଜଣ ସଂଘର୍ଷ କରି ପାଣି ଭିତରୁ ବାହରକୁ ବାହରି ଆସିଥିଲେ। ମାତ୍ର ୨ଜଣ ମହିଳା ଓ ୪ ବର୍ଷର ଶିଶୁକନ୍ୟା ବାହାରି ନ ପାରିବାରୁ ପ୍ରାଣ ହରାଇ ଥିଲେ। ଅନ୍ୟ ଜଣେ ମହିଳା ମଧ୍ୟ ନିଖୋଜ ଅଛନ୍ତି। ଏହି ଭ୍ୟାନ ରାତିରେ ଯିବାବେଳେ ଗାଁ ଲୋକେ ରୋକିବାକୁ ପ୍ରୟାସ କରିଥିଲେ। କିନ୍ତୁ ଗୁଗୁଲ ମ୍ୟାପ୍‌କୁ ଭରସା କରି ଏମାନେ ଆଗେଇ ଯାଇଥିଲେ ବୋଲି ସ୍ଥାନୀୟ ଲୋକ କହିଛନ୍ତି।

## ଆମେରିକା ସ୍କୁଲ୍‌ରେ ଗୁଳିକାଣ୍ଡ; ୩ ମୃତ

ସେଣ୍ଟ ପଲ୍, ୨୭ ।୮(ଏଜେନ୍ସି): ଆମେରିକାର ସ୍କୁଲ୍‌ରେ ପୁଣି ଏକ ଅଘଟଣ ହୋଇଛି। ମିନେସୋଟା ରାଜ୍ୟର ମିନିଏପଲିସ୍ କ୍ୟାଥଲିକ୍ ସ୍କୁଲ୍‌ରେ ବୁଧବାର ସକାଳେ ହୋଇଥିବା ଗୁଳିକାଣ୍ଡରେ ସୁଟର ସମେତ ୩ ଜଣ ମୃତ୍ୟୁବରଣ କରିଛନ୍ତି। ଏଥିରେ ୨୦ଜଣ ଆହତ ହୋଇଛନ୍ତି। ସକାଳେ ପିଲାମାନେ ଏକାଠି ହେବା ବେଳେ ସୁଟରଜଣକ ଗୁଳି ଚଳାଇଥିଲେ ବୋଲି ସ୍ଥାନୀୟ ଗଣମାଧ୍ୟମଗୁଡିକ ସୂଚନା ଦେଇଛନ୍ତି। ସୁଟରଜଣକ ପୁଲିସ ଗୁଳିରେ ମୃତ୍ୟୁବରଣ କରିଛି। ସ୍କୁଲ୍‌କୁ ତୁରନ୍ତ ଖାଲି କରାଯାଇଥିଲା ଓ ଆମ୍ବୁଲାନ୍ସ ଯୋଗେ ଆହତ ହୋଇଥିବା ଛାତ୍ରମାନଙ୍କୁ ନିକଟସ୍ଥ ହସ୍ପିଟାଲକୁ ନିଆଯାଇଥିଲା। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଏହି ଘଟଣା ସମ୍ପର୍କରେ ମିନେସୋଟା ଗଭର୍ଣ୍ଣର ଅବଗତ କରାଇଛନ୍ତି।

## ଅଧା ସାଂସଦ, ବିଧାୟକଙ୍କ ନାମରେ ମାମଲା

ନୂଆଦିଲ୍ଲୀ, ୨୭।୮ (ଏଜେନ୍ସି): ଆପରାଧିକ ମାମଲାରେ ଗିରଫ ହୋଇ ୩୦ ଦିନ ପର୍ଯ୍ୟନ୍ତ ଜେଲ୍‌ରେ ଥିବା ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ କିମ୍ବା ମନ୍ତ୍ରୀଙ୍କୁ ହଟାଇବା ପାଇଁ କେନ୍ଦ୍ର ସରକାର ୧୩୦ ତମ ସମ୍ବିଧାନ ସଂଶୋଧନ ବିଲ୍ ଆଣିଛନ୍ତି। ଏପରି ସମୟରେ ଚିନ୍ତା ଜନକ ରିପୋର୍ଟ ସାମ୍ନାକୁ ଆସିଛି। ଦେଶର ଅଧା ସାଂସଦ ଏବଂ ବିଧାୟକ ବିରୋଧରେ ଆପରାଧିକ ମାମଲା ରହିଛି। ଆପରାଧିକ ମାମଲା ଥିବା ସାଂସଦଙ୍କ ସଂଖ୍ୟା ଗତ ୧୫ ବର୍ଷରେ ୧୬% ବୃଦ୍ଧି ପାଇଛି। ୨୦୦୯ରେ ୩୦ % ସାଂସଦଙ୍କ ଉପରେ ଆପରାଧିକ ମାମଲା ଥିଲା। ଏମାନଙ୍କ ମଧ୍ୟରୁ ୧୪ %ଙ୍କ ଉପରେ ଗମ୍ଭୀର ମାମଲା ରହିଥିଲା। ୨୦୧୪ରେ ଏହା ଏକ ତୃତୀୟାଂଶ ଏବଂ ଗମ୍ଭୀର ମାମଲା ଏକ ପଞ୍ଚମାଂଶ ହୋଇଥିଲା। ସେହିପରି ୨୦୧୯ରେ ୪୩%ଏବଂ ଗମ୍ଭୀର ମାମଲା ୨୯% ଥିଲା। କିନ୍ତୁ ୨୦୨୪ ନିର୍ବାଚନ ପରେ ଗଠିତ ସଂସଦରେ ଏହି ସଂଖ୍ୟା ଅଧିକ ବୃଦ୍ଧି ପାଇଥିଲା। ଏବେ ୪୬ % ସାଂସଦଙ୍କ ବିରୋଧରେ ଆପରାଧିକ ମାମଲା ରହିଛି। ଏହା ମଧ୍ୟରୁ ୩୧%ଙ୍କ ଉପରେ ଗମ୍ଭୀର ମାମଲା ରୁଜୁ ହୋଇଛି। ନିର୍ବାଚନ ସୁଧାର ପାଇଁ କାର୍ଯ୍ୟ କରୁଥିବା ଏନ୍‌ଜିଓ ଆସୋସିଏସନ ଫର୍ ଡେମୋକ୍ରାଟିକ ରିଫର୍ମ୍ସ (ଏଡିଆର) ପକ୍ଷରୁ ଜାରି ରିପୋର୍ଟରେ ଏହି ସୂଚନା ଦିଆଯାଇଛି। ରିପୋର୍ଟ ଅନୁଯାୟୀ ବର୍ତ୍ତମାନ ସମୟରେ ସାରା ଦେଶର ୪୫ ପ୍ରତିଶତ ବିଧାୟକ ବିରୋଧରେ ଆପରାଧିକ ମାମଲା ରହିଛି। ମହିଳା ସମ୍ବନ୍ଧିତ ଅପରାଧରେ ପଶ୍ଚିମବଙ୍ଗ (୨୩ ବିଧାୟକ) ଆଗରେ ରହିଛି। ଆନ୍ଧ୍ରପ୍ରଦେଶ ଦ୍ୱିତୀୟ (୨୧ ବିଧାୟକ) ସ୍ଥାନରେ ଅଛି। ସେହିପରି ଓଡ଼ିଶାର ୧୬ ଜଣ, ମହାରାଷ୍ଟ୍ରର ୧୦ ଜଣ ଏବଂ ବିହାର ୮ ଜଣ ବିଧାୟକଙ୍କ ବିରୋଧରେ ମହିଳା ବିରୋଧୀ ମାମଲା ରହିଛି। ସେହିପରି ଦେଶର ୪୫ % ବିଧାୟକ ନିଜ ନାମରେ ଆପରାଧିକ ମାମଲା ଥିବା ଘୋଷଣା କରିଛନ୍ତି। ତେବେ ଏମାନଙ୍କ ମଧ୍ୟରୁ ୨୯ ପ୍ରତିଶତଙ୍କ ବିରୋଧରେ ଗମ୍ଭୀର ମାମଲା ରହିଛି।

### ଦେଶରେ ଆପରାଧିକ ରେକର୍ଡ ଥିବା ସାଂସଦଙ୍କ ସଂଖ୍ୟା ୧୬% ବୃଦ୍ଧି

## ଯୌତୁକ ହତ୍ୟା ମାମଲାର ମୋଡ଼ ବଦଳିଲା

ନୋଏଡ଼ା, ୨୭।୮ (ଏଜେନ୍ସି): ନୋଏଡ଼ାରେ ଯୌତୁକ ପାଇଁ ନିକି ଭାଟିଙ୍କୁ ଜିଅନ୍ତା ଜାଳିଦେବା ମାମଲା ଦିନକୁ ଦିନ ନୂଆ ମୋଡ଼ ନେବାରେ ଲାଗିଛି। ନିକିଙ୍କ ପରିବାର ତାଙ୍କ ସ୍ୱାମୀ ବିପିନ ଏବଂ ଶଶୁର ଘର ବିରୋଧରେ ଯୌତୁକ ମାମଲା ରୁଜୁ କରିଥିବାବେଳେ ଏବେ ନିଜ ପରିବାର ଉପରେ ସମାନ ଅଭିଯୋଗ ଲାଗିଛି। ନିକିଙ୍କ ଭାଇ ରୋହିତ ପାୟଲାଙ୍କ ସ୍ତ୍ରୀ (ଅଲଗା ରହୁଥିବା) ମିନାକ୍ଷୀ ଏହି ଅଭିଯୋଗ ଲଗାଇଛନ୍ତି। ଶଶୁର ଘର ଲୋକ ତାଙ୍କୁ ଯୌତୁକ ପାଇଁ ନିର୍ଯାତନା ଦେଉଥିବା କହିଛନ୍ତି।

ରୋହିତ ୨୦୧୬ରେ ପାଲା ଗ୍ରାମର ମିନାକ୍ଷୀଙ୍କୁ ବିବାହ କରିଥିଲେ। ତାଙ୍କ ପରିବାର ଯୌତୁକରେ ମାରୁତି ସୁଜୁକି ସିଆଜ ଦେଇଥିଲେ। କିନ୍ତୁ ଅଶୁଭ କହି ଶଶୁର ଘର ଲୋକେ ଏହାକୁ ବିକି ଦେଇଥିଲେ। ଏହା ବଦଳରେ ସ୍କର୍ପିଓ ଏସ୍‌ୟୁଭି ଏବଂ ଟଙ୍କା ମାଗିଥିବା ମିନାକ୍ଷୀଙ୍କ ପରିବାର ଦାବି କରିଛନ୍ତି। ମାତ୍ର ଏହା ଦେବାକୁ ମନା କରିବାରୁ ପାୟଲା ପରିବାର ବୋହୂ ମିନାକ୍ଷୀଙ୍କୁ ବାପ ଘରକୁ ପଠାଇ ଦେଇଥିଲେ। ପରେ ଏହି ମାମଲା ଗ୍ରାମପଞ୍ଚାୟତକୁ ଯାଇଥିଲା। ଏହାର ବିଚାର କରି ବୋହୂକୁ ଗ୍ରହଣ କର ନଚେତ ବିବାହରେ ଖର୍ଚ୍ଚ ହୋଇଥିବା ୩୫ ଲକ୍ଷ ଟଙ୍କା ଫେରାଇବାକୁ ପାୟଲା ପରିବାରକୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ଏହାକୁ ନିକିଙ୍କ ପରିବାର ମାନି ନ ଥିଲେ। ଆଜି ପର୍ଯ୍ୟନ୍ତ ମିନାକ୍ଷୀ ଅଲଗା ହୋଇ ରହିଛନ୍ତି। ନିକିଙ୍କ ବାପା ଭିକାରୀ ସିଂହ ପାୟଲା ତାଙ୍କୁ ଗ୍ରହଣ କରିବାକୁ ରାଜି ହେଉ ନ ଥିବା ମିନାକ୍ଷୀ କହିଛନ୍ତି।

ଏ ବିଷୟରେ ନିକିଙ୍କ ଭାଇକୁ ପଚରାଯିବାରୁ ସେ କିଛି କହିବାକୁ ରାଜି ନ ଥିଲେ। ଏହା କେବଳ ଅଭିଯୋଗ କହି ଏଡ଼ାଇ ଯାଇଥିଲେ। କିନ୍ତୁ ତାଙ୍କ ପାଖରେ ଛିଡ଼ା ହୋଇଥିବା ଜଣେ ବ୍ୟକ୍ତି କହିଥିଲେ ଯେ ଏହି ମାମଲାକୁ ନେଇ ଦୁଇ ପରିବାର ପରସ୍ପର ଉପରେ ବନ୍ଧୁକ ଉଠାଇ ଥିଲେ। ସେ ପାୟଲା ପରିବାରଙ୍କ ପକ୍ଷ ନେଇ ଆମେ ମିନାକ୍ଷୀଙ୍କୁ ପୋଡ଼ି ନାହୁଁ ବୋଲି କହିଥିଲେ। ଅନ୍ୟପଟେ ଗିରଫ ହୋଇଥିବା ନିକିଙ୍କ ଶଶୁର ମିନାକ୍ଷୀଙ୍କୁ ଘରକୁ ଫେରେଇ ନେବାକୁ ଆଶ୍ୱାସନା ଦେଇଥିଲେ। ସମ୍ପର୍କ ଆଧାରରେ ସେ ପାୟଲାଙ୍କୁ ବୁଝାଇବେ ବୋଲି କହିଥିଲେ। ପୂର୍ବରୁ ନିକିଙ୍କ ବାପା ମଧ୍ୟ ଯୌତୁକକୁ ଉଚିତ ଦର୍ଶାଇ ଥିଲେ। ଆମ ସମାଜରେ ଏପରି ଚାଲୁଛି ବୋଲି କହିଥିଲେ।

### ନିକିଙ୍କ ପରିବାର ବିରୋଧରେ ଯୌତୁକ ନିର୍ଯାତନା ଅଭିଯୋଗ


## ଟ୍ରମ୍ପଙ୍କ ଦାବି | ଯୁଦ୍ଧ ବନ୍ଦ ପାଇଁ ମୋଦୀଙ୍କୁ ଧମକ ଦେଇଥିଲି



ୱାଶିଂଟନ, ୨୭।୮ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଭାରତ-ପାକିସ୍ତାନ ସଂଘର୍ଷକୁ ବନ୍ଦ କରି ପରମାଣୁ ଯୁଦ୍ଧ ଅଟକାଇ ଥିବା ଦାବି କରିଛନ୍ତି। ବୁଧବାର ହ୍ୱାଇଟ ହାଉସରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଟ୍ରମ୍ପ କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଫୋନ୍ କରି ଚେତାବନୀ ଦେଇଥିଲି। ଯୁଦ୍ଧ ବନ୍ଦ ନ କଲେ ଚଢ଼ା ଶୁଳ୍କ ଲଗାଇବାକୁ କହିଥିଲି। ଏହି ସଂଘର୍ଷ ପରମାଣୁ ଯୁଦ୍ଧମୁହାଁ ହେଉଥିଲା। ତେଣୁ ଦୁଇ ଦେଶ ମଧ୍ୟରେ ବିବାଦର ସମାଧାନ ନ ହେବା ପର୍ଯ୍ୟନ୍ତ ବାଣିଜ୍ୟ ଚୁକ୍ତିକୁ ରୋକି ଦିଆଯିବ। ଭାରତ ଉପରେ ଏତେ ଶୁଳ୍କ ଲଗାଯିବ ଯେ ମୁଣ୍ଡ ବୁଲାଇବ ବୋଲି କହିଥିଲି। ଏହାର ୫ ଘଣ୍ଟା ପରେ ଦୁଇ ଦେଶ ପଛକୁ ହଟିଥିଲେ। ତେବେ ଭାରତ ସର୍ବଦା ଏହି ଦାବିକୁ ଖାରଜ କରି ଆସିଛି। ଟ୍ରମ୍ପ ପୁଣି କହିଥିଲେ ଯେ ମୋଦୀ ଜଣେ ବହୁତ ଭଲ ଲୋକ। ତାଙ୍କ ସହ କଥା ହୋଇ ଭାରତ ଏବଂ ପାକିସ୍ତାନ ମଧ୍ୟରେ କ'ଣ ଚାଲିଛି ବୋଲି ପଚାରି ଥିଲି। ଉଭୟ ଦେଶ ମଧ୍ୟରେ ଘୃଣା ଥିଲା। ଏବେ ଏହି ମାମଲାର ସମାଧାନ ହୋଇଯାଇଛି। ପୁଣି ଆରମ୍ଭ ହେଲେ ମଧ୍ୟ ରୋକିବି। କେବେ ଏପରି ହେବାକୁ ଦେବୁନି। ଟ୍ରମ୍ପ ଦାବି କରିଛନ୍ତି ଯେ ଏହି ସଂଘର୍ଷରେ ଅନେକ ଯୁଦ୍ଧ ବିମାନ ଧ୍ୱଂସ ହୋଇଛି। ଏହାର ମୂଲ୍ୟ ପ୍ରାୟ ୧୫ କୋଟି ଡଲାର ହେବ। ତେବେ ଟ୍ରମ୍ପ ଏ ନେଇ କୌଣସି ପ୍ରମାଣ ଦେଇନାହାନ୍ତି। କିନ୍ତୁ ସେ ଏହି ସଂଘର୍ଷକୁ ରୁଷ-ୟୁକ୍ରେନ ଯୁଦ୍ଧ ସହ ତୁଳନା କରି ଏହା ବୈଶ୍ୱିକ ସଙ୍କଟରେ ରୂପ ନେଇପାରିଥାନ୍ତା ବୋଲି କହିଥିଲେ।

## ସ୍କୁଲ ଟଏଲେଟ୍‌ରେ ଜଳିଗଲେ ଛାତ୍ରୀ

ପାଟନା, ୨୭ ।୮(ଏଜେନ୍ସି): ବିହାର ପାଟନାରେ ଆଉ ଏକ ବଡ଼ ଘଟଣା ଘଟିଛି। ଗର୍ଦ୍ଦନିବାଗ ଅଞ୍ଚଳରେ ଚିତଖୋରା ଅଞ୍ଚଳର ଏକ ସରକାରୀ ବିଦ୍ୟାଳୟରେ ଜଣେ ୫ମ ଶ୍ରେଣୀ ଛାତ୍ରୀ ନିଆଁରେ ଜଳି ଯାଇଛନ୍ତି। ଆମଲା ଟୋଲା କନ୍ୟା ବିଦ୍ୟାଳୟର ଏକ ଟଏଲେଟ୍‌ରେ ଜଳିଯାଇ ଛାତ୍ରୀଜଣକ ମୃତ୍ୟୁବରଣ କରିଛନ୍ତି। ଟଏଲେଟରୁ ଧୂଆଁ ବାହରୁଥିବାର ଦେଖି ଶିକ୍ଷକ ଓ ବିଦ୍ୟାଳୟ କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରିଥିଲେ। ଘଟଣାପରେ ଛାତ୍ରୀଙ୍କ ପରିବାର ଲୋକେ ଓ ଛାତ୍ରମାନେ ସ୍କୁଲ୍‌ରେ ଭଙ୍ଗାରୁଜା କରିଛନ୍ତି। ସୂଚନା ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। କିନ୍ତୁ ଉତ୍ୟକ୍ତ ଲୋକେ ପୁଲିସ ଉପରେ ଆକ୍ରମଣ କରିଥିଲେ।



## କଲେଜିୟମ ଅସହମତି ସତ୍ତ୍ୱେ ୨ ବିଚାରପତି ନିଯୁକ୍ତ

ନୂଆଦିଲ୍ଲୀ, ୨୭।୮ (ଏଜେନ୍ସି): ପାଟନା ହାଇକୋର୍ଟର ମୁଖ୍ୟ ବିଚାରପତି (ସିଜେ) ଭିପୁଲ ପାଞ୍ଚୋଲି ଏବଂ ବମ୍ବେ ହାଇକୋର୍ଟର ସିଜେ ଆଲୋକ ଅରାଧେଙ୍କୁ ସୁପ୍ରିମକୋର୍ଟ ବିଚାରପତି ନିଯୁକ୍ତି କରାଯାଇଛି। ବିଚାରପତିଙ୍କ ମଧ୍ୟରେ ଅସହମତି ସତ୍ତ୍ୱେ ସୁପ୍ରିମକୋର୍ଟ କଲେଜିୟମ କରିଥିବା ଏହି ସୁପାରିସକୁ ବୁଧବାର କେନ୍ଦ୍ର ମଞ୍ଜୁରୀ ଦେଇଛି। ଆଇନମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଏହି ସୂଚନା ଦେଇଛନ୍ତି। ଏହା ସହିତ ସୁପ୍ରିମକୋର୍ଟ ବିଚାରପତିଙ୍କ ସଂଖ୍ୟା ୩୪ରେ ପହଞ୍ଚିଛି। ତେବେ ଜଷ୍ଟିସ ପାଞ୍ଚୋଲିଙ୍କ ସୁପାରିସକୁ ନେଇ କଲେଜିୟମରେ ସାମିଲ ଜଷ୍ଟିସ ବିଭି ନାଗରତ୍ନା ଏହାକୁ ତୀବ୍ର ବିରୋଧ କରିଥିଲେ। ଜଷ୍ଟିସ ପାଞ୍ଚୋଲିଙ୍କ ସୁପାରିସ ନ୍ୟାୟପାଳିକା ଉପରେ ପ୍ରତିକୂଳ ପ୍ରଭାବ ପକାଇବ ଏବଂ କଲେଜିୟମର ବିଶ୍ୱସନୀୟତାକୁ ନଷ୍ଟ କରିଦେବ ବୋଲି କହିଥିଲେ। ଜଷ୍ଟିସ ପାଞ୍ଚୋଲି ସୁପ୍ରିମକୋର୍ଟକୁ ପଦୋନ୍ନତି ପାଇଲେ ୨୦୩୧ ଅକ୍ଟୋବର ସୁଦ୍ଧା ସିଜେଆଇ ହୋଇପାରନ୍ତି। ସୂତ୍ର ଅନୁଯାୟୀ ଗତ ମେ' ମାସରେ ମଧ୍ୟ ଜଷ୍ଟିସ ନାଗରତ୍ନା ଏହି ପ୍ରସ୍ତାବ ଉପରେ ଅସହମତି ପ୍ରକାଶ କରିଥିଲେ। ସେତେବେଳେ ପ୍ରଥମ ଥର ପାଇଁ ଜଷ୍ଟିସ ପାଞ୍ଚୋଲିଙ୍କ ନାମ ସାମ୍ନାକୁ ଆସିଥିଲା। ପରେ ଜଷ୍ଟିସ ଏନ ଭି ଅଞ୍ଜାରିଆଙ୍କୁ ନିଯୁକ୍ତି କରାଯାଇଥିଲା। ତେଣୁ ତିନି ମାସ ପରେ ପୁଣି ଜଷ୍ଟିସ ପାଞ୍ଚୋଲିଙ୍କ ନାମ ସାମ୍ନାକୁ ଆସିବାରୁ ଜଷ୍ଟିସ ନାଗରତ୍ନା ଔପଚାରିକ ଭାବେ ଅସହମତି ପ୍ରକଟ କରିଥିଲେ।

- ଜମ୍ମୁ-କାଶ୍ମୀରର ଅନନ୍ତନାଗ କୋର୍ଟ ଜଳମଗ୍ନ

## ବୋଟ୍‌ରେ ପହଞ୍ଚିଲେ ବିଚାରପତି

ଅନନ୍ତନାଗ,୨୭ ।୮(ଏଜେନ୍ସି): ଜମ୍ମୁ-କଶ୍ମୀରରେ ଭୀଷଣ ବର୍ଷା ଯୋଗୁ ରାଜ୍ୟର ଅଧିକାଂଶ ସ୍ଥାନ ଜଳମଗ୍ନ ହୋଇଛି। ଅନନ୍ତନାଗର ଜିଲ୍ଲା କୋର୍ଟରେ ମଧ୍ୟ ବନ୍ୟାଜଳ ପସିଛି। ବନ୍ୟା ସତ୍ତ୍ୱେ ପ୍ରଧାନ ଜିଲ୍ଲା ବିଚାରପତି ତାହିର ଖୁର୍ସିଦ ରାଇନା ବୋଟ୍ ଯୋଗେ କୋର୍ଟ ପରିସରରେ ପହଞ୍ଚି ବନ୍ୟା ସ୍ଥିତି, ନ୍ୟାୟିକ ଓ ଅତ୍ୟାବଶକୀୟ କାର୍ଯ୍ୟ ଯେପରି ବାଧାପ୍ରାପ୍ତ ନହୁଏ ସେ ନେଇ ସମୀକ୍ଷା କରିଥିଲେ। ବନ୍ୟା ଯୋଗୁ କୋର୍ଟ ରୁମ୍, କାର୍ଯ୍ୟାଳୟ, ରେକର୍ଡ ରୁମ୍ ମଧ୍ୟ ଜଳମଗ୍ନ ହୋଇଥିଲା। ନ୍ୟାୟିକ ରେକର୍ଡର ସୁରକ୍ଷା ବିଷୟରେ ବୁଝାସୁଝା କରିବାକୁ ସେ କୋର୍ଟ ପରିସରରେ ବୋଟ ଯୋଗେ ପ୍ରବେଶ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ମନ୍ତ୍ରୀ, ବିଧାୟକଙ୍କୁ ଘଉଡ଼ାଇଲେ ଗ୍ରାମବାସୀ



ନାଳନ୍ଦା, ୨୭।୮ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ନାଳନ୍ଦାର ମଲାମା ଗ୍ରାମରୁ ଆଶ୍ଚର୍ଯ୍ୟ କଲା ଭଳି ଏକ ଖବର ଆସିଛି। ଏଠାରେ ଗ୍ରାମବାସୀ ଗ୍ରାମୀଣ ବିକାଶମନ୍ତ୍ରୀ ଶ୍ରବଣ କୁମାର ଏବଂ ହିଲ୍‌ସା ବିଧାୟକ କୃଷ୍ଣ ମୁରାରୀ ଓରଫ ପ୍ରେମ ମୁଖିଆଙ୍କ ଉପରେ ରାଗି ଯାଇଛନ୍ତି। ସ୍ଥିତି ଏମିତି ହୋଇଛି ଯେ ମନ୍ତ୍ରୀ ଏବଂ ବିଧାୟକ କାର୍‌ରେ ବସିବା ପରେ ବି ଲୋକେ ଛାଡ଼ି ନ ଥିଲେ। ଚାରିପଟୁ ଘେରି ଠେଙ୍ଗାବାଡ଼ିରେ ଗାଡ଼ି ଉପରେ ଆକ୍ରମଣ କରିଥିଲେ। ଏହା ଦେଖି ମନ୍ତ୍ରୀ ଏବଂ ବିଧାୟକ ଭୟରେ ଥରହର ହୋଇଥିଲେ। ସୁରକ୍ଷାକର୍ମୀ ତୁରନ୍ତ ମନ୍ତ୍ରୀଙ୍କୁ ଗାଡ଼ିରୁ ବାହାର କରିଥିଲେ। ସେ ଦୌଡ଼ି ଦୌଡ଼ି ୫୦୦ ମିଟର ଦୂରରେ ଥିବା ଆଉ ଏକ ଗାଡ଼ିରେ ବସିଥିଲେ। କିନ୍ତୁ ଗାଁ ଲୋକେ ବି ଛାଡ଼ି ନ ଥିଲେ। ସେମାନେ ମନ୍ତ୍ରୀଙ୍କ ପଛେ ପଛେ ଦୌଡ଼ି ଥିଲେ ଅନ୍ୟ କାର୍‌କୁ ମଧ୍ୟ ଘେରି ନେଇ ଆକ୍ରମଣ କରିଥିଲେ। ମନ୍ତ୍ରୀ ଏବଂ ବିଧାୟକଙ୍କୁ ବଞ୍ଚାଇବାକୁ ଯାଇ ବଡି ଗାର୍ଡ ଆହତ ହୋଇଥିଲେ। ପରେ ଉଭୟଙ୍କୁ ତୃତୀୟ ଗାଡ଼ିକୁ ନିଆଯାଇଥିଲା। ଏହି ସମୟରେ ମନ୍ତ୍ରୀ ଧୋତି ଧରି ଗାଡ଼ି ପାଇଁ ପ୍ରାୟ ଏକ କିମି ପର୍ଯ୍ୟନ୍ତ ଦୌଡୁଥିବାର ଦୃଶ୍ୟ ଭାଇରାଲ ହେବାରେ ଲାଗିଛି। ପରେ ତୃତୀୟ ଗାଡ଼ିରେ ମନ୍ତ୍ରୀ ଏବଂ ବିଧାୟକଙ୍କୁ ପଠା ଯାଇଥିଲା। ମାତ୍ର ଗ୍ରାମବାସୀ ପଛରେ ଦୌଡ଼ି ଗାଡ଼ି ଉପରକୁ ପଥର ଏବଂ ଠେଙ୍ଗାବାଡ଼ି ମାଡ କରିଥିଲେ। ସ୍ଥିତିକୁ ଦେଖି ଗାଁରେ ଅଧିକ ସୁରକ୍ଷାବାହିନୀଙ୍କୁ ମୁତୟନ କରାଯାଇଛି। ମନ୍ତ୍ରୀ ଏବଂ ବିଧାୟକଙ୍କ ଉପରେ ଆକ୍ରମଣ କରିଥିବା ଲୋକଙ୍କୁ ଚିହ୍ନଟ କରାଯାଉଛି।

ସୂଚନାଯୋଗ୍ୟ ଯେ ନାଳନ୍ଦା ହେଉଛି ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଗୃହ ଜିଲ୍ଲା। ରାଜ୍ୟରେ ଗତ ତିନି ଦିନ ମଧ୍ୟରେ ଦୁଇ ମନ୍ତ୍ରୀଙ୍କ ଉପରେ ଆକ୍ରମଣ ହେଲାଣି। ଗତ ୨୫ ତାରିଖରେ ପାଟନାର ଅଟଳ ପଥରେ ସ୍ୱାସ୍ଥ୍ୟମନ୍ତ୍ରୀ ମଙ୍ଗଳ ପାଣ୍ଡେଙ୍କ ଗାଡ଼ି ଉପରକୁ ପଥରମାଡ଼ ହୋଇଥିଲା।

### ଧୋତି ଧରି ଧାଇଁଲେ ଗ୍ରାମୀଣ ବିକାଶମନ୍ତ୍ରୀ

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
◆VOLUME- 43 ◆ISSUE-64 ◆THURSDAY ◆28 AUGUST 2025 ◆PAGE-12 ◆₹ 6.00
◆ବର୍ଷ-୪୩ ◆ସଂଖ୍ୟା-୬୪ ◆ଗୁରୁବାର ◆୨୮ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦



**ଅଗ୍ରପୂଜ୍ୟ ଗଜାନନଙ୍କ ଆବାହନରୁ ଆରମ୍ଭ ହେଲା ପାର୍ବଣ ଋତୁ**

'ସକାଳ' ଓ 'ନନ୍ଦିଘୋଷ ଟିଭି' ମୁଖ୍ୟ କାର୍ଯ୍ୟାଳୟରେ ବିଘ୍ନବିନାଶକଙ୍କ ପୂଜାର୍ଚ୍ଚନା

# ୫୨ଲକ୍ଷ ଚାଷୀଙ୍କୁ ସିଏମ୍ କିଷାନ ସହାୟତା

## ଅନ୍ନଦାତାଙ୍କ ଉନ୍ନତି ବିନା ରାଜ୍ୟର ପ୍ରଗତି ଅସମ୍ଭବ: ମୁଖ୍ୟମନ୍ତ୍ରୀ

■ **ଭୁବନେଶ୍ୱର, ୨୭।୮ (ସମିସ):** ବୁଧବାର ରାଜ୍ୟରେ ବିଭିନ୍ନ ବର୍ଗର ୫୧ ଲକ୍ଷ ୫୪ ହଜାର ୧୧୫ ଜଣ କୃଷକଙ୍କୁ ଡିବିଟି ମାଧ୍ୟମରେ ସିଏମ୍ କିଷା।ନ ଯୋଜନାରେ ମୋଟ ୧ଲକ୍ଷ ୪ହଜାର ୧୨୯ କୋଟି ଟଙ୍କାର ଅର୍ଥରାଶି ବଣ୍ଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ବିନା ଅନ୍ନଦାତାଙ୍କ ଉନ୍ନତିରେ ରାଜ୍ୟର ପ୍ରଗତି ଅସମ୍ଭବ। ତେଣୁ ଚାଷୀଙ୍କ ଆର୍ଥିକ ଅଭିବୃଦ୍ଧି ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଛନ୍ତି।



ଓୟୁଏଟିସ୍ଥିତ କୃଷି ଶିକ୍ଷା ସଦନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ ଆଳୁ ଓଡ଼ିଶାର ପ୍ରମୁଖ ପରିବା ଫସଲ ମଧ୍ୟରୁ ଅନ୍ୟତମ। ଆଳୁ ଉତ୍ପାଦନରେ ରାଜ୍ୟକୁ ଆତ୍ମନିର୍ଭରଶୀଳ କରିବା ପାଇଁ ରାଜ୍ୟର ୩ ହଜାର ୧୧୫ କ୍ଲଷ୍ଟର୍‌ରେ ୩୬ ହଜାରରୁ ଅଧିକ ଚାଷୀ ସଚେତନତା କାର୍ଯ୍ୟକ୍ରମ କରାଯାଇ ପ୍ରାୟ ୧ ଲକ୍ଷ ହିତାଧିକାରୀଙ୍କୁ ଆଳୁ ଚାଷରେ ସାମିଲ କରାଯାଇଛି। ଗତବର୍ଷ ରାଜ୍ୟର ସମସ୍ତ ଜିଲ୍ଲାରେ ୧ ଲକ୍ଷ ୬୦ ହଜାର ୮୭୪ କ୍ୱିଣ୍ଟାଲ୍‌ର ପ୍ରାମାଣିକ ବିହନ ଆଳୁ ବଣ୍ଟନ କରାଯାଇଛି। ଏହା ପୂର୍ବ ବର୍ଷ ତୁଳନାରେ ୩ ଗୁଣ ଅଧିକ। ରାଜ୍ୟରେ ଶୀତଳ ଭଣ୍ଡାର ସ୍ଥାପନ ନିମନ୍ତେ ଆର୍ଥିକ ସହାୟତା ଯୋଜନା ୨୦୨୫ ଜାନୁଆରୀରେ କାର୍ଯ୍ୟକ୍ଷମ କରାଯାଇଛି। ରାଜ୍ୟରେ ଶୀତଳଭଣ୍ଡାର ଭିତ୍ତିଭୂମିକୁ ▶ପୃଷ୍ଠା-୭

### ଜମ୍ମୁରେ ୧୧୫ ବର୍ଷର ରେକର୍ଡ ଭାଙ୍ଗିଲା ବର୍ଷା

# ଅଟକୁନି ଭୂସ୍ଖଳନ, ମୃତ୍ୟୁସଂଖ୍ୟା ୩୨

■ **ନୂଆଦିଲ୍ଲୀ, ୨୭।୮(ଏଜେନ୍ସି):** ଦେଶର ବିଭିନ୍ନ ରାଜ୍ୟରେ ମୌସୁମୀ ଜନିତ ବର୍ଷା ଭୟଙ୍କର ପରିସ୍ଥିତି ସୃଷ୍ଟି କରିଛି। ଭୀଷଣ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇଯାଇଛି। ଅନେକ ରାଜ୍ୟରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଥିବା

**ଜାରି ରହିଛି ବର୍ଷା; ବୈଷ୍ଣୋଦେବୀ ଯାତ୍ରା ବନ୍ଦ**



ବେଳେ ହଜାର ହଜାର ଲୋକେ ପାଣିଘେରରେ ଫସି ରହିଛନ୍ତି। ସ୍ଥିତି ଏପରି ହୋଇଛି ଯେ ସେନା ମୁତୟନ କରିବାକୁ ପଡିଛି। କେଉଁଠି ଭୂସ୍ଖଳନ ତ ଆଉ କେଉଁଠି ବାଦଲଫଟା ବର୍ଷା ସବୁ କିଛି ଛାରଖାର କରିଦେଉଛି। ତେବେ ଜମ୍ମୁରେ ଗତ ୧୧୫ ବର୍ଷର ରେକର୍ଡ ଭାଙ୍ଗି ବର୍ଷା ତାଣ୍ଡବ ରଚିଛି। ମଙ୍ଗଳବାର ସକାଳ ୮ଟା ୩୦ରୁ ବୁଧବାର ସକାଳ ୮ଟା ୩୦ ପର୍ଯ୍ୟନ୍ତ ୨୯୬ ▶ପୃଷ୍ଠା-୭

# ବାପାକୁ ହତ୍ୟାକରି ପୋଡ଼ିଦେଲେ

■ **ଭେଡେନ, ୨୭।୮ (ସମିସ):** ଭେଡେନ ଥାନା ଅଧୀନ ବକଟି ପଞ୍ଚାୟତ ସ୍ଥିତ ଅପାମରା ଗାଁର ଝଙ୍କାର ବିଦେଶୀ ଧରୁଆ(୬୫)କୁ ତାଙ୍କ ବଡପୁଅ ବାବୁଲାଲ ଧରୁଆ(ଜୟଲାଲ) (୪୫), ପୁତ୍ରବଧୂ ଯୋଶବନ୍ତି ଧରୁଆ(୪୨) ଓ ନାତି ବଳରାମ ଧରୁଆ (୧୯) ମିଳିମିଶି ହତ୍ୟା କରିବା ସହିତ ମୃତ ଶବକୁ ବଲାଙ୍ଗିର ନେଇ ପୋଡି ଦେଇଥିବା ଅଭିଯୋଗ ହୋଇଛି। ହତ୍ୟାର ଶିକାର ହୋଇଥିବା ବିଦେଶୀ ଧରୁଆଙ୍କ ସାନ ପୁଅ ତେଜରାଜ ଧରୁଆଙ୍କ ଅଭିଯୋଗ ଅନୁସାରେ ଭେଡେନ ଥାନା ଅଧିକାରୀ ସୁଶାନ୍ତ ଦାଶ ଘଟଣାର ତଦନ୍ତ କରିଥିଲେ। ତେବେ ମୁଖ୍ୟ ଅଭିଯୁକ୍ତ ବଡପୁଅ ବାବୁଲାଲ ଧରୁଆ

**ଧାନ କାର୍ଡ ପଞ୍ଜୀକରଣକୁ ନେଇ ପୁଅ-ବୋହୂ-ନାତିଙ୍କ ବର୍ବରକାଣ୍ଡ**


ଫେରାର ହୋଇଥିବା ବେଳେ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରି ଭେଡେନ ଥାନାକୁ ଆଣି ପୁଲିସ ଅଟକ ରଖିଛି।

ପୁଲିସ ସୂଚନା ଅନୁସାରେ, ମୃତ ବିଦେଶୀଙ୍କ ଦୁଇପୁଅ ଓ ଗୋଟିଏ ଝିଅ ଅଛନ୍ତି। ତାଙ୍କ ଜମିର ଧାନ ବିକ୍ରି ପାଇଁ କାର୍ଡ ପଞ୍ଜୀକରଣର ଆବଶ୍ୟକତା ଥିବାରୁ ଭେଡେନ ସ୍ଥିତ ଧାନ କାର୍ଡ ତିଆରି କେନ୍ଦ୍ରକୁ ସାନପୁଅ ତେଜରାଜଙ୍କ ସହିତ ଗତ ୨୫ ତାରିଖରେ ଆସିଥିଲେ। ସମସ୍ତ ପିଲାଙ୍କ ନାମରେ ଜମି ଭାଗ କରି କାର୍ଡ ତିଆରି କରିବା ଉଦ୍ଦେଶ୍ୟ ରହିଥିଲା। ଏବିଷୟରେ ବଡପୁଅ ବାବୁଲାଲ ଓ ତାର ପୁଅ ବଳରାମ ଖବର ପାଇ ସେଠାରେ ପହଞ୍ଚିଥିଲେ। ବଡ଼ପୁଅ ▶ପୃଷ୍ଠା-୭









● ଟ୍ରାନ୍ସଫର୍ମର ପୋଡ଼ି

# ୧୫ ଦିନ ହେଲା ସିରିସିଗୁଡା ଗାଁ ଅନ୍ଧାରରେ

ନନ୍ଦପୁର, ୨୭।୮ (ସମିସ): ଏହି ବ୍ଲକ ଅଧିନସ୍ଥ ପାଡୁଆ ପଞ୍ଚାୟତ ଅନ୍ତର୍ଗତ ସିର୍ଶିଗୁଡ଼ା ଗ୍ରାମରେ ବସବାସ କରୁଥିବା ୪୦ ଘରର ପ୍ରାୟ ୨୦୦ ବସ୍ତିବାସୀ ବିକଟ ଜଳ ସମସ୍ୟା ଘେରରେ। ବସ୍ତିରେ ଥିବା ୨ଟି ନଳକୂପ ମଧ୍ୟରୁ ଗୋଟିଏ ଅଚଳ ଥିବାବେଳେ ଅନ୍ୟଟି ଜଳ ଆବଶ୍ୟକତା ମେଣ୍ଟାଇ ପାରୁନାହିଁ। ବିକଳ୍ପ ଭାବରେ ଥିବା ଗ୍ରାମର ପୁରୁଣା କୂଅ ଯାହା ଝରଣା ଜଳ ପ୍ରବେଶ କରି ଦୂଷିତ ହେବା ଯୋଗୁ ବ୍ୟବହାର ଉପଯୋଗୀ ନାହିଁ। ପାନୀୟ ଜଳ ଅଭାବରେ ଦୂଷିତ ଜଳ ବ୍ୟବହାର କରିବାକୁ ବାଧ ହେଉଥିବା ଗ୍ରାମବାସୀ କୂଅ ନିକଟରେ ପ୍ରୋଟେକ୍ସନ ୱାଲ୍ ଦେବା ସହ ପାନୀୟ ଜଳ ଲାଗି ବିକଳ୍ପ ବ୍ୟବସ୍ଥା କରିବାକୁ ନେହୁରା ହୋଇଛନ୍ତି। ସେପଟେ ବିଗତ ୧୫ ଦିନରୁ ଅଧିକ ହେଲା ଟ୍ରାନ୍ସଫର୍ମର ଅଚଳ ପଡ଼ିଥିବା ଯୋଗୁ ଅନ୍ଧାରରେ ଗ୍ରାମବାସୀ। ଏତେ ଦିନ ପର୍ଯ୍ୟନ୍ତ ଉପଭୋକ୍ତା ଅନ୍ଧାରରେ ରହିବା ସତ୍ତ୍ୱେ ସଂପୃକ୍ତ ବିଭାଗର ଏହାପ୍ରତି ନିଘା ନାହିଁ। ସଂପୃକ୍ତ ବିଭାଗୀୟ ଜେଇଙ୍କ ସହ ଯୋଗାଯୋଗ କରିବାରେ ସେ ଏ ବିଷୟରେ ଅବଗତ ଥିବା ଏବଂ ନୂଆ ଟ୍ରାନ୍ସଫର୍ମର ଲାଗି କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି, ଦିନେ ଦୁଇ ଦିନ ମଧ୍ୟରେ ଲଗାଇ ଦିଆଯିବ ବୋଲି କହିଛନ୍ତି।

# କୁଇ ଭାଷାର ବହୁଭାଷୀ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା




କୋରାପୁଟ,୨୭।୮ (ସମିସ): ସ୍ଥାନୀୟ ଆରକ୍ଷୀ ଉଚ୍ଚ ବିଦ୍ୟାଳୟଠାରେ କୁୱି ଭାଷାର ବହୁଭାଷୀ ଶିକ୍ଷଣସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହୋଇଛି। ଏହି କର୍ମଶାଳାରେ ପଟାଙ୍ଗି ଓ ଲକ୍ଷ୍ମୀପୁର ବ୍ଲକର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଯୋଗଦେଇ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପାଇଁ ଭାଷା କାର୍ଯ୍ୟପୁସ୍ତିକା, କବିତା ପୋଷ୍ଟର, ବଡବହି ଓ କଥୋପକଥନ ଚାର୍ଟ ପ୍ରସ୍ତୁତି କରିଥିଲେ। ସମଗ୍ର ଶିକ୍ଷା, ଅଭିଯାନ କୋରାପୁଟର ତତ୍ତ୍ୱାବଧାନରେ ପ୍ରଥମ ଥର ପାଇଁ କୁୱି ଭାଷାର ପିଲାଙ୍କ ପାଇଁ ଏହି ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଆୟୋଜିତ ହୋଇଥିଲା। ଲାଙ୍ଗୁଏଜ ଲର୍ଣ୍ଣିଙ୍ଗ ଫାଉଣ୍ଡେସନର ବୈଷୟିକ ସହାୟକ ସନ୍ତୋଷ କୁମାର ମହାନ୍ତି ,ସନ୍ତୋଷ କୁମାର ଦାସ ଏବଂ ଶ୍ରୀମତୀ ତପସ୍ୱିନୀ ସ୍ୱାଇଁଙ୍କ ନେତୃତ୍ୱରେ ଏହି କର୍ମଶାଳା ପରିଚାଳନା କରା ଯାଇଥିଲା।ଜିଲ୍ଲା ଆଦିବାସୀ ଓ ଅର୍ନ୍ତନିବେଶୀ ଶିକ୍ଷା ସଂଯୋଜକ ଶୁଭେନ୍ଦୁ ବାରିକ ଯୋଗଦେଇ କୁୱି ଭାଷାର ପ୍ରସ୍ତୁତ ସାମଗ୍ରୀକୁ ବିଦ୍ୟାଳୟ ସ୍ତରରେ ପିଲାମାନେ କିପରି ସଠିକ୍ ଭାବରେ ବ୍ୟବହାର କରିବେ ସେ ସମ୍ବନ୍ଧରେ ନିଜର ମତ ରଖିଥିଲେ। ଏହି କର୍ମଶାଳା କୋରାପୁଟର ଅବସରପ୍ରାପ୍ତ ଏବିଇଓ ତଥା ବହୁଭାଷୀ ଶିକ୍ଷାବିତ ଶିବ ଶଙ୍କର ପଟ୍ଟନାୟକଙ୍କ ଦ୍ୱାରା ପରିଚାଳିତ ହୋଇଥିଲା।

# ବୋଉଲାଣି ପର୍ବ' ପାଳିତ




କୋଷାଗୁମୁଡ଼ା ୨୭।୮ (ସମିସ): ଆଦିବାସୀ ପରମ୍ପରା ଅନୁସାରେ ଗ୍ରାମଦେବୀଙ୍କ ମନ୍ଦିରରେ ପୂଜା ଅର୍ଚ୍ଚନା କଲେ କୋଷାଗୁମୁଡା ଗ୍ରାମବାସୀ। ଏହି ପୂଜାରେ ବର୍ଷକୁ ଥରେ ଗ୍ରାମବାସୀ ଏକତ୍ରିତ ହୋଇ ଏକା ସାଙ୍ଗରେ ପୂଜା ଅର୍ଚ୍ଚନା, ମାନସିକ କରି ଛୋଟ ଛୋଟ କାଠରେ ନିର୍ମିତ ରଥକୁ ବିଭିନ୍ନ ରଙ୍ଗର କପଡା ଓ ଫୁଲରେ ସଜାଡି ଗ୍ରାମର ଶେଷ ସୀମାକୁ ନେଇଦ୍ନି। ଏହି ରଥ ଗୁଡ଼ିକକୁ ନେବା ସମୟରେ ବାଦ୍ୟ, ତୁରୀ, ନାଚ ଗୀତର ଆସରରେ ଗ୍ରାମର ସମସ୍ତ ଛୋଟ ପିଲା, ବୁଢ଼ା, ଯୁବକ, ମହିଳା ଏକତ୍ରିତ ହୋଇଥାନ୍ତି। ବଣ ଭୋଜିଭଳି କରି ରଥ ଛାଡ଼ି ସନ୍ଧ୍ୟାରେ ଫେରନ୍ତି। ଆଜିର ଏହି "ବୋଉଲାଣି ପର୍ବ" ପାଇଁ କୋଷାଗୁମୁଡାର ଗ୍ରାମ ଦେବୀ ମା ଭଣ୍ଡାରୁଣୀ ମନ୍ଦିର ଠାରେ ପୂଜାର୍ଚ୍ଚନା ହୋଇଥିଲା। ଏହି ପୂଜା ପର୍ବ କରିବା ପାଇଁ କୋଷାଗୁମୁଡା ଗ୍ରାମର ପୂଜାରୀ, ଶିରା, ଗଣ୍ଡା, ସହ ଗ୍ରାମର ଭଦ୍ର ମଣ୍ଡଳୀ ଓ ଯୁବକ ଦଳ ଏକତ୍ରିତ ହୋଇଥିଲେ।

# ଲଗାଣ ବର୍ଷା, ପାହାଡ଼ ପାଣି ଘରେ ପଶିଗଲା

ଲମତାପୁଟ ୨୭।୮ (ସମିସ ): ଦୀର୍ଘ ୪୮ ଘଣ୍ଟାର ଲଗାଣ ବର୍ଷାରେ ଲମତାପୁଟ ବେହାଲ ହୋଇଛି। ମଧ ରାତି ପ୍ରାୟ ୩ଟାରେ ଅଚାନକ ପାହାଡିଆ ପାଣି ମାଡି




ଆସିବା ଫଳରେ ଘର ଭିତରେ ୫ ଫୁଟର ପାଣି ପଶି ଜିନିଷପତ୍ର ନଷ୍ଟ ହୋଇଯିବା ସହ ଲୋକେ ହନ୍ତସନ୍ତ ହେଉଛନ୍ତି। ରାସ୍ତା କଡ଼ରେ ଥିବା କାର ସମ୍ପୂର୍ଣ ବୁଡ଼ିଯାଇଥିବା ବେଳେ ଜୟପୁର ଲମତାପୁଟ ମୁଖ୍ୟରାସ୍ତା କଡରେ କଲଭେଟ କୂଳ ଖାଇ ବିପଦ ସଂକୁଳ ଅବସ୍ଥାରେ ରହିଛି ରାସ୍ତା। ଭାରିଯାନ ମୁଖ୍ୟ ରାସ୍ତାରେ ଗଲେ ରାସ୍ତା ଧସି ପଡିବା ଭଳି ସମସ୍ୟା ଉପୁଜିଛି। ମୁଖ୍ୟ ବଜାର ପାଖରେ ୧୧କେଭି ଏବଂ ଏଲଟି ବିଦ୍ୟୁତ ଖୁଣ୍ଟ ଉପୁଡ଼ି ପଡିବାରୁ ବିଦ୍ୟୁତ ଯୋଗାଣ ବନ୍ଦ ହୋଇଯାଇଛି।






ଉମରକୋଟ ନୁଣିଆଧୋଡି ଗଣେଶ ପୂଜା



ଉମରକୋଟ ପିଏଚଡ଼ି କୋଲନୀ ଗଣେଶ ପୂଜା



ରାୟଗଡ଼ାରେ ଇଣ୍ଡିଆଗେଟ୍ ତୋରଣ



ଉମରକୋଟ ରାଇଘର ରୋଡ ସ୍ଥିତ ଗଣେଶ ପୂଜା



ଗୁଡାରିରେ ଗଜାନନ




ରାୟଗଡ଼ା

# ଧୋଇଗଲା ରାସ୍ତା, ୬ ଖଣ୍ଡ ଗାଁକୁ ଯୋଗାଯୋଗ ବିଚ୍ଛିନ୍ନ



ବୈପାରୀଗୁଡ଼ା, ୨୭।୮ (ସମିସ): କୋରାପୁଟ ଜିଲ୍ଲାରେ ଲଘୁଚାପ ଜନିତ ଲଗାଣ ବର୍ଷା ଲାଗିରହିଥିବା ବେଳେ ବୈପାରୀଗୁଡା ଠାରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। ବୁଧବାର ସର୍ବାଧିକ ୩୦୬ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ବ୍ଲକର ବିଭିନ୍ନ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ବୈପାରୀଗୁଡା ବ୍ଲକର ଦଶମନ୍ତପୁର ପଞ୍ଚାୟତର ବରୁଆବାଡ଼ି ଓ ଗରୁଡୁଗୁଡା ମଝିରେ ଥିବା ପୋଲ ଆପ୍ରୋଚ୍ ରୋଡ୍ ବର୍ଷାରେ ଧୋଇ ହୋଇଯାଇଛି। ଫଳରେ ରାଜୁଗୁଡ଼ା, ଉଛୁଳଗୁଡ଼ା ନୂଆଗୁଡ଼ା, ସିନ୍ଦୁରମୁଣ୍ଡି, ଗୟଲଖାରି ଏବଂ ଗେନ୍ଦରଗୁଡ଼ା ଭଳି ୬ ଖଣ୍ଡ ଗାଁକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି । ଫଳରେ ପ୍ରାୟ ୬ ଶହ ପରିବାର ନାହିଁନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ନିମ୍ନମାନର କାମ ଯୋଗୁଁ ରାସ୍ତା ଧୋଇ ଯାଇଥିବା ନେଇ ଗ୍ରାମବାସୀ ଅଭିଯୋଗ ଆଣିଥିବା ବେଳେ କୋରାପୁଟ ବିଧାୟକ ରଘୁରାମ ମାଛ ଗାଁ ସ୍ଥିତି ଅନୁଧ୍ୟାନ କରିଛନ୍ତି। ତୁରନ୍ତ ରାସ୍ତା ମରାମତି କରାଯିବ ବୋଲି ବିଧାୟକ ଗାଁ ଲୋକଙ୍କୁ ପ୍ରତିଶ୍ରୁତି ଦେବା ସହ ଠିକାଦାରଙ୍କୁ ଘଟଣାସ୍ଥଳକୁ ଡକାଇ ତୁରନ୍ତ ରାସ୍ତା ମରାମତି କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କୋରାପୁଟ ବିଧାୟକ କହିଛନ୍ତି ଯେ, ନିମ୍ନ ମାନର କାମ ଲାଗି ଏଭଳି ପରିସ୍ଥିତି ଉପୁଜିଛି, ଏଣୁ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବିଧାୟକଙ୍କ ସ୍ଥିତି ଅନୁଧ୍ୟାନ ସମୟରେ ବିଜେପିର ମୋନଜ ନାୟକ, ନଟବର ପଟ୍ଟନାୟକ, ପଦ୍ମନ ମାଳି, କୁନୁ ପ୍ରଧାନୀ, ଲୁକୁ ଖରା, ଅର୍ଜୁନ ଶୁକ୍ରୀ, କୁଶ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

■ ପାଣି ଘେରରେ ଶହ ଶହ ଏକର ଫସଲ

# ବନ୍ୟା ସ୍ଥିତି ଅନୁଧ୍ୟାନ କଲେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ

କୁନ୍ଦୁରା, ୨୭।୮ (ସମିସ): ଲଗାଣ ବର୍ଷା ଯୋଗୁଁ କୁନ୍ଦୁରା ବ୍ଲକର ବିଭିନ୍ନ ଅଞ୍ଚଳରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ବନ୍ୟା ସ୍ଥିତି ଅନୁଧ୍ୟାନ କଲେ କୋରାପୁଟ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ରାଧାବୋନୋଦ ସାମନ୍ତରାୟ। ଦିଗାପୂର ଅଞ୍ଚଳରେ ନାଡ଼ିଆଲପାଲୀ ଓ ବରଗାଁ ମଝିରେ ଥିବା ବିରି ନଦୀ ଉପରେ ସର୍ବାଧିକ ତିନିରୁ ଚାରି ଫୁଟ ପାଣି ପ୍ରବାହିତ ହେଉଛି। ବିରି ନଦୀରେ ଗତକାଲି ଠାରୁ ଅଧିକ ଚାରି ପାଞ୍ଚ ଗୁଣା ପାଣି ବଢିଛି। ବ୍ଲକ ସଦରକୁ ଦିଗାପୁର, ବାଗଦେରୀ, ଲିମା,ଆସନା, ଫୁଲଭଟ୍ଟା, କେରମେଟି ଆଦି ପଞ୍ଚାୟତ ଠାରୁ ବ୍ଲକ ସଦର ସଂଯୋଗ କରୁଥିବା ଘାଡଙ୍ଗାଗୁଡ଼ା, ଲିମା, କୂର୍ଲୁ ନଦୀ ପୋଲ ଓ ରାସ୍ତା ଉପରେ ଦୁଇ, ତିନି ଫୁଟ ବର୍ଷା ପାଣି ପ୍ରବାହିତ ହେଉଛି। ପତ୍ରା ନଦୀ ଫୁଲିବା ଯୋଗୁଁ କଟରୀପୁଟ ସହ ଜୟପୁର ଯାତାୟତ ବାଧାପ୍ରାପ୍ତ। ଦିଗାପୂର ଅଞ୍ଚଳରେ ପ୍ରାୟ ପାଞ୍ଚ ଶହ ଏକର, କଟାରୀପୁଟ ଓ ଆଇତାହାଣ୍ଡି ଅଞ୍ଚଳରେ ପ୍ରାୟ ଛଅ ଶହ ଏକର ଚାଷ ଜମି ଜଳମଗ୍ନ ହୋଇଛି। ଶେଷ ପର୍ଯ୍ୟାୟରେ ରୁଆ ସରିଥିବା ଜମି ଗୁଡ଼ିକର ଧାନ ଗଛ ଭାସି ଯାଇଛି। ଚାଷୀଙ୍କ କ୍ଷୟକ୍ଷତି ହୋଇଛି। ପ୍ରଶାସନ ପକ୍ଷରୁ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଯୋଗାଇଦେବାକୁ ଉପାଧ୍ୟକ୍ଷ ସାମନ୍ତରାୟ କହିଛନ୍ତି। କୁନ୍ଦୁରା ଚାରିପଟେ ଘେରି ରହିଥିବା ଛୋଟ ନଦୀ ଗୁଡ଼ିକର ପାଣି କୋଲାବ ନଦୀରେ ମିଶିଥା। ଯେହେତୁ କୋଲାବ ନଦୀରେ ପାଣି ଭର୍ତି ରହିଛି। ତେଣୁ ଜଳ ନିଷ୍କାସନ ହୋଇ ପାରୁନାହିଁ। ତେଣୁ ଜଳସ୍ତର ବଢୁଛି। ଏଥିଲାଗି ଏକ ପ୍ରକାର ବନ୍ୟା ସ୍ଥିତି ଉପୁଜିଛି। କୁନ୍ଦୁରା ଥାନା ଅଧିକାରୀ ଅଶ୍ୱନୀ କୁମାର ପଟ୍ଟନାୟକ, ବୈପାରୀଗୁଡ଼ା ଥାନା ଅଧିକାରୀ ରଶ୍ମୀ ରଞ୍ଜନ ପ୍ରଧାନ ଏ ସବୁ ଅଞ୍ଚଳ ପରିଦର୍ଶନ କରିଛନ୍ତି।

# ଲଘୁଚାପ ପ୍ରଭାବ; ୨୪ ଘଣ୍ଟାରେ ରେକର୍ଡ ବର୍ଷା

କୋରାପୁଟ,୨୭।୮ (ସମିସ): ଲଘୁଚାପ ପ୍ରଭାବରେ କୋରାପୁଟ ଜିଲ୍ଲାରେ ଗତ ୨୪ ଘଣ୍ଟାରେ ୧୬୧୮ ମିମି ବର୍ଷା ହୋଇଥିବାବେଳେ ଜନ ଜୀବନ ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଛି। ପାଣିପାଗ ବିଭାଗ ସୂଚନା ଅନୁଯାୟୀ ବୈପାରିଗୁଡ଼ା ବ୍ଲକରେ ଗତ ୨୪ ଘଣ୍ଟାରେ ୩୦୬ ମିମି ବର୍ଷା ହୋଇଥିବା ରେକର୍ଡ କରା ଯାଇଛି। ସେହିପରି କୋରାପୁଟ ବ୍ଲକରେ ୧୧୮.୪ ମିମି ବର୍ଷା ହୋଇଥିବା ବେଳେ ଲମତାପୁଟରେ ୧୨୩, ପଟ୍ଟାଙ୍ଗିରେ ୬୫.୪, ବନ୍ଧୁଗାଁରେ ୨, ନନ୍ଦପୁରରେ ୧୨୫, ଦଶମନ୍ତପୁରରେ ୬୮ ମିମି ବର୍ଷା ହୋଇଛି। ଅନ୍ୟ ପକ୍ଷରେ ନାରାୟଣପାଟଣା ବ୍ଲକରେ ୧୭ ମିମି ବର୍ଷା ହୋଇଥିବା ବେଳେ ଲକ୍ଷ୍ମୀପୁରରେ ୬୧.୪,ସେମିଳିଗୁଡାରେ ୧୦୮.୪, ଜୟପୁରରେ ୧୮୬, କୋଟପାଡରେ ୧୫୯, କୁନ୍ଦୁରାରେ ୧୨୨.୬ ଏବଂ ବୋରିଗୁମ୍ମାରେ ୧୫୫.୮ ମିମି ବର୍ଷା ହୋଇଛି। ପ୍ରବଳ ବର୍ଷା ଯୋଗୁଁ ନଦୀ ନାଳ, ରାସ୍ତା ଘାଟ ଜଳାର୍ଣ୍ଣବ ହୋଇଥିବା ଦେଖିବାକୁ ମିଳିଛି। ଅନ୍ୟ ପକ୍ଷରେ ଲଗାଣ ବର୍ଷା ଯୋଗୁଁ ଜଲାପୁଟ,ମାଛକୁଣ୍ଡ, ଉପର କୋଲାବ ଜଳ ଭଣ୍ଡାରରେ ଜଳପତ୍ତନ ବୃଦ୍ଧି ପାଇଛି।


# ତୃତୀୟ ଶ୍ରେଣୀ ଛାତ୍ର ଜଙ୍ଘରେ ଗଳିଗଲା ଲୁହା ରଡ଼

ରାୟଗଡା, ୨୭।୮ (ସମିସ): ରାୟଗଡ଼ା ଜିଲ୍ଲା ଗୁଣୁପୁର ସହରର ପୁରୁଣା ଗୁଣପୁର ଆଶ୍ରମ ବିଦ୍ୟାଳୟରେ ଅଘଟଣ ଘଟିଛି। ବିଦ୍ୟାଳୟରେ ଗଣେଶ ପୂଜା ଚାଲିଥିବା ସମୟରେ ଜଣେ ତୃତୀୟଶ୍ରେଣୀ ଛାତ୍ରର ଜଙ୍ଘରେ ରୋଷେଇ ଘର ପଛପଟେ ଥିବା ଏକ ଫାଟକର ଲୁହା ରଡ଼ ଗଳି ଯାଇଥିଲା। ଆହତ ଛାତ୍ର ଜଣକ ହେଲେ ଗିରିଧର ଶବର। ସେ ପୁରୁଣା ଗୁଣପୁର ଗ୍ରାମର ବୋଲି ଜଣାପଡ଼ିଛି। ବିଦ୍ୟାଳୟ କର୍ତ୍ତୃପକ୍ଷ ଗୁଣପୁର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଗୁଣପୁର ଅଗ୍ନିଶମ ବିଭାଗ ଓ ସ୍ଥାନୀୟ ଉପଖଣ୍ଡ ଚିକିତ୍ସାଳୟର ଡାକ୍ତର ଦଳର ପ୍ରୟାସରେ ଆହତ ଛାତ୍ରକୁ ଉଦ୍ଧାର କରି ଗୁଣପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତି କରାଯାଇଛି। ଆହତ ଛାତ୍ର ଜଣକ ସୁସ୍ଥ ରହିଥିବା ଗୁଣପୁର ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଗଙ୍ଗାଧର ବେହେରା ପ୍ରକାଶ କରିଛନ୍ତି।

# ବର୍ଷା ପାଇଁ ଫିକା ପଡ଼ିଲା ଗଣେଶ ଚତୁର୍ଥୀ

ବୈପାରୀଗୁଡ଼ା,୨୭।୮ (ସମିସ): ବୈପାରୀଗୁଡା ଠାରେ ବର୍ଷା ଯୋଗୁଁ ଫିକା ପଡିଲା ଗଣେଶ ଚତୁର୍ଥୀ। ପ୍ରତିବର୍ଷ ଭଗବାନ ଗଣେଶଙ୍କ ପୂଜାର୍ଚ୍ଚନା ପାଇଁ ଚାରିଆଡେ ଉତ୍ସାହ ଦେଖିବାକୁ ମିଳିଥିବା ବେଳେ ଚଳିତ ବର୍ଷ ଲଗାଣ ବର୍ଷା ଯୋଗୁଁ ଫିକା ପଡିଛି ଗଣେଶ ପୂଜା। ସହରର କାଠମିଲ ସାହି, ଗୌଡ଼ ସାହି, ଟାପାକାରିଆ ସାହି, ହନୁମାନ ନଗର, ବିରୋଖମ୍ବ ସାହି, ଲିଙ୍ଗରାଜ ନଗର ଭଳି ସମସ୍ତ ସାହିରେ ଗଣେଷ ପୂଜା ପାଳନ ହୋଇଛି। ଲଗାଣ ବର୍ଷା ଯୋଗୁଁ ନିରାଡମ୍ବର ପୂଜା ପାଳିତ ହୋଇଯାଇଛି। ସେହିପରି ସହରର ଶିକ୍ଷାନୁଷ୍ଠାନ ମଧ୍ୟରୁ ସହିଦ ଲକ୍ଷ୍ମଣ ନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଆଦର୍ଶ ବିଦ୍ୟାଳୟ, ବୈପାରୀଗୁଡା ହାଇସ୍କୁଲ, ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟ ସମେତ ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନରେ ଗଣେଶ ପୂଜା ପାଳିତ ହେଉଛି।

# ପୂଜା ପାଇଲେ ୨୦ ଫୁଟ୍‌ର ଗଣେଶ ମୂର୍ତ୍ତି



ଟିକିରି,୨୭।୮ (ସମିସ): ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ ଟିକିରି ବଣିକ ସଂଘରେ ଗଣେଶ ପୂଜା ପାଳିତ ହୋଇଯାଇଛି। ଚଳିତ ବର୍ଷ ସୁନ୍ଦର ମେଢ ସହ ପ୍ରଥମ ଥର ୨୦ ଫୁଟର ଗଣେଶ ମୂର୍ତି ପୂଜା ପାଉଛନ୍ତି। ବଜାର ସାରା ଆଲୋକ ମାଳା ସୁସଜ୍ଜିତ ହୋଇଛି। ଗତବର୍ଷ ମଧ ୧୨ ଫୁଟର ଗଣେଶ ପୂଜା କରାଯାଇଥିଲା। ଚଳିତ ବର୍ଷ ଭଜନ ସମାରୋହ ସହ ପ୍ରସାଦସେବନର ବ୍ୟବସ୍ଥା ହୋଇଛି ବୋଲି ସଭାପତି ମନୋଜ ବେହେରା କହିଛନ୍ତି। ବଣିକ ସଂଘର ସଭାପତି ମନୋଜ ବେହେରାଙ୍କ ଅଧକ୍ଷତାରେ ଟିକିରି ବଜାରର ସମସ୍ତ ଦୋକାନୀ ସହଯୋଗ କରିଥିଲେ।


# କତାମେଟାରେ ଗଣେଶ ପୂଜା

ମାଲକାନଗିରି, ୨୭।୮ (ସମିସ): ମାଲକାନଗିରି ଜିଲ୍ଲା କତାମେଟା ଗ୍ରାମରେ ଜନତା ସେବା କ୍ଲବ ତରଫରୁ ଚଳିତ ବର୍ଷ ଗଣେଶ ପୂଜା ମହାଆଡ଼ମ୍ବରେ ପାଳିତ ହୋଇଯାଇଛି। ପୂଜାରେ ବିଶିଷ୍ଟ ସମାଜସେବୀ ରଞ୍ଜିତ ଦାସ କର୍ତ୍ତା ଭାବେ ପୂଜା କାର୍ଯ୍ୟ ତୁଲାଇ ଥିବା ବେଳେ କ୍ଲବର ସଭାପତି ଡମ୍ବରୁଧର ସ୍ୱାଇଁ, ସମ୍ପାଦକ ଆସିକ ସରକାର, ରାକେଶ କୁମାର ଦେ, ଅଭିଶେଖ ଦେ, ଗଣେଶ ଦେ ଏବଂ କ୍ଲବର ଅନ୍ୟ ସଦସ୍ୟ ବୃନ୍ଦ ଉପସ୍ଥିତ ରହି ସମ୍ପୂର୍ଣ ସହଯୋଗ କରିଥିଲେ। ଗ୍ରାମର ଶତାଧିକ ମହିଳା ଏବଂ ଭଦ୍ର ବ୍ୟକ୍ତି ମଧ୍ୟ ଉପସ୍ଥିତ ଥିଲେ।

# ତିନି ବାଇକ୍ ଦୁର୍ଘଟଣା, ୫ ଗୁରୁତର

ବୈପାରିଗୁଡ଼ା, ୨୭।୮ (ସମିସ): ତିନି ବାଇକ୍ ଦୁର୍ଘଟଣା ଘଟି ୫ ଜଣ ଗୁରୁତର ହୋଇଥିବା ଜଣାପଡିଛି। ଘଟଣା ଅନୁଯାୟୀ, ବୈପାରିଗୁଡା ଥାନା ଅନ୍ତର୍ଗତ ଟାଙ୍ଗିଣିଗୁଡା ହଷ୍ଟେଲ ନିକଟରେ ଟାପାଯୋଡି ଗ୍ରାମର ତ୍ରିନାଥ ପାଙ୍ଗି (୩୦) କୌଣସି କାମରେ ବୈପାରିଗୁଡା ଆସି ରାତି ୮ଟା ବେଳେ ନିଜ ଗାଁକୁ ଫେରୁଥିବା ବେଳେ ଟାଙ୍ଗିଣିଗୁଡା ହଷ୍ଟେଲ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇ ରାସ୍ତାରେ ପଡ଼ିଥିଲେ। ଉକ୍ତ ସମୟରେ ବାଇକ୍‌ରେ ଟୋପାଯୋଡି ଗ୍ରାମର ମୁକୁନ୍ଦ ବୁରୁଡି (୨୮) ଏବଂ ବିଚି ସ୍ୱାଇଁ (୫୫) ଏବଂ ଅନ୍ୟ ଏକ ବାଇକରେ ଡମ୍ବରୁ ଖରା (୪୦) ଓ ଡମ୍ବରୁ ଗୁଣ୍ଡା(୨୮) ଆଗ ପଛ ହୋଇ ବୈପାରିଗୁଡାରୁ ଟାପାଯୋଡି ଫେରୁଥିଲେ। ପୂର୍ବରୁ ତ୍ରିନାଥ ପାଙ୍ଗି ଦୁର୍ଘଟଣା ହୋଇ ରାସ୍ତା ଉପରେ ପଡ଼ିଥିବା ବେଳେ ପଛରେ ଆସୁଥିବା ଦୁଇଟି ବାଇକ୍ ତ୍ରିନାଥ ଉପରେ ମାଡ଼ି ଯାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ସେହି ସମୟରେ ବୈପାରିଗୁଡା ଥାନା ଆଇଆଇସି ରଶ୍ମି ରଂଜନ ପ୍ରଧାନ ପାଟ୍ରୋଲିଂ ପାଇଁ ମାଲକାନଗିରି ରାସ୍ତାରେ ଯାଉଥିବା ବେଳେ ଦୁର୍ଘଟଣା ଘଟିଥିବା ଦେଖି ତୁରନ୍ତ ସମସ୍ତ ଆହତଙ୍କୁ ବୈପାରିଗୁଡା ମେଡ଼ିକାଲରେ ଭର୍ତ୍ତି କରିଥିଲେ। ପୂର୍ବରୁ ଦୁର୍ଘଟଣାଗ୍ରସ୍ତ ତ୍ରିନାଥ ପାଙ୍ଗିଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଡ଼ାକ୍ତର ପ୍ରାଥମିକ ଚିକିତ୍ସା ପରେ ଜୟପୁର ମେଡିକାଲ କଲେଜକୁ ସ୍ଥାନାନ୍ତର କରିଛନ୍ତି। ଅନ୍ୟ ଚାରିଜଣ ଆହତଙ୍କୁ ବୈପାରିଗୁଡା ମେଡ଼ିକାଲରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି।

ADITYA BIRLA
HINDALCO
Aditya Aluminium
(A Unit of Hindalco Industries Ltd.)
*The Flagship Unit of Hindalco Industries Ltd., having its Smelter and Captive Power Plants in Odisha, the Land of the Sun Temple.*



*Aditya means Sun, the Primal source of Light and Energy*

**Registered Office**
**One International Center, Tower 4,21st Floor,**
**Senapati Bapat Marg, Prabhadevi,**
**Mumbai- 400013,**
**India.Tel: (91-22) 69477000/69477150**
**Fax:912269477001/69477090**
**Corporate ID No. L27020MH1958PLC011238**

**Aditya Aluminium**
**At/ Po.- Lapanga**
**Dist- Sambalpur**
**Odisha -768212**
**Tel.: 0663-2536247, Fax : 0663-2536499**

● ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଯୁବକଙ୍କୁ ହତ୍ୟା !

# ରକ୍ତ ଜୁଡୁବୁଡୁ ମୃତଦେହ ଉଦ୍ଧାର

ରାୟଗଡ଼ା,୨୭।୮(ସମିସ): ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ରାୟଗଡ଼ା ସହରରେ ଘଟିଛି ହତ୍ୟାକାଣ୍ଡ। ଏକ ଧାରୁଆ ଅସ୍ତ୍ରରେ ସଂଘବଦ୍ଧ ଭାବେ ଜଣେ ୨୫ ବର୍ଷୀୟ ଯୁବକଙ୍କୁ ବିଭତ୍ସ ଭାବେ ହତ୍ୟା କରାଯାଇଛି। ମୃତକ ହେଲେ ରାୟଗଡ ସହର ମହିଳା ମହାବିଦ୍ୟାଳୟ ପଛପଟେ ଥିବା ହରିଜନ ବସ୍ତିର ରୋହିତ ଥାପ୍ପା। ତାଙ୍କ ମୃତ ଦେହ ରିଙ୍ଗରୋଡ଼ ସ୍ଥିତ ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ପଡିଆ ନିକଟରେ ପଡିଥିବା ବେଳେ ସ୍ଥାନୀୟ ଲୋକେ ଖବର ଦେବା ପରେ ପରିବାର ଲୋକେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ରୋହିତକୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ଓ ପ୍ରବଳ ରକ୍ତସ୍ରାବ ହୋଇଥିବା ଯୋଗୁଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ସୂଚନା ଅନୁଯାୟୀ ଗତ ୩ ଦିନ ତଳେ ଦୁଇ ସାହି ମଧ୍ୟରେ କୌଣସି କାରଣରୁ ଝଗଡା ହୋଇଥିଲା। କିଛି ଯୁବକଙ୍କ ସହ ରୋହିତର ପାଟିତୁଣ୍ଡ ହୋଇଥିଲା। ପରେ ରାୟଗଡ ଥାନାରେ ଏ ନେଇ ଆପୋଷ ବୁଝାମଣା ହୋଇଥିବା ବେଳେ ଆଜି ଅପରାହ୍ନରେ ରୋହିତ ଖେଳ ପଡିଆରେ ଠିଆ ହୋଇଥିବା ବେଳେ କିଛି ଯୁବକ ଆସି ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ହିଁ ସେ ଅଚେତ ହୋଇ ପଡିଥିଲେ। ଘଟଣାକୁ ନେଇ ରାୟଗଡ଼ା ଟାଉନ୍ ଥାନା ପୁଲିସ ଏକ ମାମଲା ରୁଜୁ କରିବା ସହ ଫେରାର ଥିବା ଅଭିଯୁକ୍ତ ଯୁବକଙ୍କୁ ଧରିବା ପାଇଁ ଖୋଳତାଡ଼ ଆରମ୍ଭ କରିଛି।

● ସିଏମ କିଷାନ ସହାୟତା ରାଶି ପ୍ରଦାନ

# ଉପକୃତ ହେଲେ ୧.୩୩ ଲକ୍ଷ ଚାଷୀ



କୋରାପୁଟ,୨୭।୮(ସମିସ): କୃଷି ଭିତ୍ତିକ ଗଣପର୍ବ ନୂଆଁଖାଇ ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସିଏମ କିଷାନ' ସହାୟତା ରାଶି ପ୍ରଦାନ କରିଥିବାବେଳେ କୋରାପୁଟ ଜିଲ୍ଲାରେ ୧ ଲକ୍ଷ ୩୩ ହଜାର ୭୧୭ ଜଣ ଚାଷୀ ଉପକୃତ ହୋଇଛନ୍ତି। ଭୁବନେଶ୍ୱର ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଡିବିଟି ମାଧ୍ୟମରେ ସହାୟତା ରାଶି ପ୍ରଦାନର ଶୁଭାରମ୍ଭ କରାଯାଇଛି। କୋରାପୁଟ ଠାରେ ସ୍ଥାନୀୟ ସଦଭାବନା ସଭାଗୃହରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କୋରାପୁଟ ଜିଲ୍ଲାର ୧,୩୩,୭୧୭ ଚାଷୀଙ୍କୁ ୨୬ କୋଟି ୭୪ ଲକ୍ଷ ୧୪ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଗୋକୁଳ ଚନ୍ଦ୍ର ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କ୍ଷୁଦ୍ର ଓ ନାମମାତ୍ର ଚାଷୀ, ଭୂମିହୀନ କୃଷକ ପରିବାର ଏବଂ ବିଶେଷ ଭାବେ ଅନୁନ୍ନତ ଜନଜାତି ସମୂହଙ୍କ ସମେତ ସହରାଞ୍ଚଳ ଚାଷୀଙ୍କୁ ସିଏମ କିଷାନ ସହାୟତା ରାଶି ଡିବିଟି ମାଧ୍ୟମରେ ପ୍ରଦାନ କରାଯାଇଛି। ରାଜ୍ୟ ସରକାରଙ୍କ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ ଅଟେ। ଏଥିରେ ଚାଷୀ ମାନେ ବର୍ଷକୁ ଦୁଇଟି କିସ୍ତିରେ ମୋଟ ୪ ହଜାର ଟଙ୍କା ଆର୍ଥିକ ସହାୟତା ରାଶି ପାଇବେ। ଭୂମିହୀନ କୃଷକ ପରିବାରକୁ ୩ ଟି କିସ୍ତିରେ ୧୨ ହଜାର ୫୦୦ ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରାଯିବ। କୋରାପୁଟ କୃଷି ବିଭାଗର ଅଧିକାରୀ ଏବଂ କର୍ମଚାରୀ ମାନେ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ।

# ସିଏମ୍ କିସାନ ସହାୟତା ରାଶି ପ୍ରଦାନ



ନବରଙ୍ଗପୁର,୨୭।୮(ସମିସ): ରାଜ୍ୟର କୃଷକମାନଙ୍କ କଲ୍ୟାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ "ସିଏମ କିସାନ୍' ଯୋଜନା ଅଧୀନରେ ରବି ୨୦୨୫-୨୬ ବର୍ଷ ପାଇଁ ସହାୟତା ଅର୍ଥରାଶି ହସ୍ତାନ୍ତର କାର୍ଯ୍ୟକ୍ରମ ଭୁବନେଶ୍ୱର ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଅନୁଷ୍ଠିତ ହୋଇଇଛି। ଏହି ଅବସରରେ ନବରଙ୍ଗପୁର ମିଶନ ଶକ୍ତି ସମ୍ମିଳନୀ କକ୍ଷରେ ଏହାର ସିଧା ପ୍ରସାରଣ କରାଯାଇଥିଲା। ଉପସ୍ଥିତ ହିତାଧିକାରୀ ଚାଷୀ ଏଥିରେ ସାମିଲ ହୋଇଥିଲେ। କୃଷିଭିତ୍ତିକ ଗଣପର୍ବ ନୂଆଁଖାଇର ଅବସରରେ ପ୍ରତ୍ୟେକ ହିତାଧିକାରୀ ଚାଷୀମାନଙ୍କ ଖାତାକୁ ଡି ବି ଟି ମାଧ୍ୟମରେ ୨ ହଜାର ଟଙ୍କା ଜମା କରାଗଲା। ରାଜ୍ୟରେ ପ୍ରାୟ ୫୧ ଲକ୍ଷରୁ ଅଧିକ ହିତାଧିକାରୀ ଚାଷୀଙ୍କ ଜମା ଖାତାକୁ ୧୦୪୧ କୋଟି ଟଙ୍କାରୁ ଅଧିକ ସହାୟତା ରାଶି ପ୍ରଦାନ କରାଯାଇଛି। ମିଶନ ଶକ୍ତି ସମ୍ମିଳନୀ ଗୃହ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଲୋକସଭା ସାଂସଦ ବଳଭଦ୍ର ମାଝି, ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝି , ବିଧାୟକ କୋଟପାଡ଼ ରୁପୁ ଭତରା ଏବଂ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ବିଶ୍ୱଜିତ ବର୍ମନ ଉପସ୍ଥିତ ଥିଲେ। ଜିଲ୍ଲାରେ ମୋଟ ୧,୬୦,୪୫୩ ଜଣ ହିତାଧିକାରୀ ଚାଷୀଙ୍କ ଜମାଖାତାକୁ ସିଏମ କିସାନ ଅର୍ଥ ରାଶି ପ୍ରଦାନ କରାଯାଇଛି ବୋଲି ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ସୂଚନା ଦେଇଛନ୍ତି। ଆଜିର ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ୧୫୦ ଜଣ ହିତାଧିକାରୀଙ୍କ ସହ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁଧୀର ରଞ୍ଜନ ବେହେରା, ଡି ଆଇପିଆର୍‌ଓ ମନୋଜ କୁମାର ବେହେରା, ଡିଏସଏସଓ ସୁଧାଂଶୁ ପାତ୍ର, କୃଷି ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

● ପରଟା ଗାଁରେ ଧାନ ଚାଷ ଜମି ଜଳମଗ୍ନ

# ପାତ୍ରପଣ୍ଡୀରେ ଭାଙ୍ଗିଲା ଘର



ନନ୍ଦପୁର,୨୭।୮ (ସମିସ): କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ଅନ୍ତର୍ଗତ ଥିବା ପଞ୍ଚାୟତ ପରଟା ଗ୍ରାମରେ ଲଗାଣ ବର୍ଷା ଯୋଗୁଁ ଧାନ ଚାଷ ଜମି ଜଳମଗ୍ନ ହୋଇ ଧାନ ତଳି ନଷ୍ଟ ହୋଇଛି। ଫଳରେ ଚାଷୀ ନିରାଶ ହୋଇଛନ୍ତି। ଗ୍ରାମବାସୀ ମୁଖ୍ୟତଃ ଚାଷ ଉପରେ ନିର୍ଭର କରି ଜୀବନ ଜୀବିକା ନିର୍ବାହ କରିଥାନ୍ତି। ଦୁଃଖର ବିଷୟ ବର୍ଷ ବର୍ଷ ଧରି ବର୍ଷା ଯୋଗୁଁ ଧାନ ଚାଷ ନଷ୍ଟ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ଚାଷ ଜମିରେ କୌଣସି ବ୍ୟବସ୍ଥା ନ ଥିବାରୁ ଚାଷୀମାନେ ଦୀର୍ଘ ବର୍ଷ ହେଲା ଦାବି କରି ଆସୁଛନ୍ତି। ସ୍ଥାନୀୟ ବିଧାୟକ, ସାଂସଦ ଓ ପ୍ରଶାସନିକ ଅଧିକାରୀଙ୍କୁ ବାରମ୍ବାର ଗୁହାରି କରି ନିରାଶ ହୋଇଥିବା ଅଞ୍ଚଳର ଚାଷୀମାନେ ପ୍ରକାଶ କରିଛନ୍ତି। ଏପର୍ଯ୍ୟନ୍ତ ଚାଷୀଙ୍କୁ କୌଣସି ସହାୟତା ମିଳି ନଥିବାରୁ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଧାନ ଫସଲ ନଷ୍ଟ ଯୋଗୁଁ ଧାନ ଚାଷୀଙ୍କୁ ଚାଷ ଆରମ୍ଭରୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଛି ବୋଲି ମାଦବ ଗୋଲରୀ, ମୁରୁଲି କ୍ରିଶାନୀ, ଜଗବନ୍ଧୁ ଜାନାମ, ମଧୁ ଦେସ୍ତି, ଜଗା ପାଙ୍ଗି, ରାଜୁ ଗୋଲରୀ,କର୍ଣ୍ଣ ତାଳିଆ, ଧନଜୟ ଦେସ୍ତି, ଅଭିଯୋଗ କରିଛନ୍ତି। ଏକାଧିକ ଚାଷୀଙ୍କ ବିଲରେ ମାଟି, ବାଲି ମୋରମ ମାଡିଯାଇଛି। ଫଳରେ ବିଲରେ ରୁଆ ହୋଇଥିବା ଧାନ ତଳି ନଷ୍ଟ ହୋଇ ଯାଇଥିବା ଅଭିଯୋଗ ହୋଇଛି। ସେପଟେ ଲାଗିଥିବା ବର୍ଷାରେ ପାତ୍ର ପଣ୍ଡୀ ଗ୍ରାମରେ ସମସା ସୀସାଙ୍କ ଘର ଭାଙ୍ଗି ଯାଇଛି। ସେପଟେ ଲଗାଣ ବର୍ଷା ଚାଷକୁ ଧୋଇ ନେଇଥିବା ବେଳେ ଚାଷ ପାଇଁ ମୁଣ୍ଡରେ ଚଡକ ପଡ଼ିଛି। ସମାସା ସୀସା ଗରିବ ଶ୍ରେଣୀର ହୋଇ ଥିବାରୁ ତୁରନ୍ତ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଚଳନ୍ତା ଟ୍ରେନରୁ ଖସି ପଡି ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ

ରାୟଗଡ଼ା,୨୭।୮(ସମିସ): ଚଳନ୍ତା ଟ୍ରେନରୁ ଖସି ପଡି ଜଣେ ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ରେଳଧାରଣାରୁ ମୃତଦେହକୁ ଉଦ୍ଧାର କରାଯାଇ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ପାଇଁ ରଖାଯିବା ସହ ୯୬ ଘଣ୍ଟା ପର୍ଯ୍ୟନ୍ତ ଶବ ଘରେ ରଖାଯିବ ବୋଲି ରାୟଗଡ଼ା ସରକାରୀ ରେଳବାଇ ପୋଲିସ (ଜିଆରପି) ପକ୍ଷରୁ ସୂଚନା ମିଳିଛି। ଏ ନେଇ ମିଳିଥିବା ସୂଚନା ପ୍ରାକାରେ ଆଜି ସକାଳେ ରାୟଗଡ଼ା ସିଙ୍ଗାପୁର ରୋଡ ଅପ୍ ଲାଇନର କିମି ନଂ ୩୪୦/୨୦-୨୧ ମଧ୍ୟରେ ଏକ ଅଜଣା ବ୍ୟକ୍ତିଙ୍କ ମୃତଦେହ ପଡିଥିବା ରେଳ କର୍ମଚାରୀ ଦେଖିବାକୁ ପାଇଥିଲେ। ଏ ନେଇ ରାୟଗଡ଼ା ରେଳ ଷ୍ଟେସନରେ ଜଣାଇବା ପରେ ଜିଆରପି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ତେବେ ମୃତକଙ୍କ ପାଖରୁ କୌଣସି ପରିଚୟ ପତ୍ର ମିଳି ପାରି ନ ଥିବା ବେଳେ ବିଳମ୍ବିତ ରାତ୍ରରେ ଯାଉଥିବା କୌଣସି ଟ୍ରେନରୁ ଖସି ପଡି ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ପୋଲିସ ଅନୁମାନ କରିଛି।

# ଲଗାଣ ବର୍ଷା ପାଇଁ ରାଜରାସ୍ତାରେ ପାଣି

ଖଇରପୁଟ, ୨୭।୮(ସମିସ): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଗୋବିନ୍ଦପାଲ୍ଲୀ ପଞ୍ଚାୟତ ନିକଟସ୍ଥ ଡୋକ୍ରିଯୋଡ଼ି ଗାଁ ନିକଟସ୍ଥ ୩୨୬ ନମ୍ବର ଜାତୀୟ ରାଜପଥ ଉପରେ ହଠାତ୍ ପାଣି ମାଡି ଆସିଥିଲା। ଫଳରେ ମାଲକାନଗିରିକୁ ଜୟପୁର ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା। ସକାଳ ୮ଟାରୁ ପାଣି ମାଡି ଆସି ପ୍ରାୟ ୧୨ଟା ଯାଏଁ ରାସ୍ତା ଜାମ୍ ହୋଇଯାଇଥିଲା। ପରବର୍ତ୍ତୀ ସମୟରେ ରାସ୍ତା ଖୋଲିବା ପରେ ବିଭିନ୍ନ ଯାନବାହାନ ଯେଉଁ ସବୁ ଅଟକିରହିଥିଲା ସେସବୁ ଯାତାୟାତ ସମ୍ଭବ ହୋଇପାରିଲା। ସପ୍ତଧାରା ନଦୀ ଯୋଗୁଁ ରାସ୍ତା ଉପରେ ଆଜି ବିଭିନ୍ନ ସ୍ଥାନରେ ରାସ୍ତା ଉପରେ ପାଣି ମାଡି ଯାଇଥିଲା।

# ୩୦ ମାଓବାଦୀଙ୍କ ଆତ୍ମସମର୍ପଣ



ମାଲକାନଗିରି,୨୭।୮(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ବିଜାପୁରରେ ୩୦ ଜଣ ମାଓବାଦୀଙ୍କ ଆତ୍ମସମର୍ପଣ କରିଛନ୍ତି। ପୋଲିସ ପାଇଁ ଏହା ଏକ ବଡ଼ସଫଳତା ହୋଇଥିବା ବେଳେ ମାଓଗଡ ପାଇଁ ଏକ ଶକ୍ତ ଧକ୍କା ବୋଲି କୁହାଯାଉଛି। ଆତ୍ମସମର୍ପଣ କରିଥିବା ମାଓବାଦୀ ଉପରେ ମୋଟ ୮୧ ଲକ୍ଷ ଟଙ୍କା ପୁରସ୍କାର ଥିଲା। ସୂଚନା ଅନୁଯାୟୀ ଛତିଶଗଡରେ ମାଓ ଦମନ କ୍ଷେତ୍ରରେ ପୋଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଉଥିବା ବେଳେ ମାଓ ସଙ୍ଗଠନ ଭାଙ୍ଗିବାରେ ଲାଗିଛି। ଫଳରେ ଅନେକ ମାଓବାଦୀ ସଙ୍ଗଠନ ଛାଡି ଆତ୍ମସମର୍ପଣ କରୁଥିବା ବେଳେ ଏହି କ୍ରମରେ ଆଜି ମଧ୍ୟ ଏକକାଳୀନ ୩୦ ମାଓବାଦୀ ସଙ୍ଗଠନ ଛାଡି ଆତ୍ମସମର୍ପଣ କରିଛନ୍ତି। ବିଜାପୁର ପୋଲିସ ନିକଟରେ ଏହି ମାଓବାଦୀ ମାନେ ଆତ୍ମସମର୍ପଣ କରିଥିବା ବେଳେ ଏମାନଙ୍କ ମଧ୍ୟରେ ଡିଭିସିଏମ, ମାଓ କମ୍ପାନୀ ସଦସ୍ୟ, ଏସିଏମ କ୍ୟାଡର ସଦସ୍ୟ ଏବଂ ମିଲିସିଆ ସଦସ୍ୟ ଅଛନ୍ତି। ସମସ୍ତ ୩୦ ମାଓବାଦୀଙ୍କୁ ସରକାରଙ୍କ ପୁନର୍ବାସ ନୀତି ଅନୁଯାୟୀ ଥଇଥାନ କରାଯିବ ବୋଲି ପୁଲିସ ଏସ୍‌ପି ଡ.ଜିତେନ୍ଦ୍ର ଯାଦବ ପ୍ରକାଶ କରିଛନ୍ତି।






# ସମ୍ପାଦକୀୟ



ମୁଁ ଏପରି ଏକ ଦୁନିଆରେ ରହିବାକୁ ଚାହେଁ, ଯେଉଁଠାରେ ହସ ଓ କାନ୍ଦର ସମାହାର ଥିବ।
-ଖଲିଲ୍ ଗିର୍ବାନ୍

ସକାଳ
THE SAKALA

## ଆସ୍ଥା ଓ ବିଶ୍ୱାସ ସଙ୍କଟ

ବ୍ୟବସ୍ଥା ଉପରୁ ଆସ୍ଥା ଓ ବିଶ୍ୱାସ ତୁଟିଯିବା ଭଳି ପରିସ୍ଥିତି ଉପୁଜିବାକୁ ନ ଦେବା ହିଁ କ୍ଷମତାକେନ୍ଦ୍ରର ଦାୟିତ୍ୱ। ଗଣତାନ୍ତ୍ରିକ ରାଷ୍ଟ୍ରରେ ଜନସମୁଦାୟର ଭରସା ଉପରେ ନିର୍ଭର କରେ କ୍ଷମତା ହାସଲ କରିବା। ଏଥିସକାଶେ ଆବଶ୍ୟକ ନାଗରିକଙ୍କ ମତାଧିକାର ଅକ୍ଷୁଣ୍ଣ ରଖିବା ଏବଂ ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନା। ଯେତେବେଳେ କ୍ଷମତା ହାସଲ ବା ଦଖଲ ଅନିବାର୍ଯ୍ୟ ହୋଇପଡ଼େ ସେତେବେଳେ ତଥାକଥିତ ଅଧିକାର ଓ ନିରପେକ୍ଷତା ହନନ ହେବା ଥୟ। ଇଏ ହେଉଛି ସମୟ ସମୟର କଥା। ନିରଙ୍କୁଶ କ୍ଷମତା ପାଇଁ ପରିବେଶ ଓ ପରିସ୍ଥିତିକୁ ଅନୁକୂଳ କରିପାରିଲେ ଜନମତର ଗତି ଯୁଆଡ଼େ ଯାଉଛି ଯାଉ, ଶାସନର ଲଗାମ ହାତକୁ ଆସିବ ହିଁ ଆସିବ। ଏଭଳି ଏକ ମାନସିକତା ନେଇ କ୍ଷମତାକେନ୍ଦ୍ର ଯେତେବେଳେ ବ୍ୟବସ୍ଥାରେ ପରିବର୍ତ୍ତନ ଆଣେ ସେତେବେଳେ ବିଦ୍ରୋହ ଓ ବିଦ୍ୱେଷ ଉପୁଜିବା ସ୍ୱାଭାବିକ। କିନ୍ତୁ ଏହା ଶେଷ କଥା ନୁହେଁ। ଶାସନ ବ୍ୟବସ୍ଥାର ସବୁ ତନ୍ତ୍ର ବିରୋଧରେ ମିଳିତ ଭାବେ ଲଢ଼େଇ କରିବା ଏତେ ସହଜ ନୁହେଁ। ବ୍ୟବସ୍ଥା ବଦଳାଇବା ଜରୁରୀ। ବ୍ୟବସ୍ଥା ବଦଳିଲେ ମତଦାତା ନିଜ ହିସାବରେ ନେତା ଓ କ୍ଷମତା ନିର୍ଦ୍ଧାରଣ କରିବେ। ନିରଙ୍କୁଶ କ୍ଷମତା ବିରୋଧରେ ନିରବଚ୍ଛିନ୍ନ ସଂଗ୍ରାମ ପାଇଁ ସର୍ବୋଚ୍ଚ ତ୍ୟାଗ ଓ ବଳିଦାନ ପ୍ରତି ଅଙ୍ଗୀକାର ଥିବା ନେତୃତ୍ୱର ଆବଶ୍ୟକତା ଏବେ ମଧ୍ୟ ରହିଛି। ସମୟ କହିବ ଏହି ଆବଶ୍ୟକତା ପୂରଣ କରିବାକୁ ଏବେର ନେତୃତ୍ୱ କେତେଦୂର ସମର୍ଥ।

ଦେଶର ଅନ୍ୟତମ ଅନଗ୍ରସର ରାଜ୍ୟ ରୂପେ ବିହାର ପରିଚିତ। କେବଳ ଦାରିଦ୍ର୍ୟ ନୁହେଁ ଶିକ୍ଷାକ୍ଷେତ୍ରରେ ମଧ୍ୟ ପଛୁଆ। ଭୟଙ୍କର ଆର୍ଥିକ ଦୁର୍ଗତି ମଧ୍ୟରେ ରାଜ୍ୟ ବାହାରେ ଜୀବନ ଓ ଜୀବିକା ନିର୍ବାହ ବିହାର ଅଧିବାସୀଙ୍କ ସମସ୍ୟା ଦେଶରେ ସର୍ବାଧିକ। ବେକାରୀ ଓ କର୍ମନିଯୁକ୍ତି ଅଭାବ ରହିଛି ଏହାର ପୃଷ୍ଠଭାଗରେ। ଅଥଚ ରାଜନୈତିକ ଦୃଷ୍ଟିରୁ ରାଜ୍ୟବାସୀ ସବୁଠାରୁ ଅଧିକ ସଚେତନ। ତେଣିକି ସେ ସ୍ୱାଧୀନତା ସଂଗ୍ରାମ ହେଉ କିମ୍ବା ପରବର୍ତ୍ତୀ ପରିସ୍ଥିତିରେ କୁଶାସନ ଓ ବ୍ୟବସ୍ଥାଗତ ଅସନ୍ତୁଳନ ବିରୋଧରେ ଦେଶକୁ ସଂଗ୍ରାମର ଆଲୋକବର୍ତ୍ତିକା ଦେଖାଇଛନ୍ତି ବିହାରବାସୀ। ସାମାଜିକ ଓ ରାଜନୈତିକ ବ୍ୟବସ୍ଥାରେ ମୌଳିକ ପରିବର୍ତ୍ତନ ଆଣିବା ସେତେବେଳେ ଜରୁରୀ ହୋଇପଡ଼ିଥିଲା। ଦୁର୍ନୀତି ଓ ପ୍ରଶାସନିକ ବିଶୃଙ୍ଖଳା ବିରୋଧରେ ଜୟପ୍ରକାଶ ନାରାୟଣ ୧୯୭୪ରେ ଯେଉଁ ଛାତ୍ର ଓ ଯୁବ ସଂଗଠନକୁ ନେଇ ସଂଗ୍ରାମ ଆରମ୍ଭ କରିଥିଲେ ତାହା ପରବର୍ତ୍ତୀ ପର୍ଯ୍ୟାୟରେ 'ସମ୍ପୂର୍ଣ୍ଣ କ୍ରାନ୍ତି'ର ରୂପ ନେଇଥିଲା। ସଂଯୋଗବଶତଃ ଠିକ୍ ସେହି ସମୟରେ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଆହ୍ଲାବାଦ ହାଇକୋର୍ଟରେ ନିର୍ବାଚନ ମାମଲା ହାରିଯାଇଥା'ନ୍ତି। ପରିସ୍ଥିତି ଅଣାୟତ୍ତ ହେବା ପୂର୍ବରୁ ସେ ଦେଶରେ ୧୯୭୫ ଜୁନ୍ ୨୫ରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କଲେ। 'ସମ୍ପୂର୍ଣ୍ଣ କ୍ରାନ୍ତି'ରେ ଯୋଡ଼ି ହୋଇଥିବା ବିରୋଧୀ ଦଳ ନେତା ଓ ଯୁବ ନେତୃତ୍ୱକୁ ଜେଲ୍ ପଠାଇବା ଘଟଣା ଦେଶର ରାଜନୈତିକ ସ୍ତରରେ ଏକ ନାଟକୀୟ ପରିବର୍ତ୍ତନ ପାଇଁ ପଥ ପରିଷ୍କାର କଲା। ଦେଶରେ ଅଣକଂଗ୍ରେସ ମିଳିତ ସରକାରର ଭିତ୍ତିଭୂମି ପଡ଼ିଥିଲା ସେହି ସମୟରେ। ଇନ୍ଦିରାଙ୍କ ନିର୍ବାଚନ ପରାଜୟ ପରେ କ୍ଷମତାସୀନ ଜନତା ପାର୍ଟି ସରକାର ମାତ୍ର ୩ ବର୍ଷ ପାଇଁ ତିଷ୍ଠି ଥିଲା। ଏସବୁ ସତ୍ତ୍ୱେ ଯିଏ ଯେତେ କ୍ଷମତାଶାଳୀ ହେଉନା କାହିଁକି ବ୍ୟବସ୍ଥା ପରିବର୍ତ୍ତନ ପାଇଁ ଯେତେବେଳେ ଐକ୍ୟବଦ୍ଧ ଭାବେ ଲଢ଼ିବେ ସେ କ୍ଷମତାଚ୍ୟୁତ ହେବା ଏକପ୍ରକାର ନିଶ୍ଚିତ। ତାହା ଥିଲା ଏକ ପ୍ରୟୋଗ ଓ ପରୀକ୍ଷା। ସମୟକ୍ରମେ ତାହା ସଫଳତା ଲାଭ କରିଥିବାର ଦୃଷ୍ଟାନ୍ତ ରହିଛି।

ବିହାର ବିଧାନସଭାର ଦୁଇମାସ ପୂର୍ବରୁ ନିର୍ବାଚନ ଆୟୋଗ ରାଜ୍ୟରେ ଭୋଟର ତାଲିକାର ସ୍ୱତନ୍ତ୍ର ବ୍ୟାପକ ଯାଞ୍ଚ(ଏସ୍‌ଆଇଆର) ଘୋଷଣା କରି ଯେଉଁ ପଦକ୍ଷେପ ନେଲେ ତାହା ତାଙ୍କର ନିଷ୍ଠା ଓ ଆନ୍ତରିକତା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗତ ଲୋକସଭା ନିର୍ବାଚନ ପୂର୍ବରୁ ଯାଞ୍ଚ ହୋଇଥିବା ଭୋଟର ତାଲିକାର ଏତେ ତରବରିଆ ଭାବେ ପୁଣି ବ୍ୟାପକ ଯାଞ୍ଚର ଆବଶ୍ୟକତା କ'ଣ ଥିଲା? ଯେଉଁ ଉଦ୍ଦେଶ୍ୟ ଆନୁଷ୍ଠାନିକ ଭାବେ ଦର୍ଶାଯାଇଥିଲା ତାହା ମଧ୍ୟ ସଠିକ ପରିଲକ୍ଷିତ ହୋଇନାହିଁ। ପ୍ରଚଳିତ ତାଲିକାରୁ ୬.୫ ନିୟୁତ ଭୋଟରଙ୍କୁ ବାଦ୍ ଦିଆଯାଇଛି। ସେମାନଙ୍କ ମଧ୍ୟରୁ ୨୨ ଲକ୍ଷଙ୍କୁ ମୃତ ଦର୍ଶାଯିବା ଘଟଣା ନେଇ ଯେତେ ସ୍ପଷ୍ଟୀକରଣ ଦିଆଯାଉନା କାହିଁକି ତାହା କାହାର ହୃଦ୍‌ବୋଧ ହୋଇନାହିଁ। ଏହି ପ୍ରେକ୍ଷାପଟରେ କର୍ଣ୍ଣାଟକର ମହାଦେବପୁରା ବିଧାନସଭା ଆସନରେ ପ୍ରସ୍ତୁତ ଭୋଟର ତାଲିକାରେ ଜାଲିଆତି ସମ୍ପର୍କରେ ତଥ୍ୟ ଉଦ୍‌ଘାଟନ କରି ବିରୋଧୀ ଦଳ ନେତା ନିର୍ବାଚନ ଆୟୋଗଙ୍କ ନିରପେକ୍ଷତା ନେଇ ପ୍ରଶ୍ନ ଉଠାଇଛନ୍ତି। ବିହାର ଏସ୍‌ଆଇଆର ପ୍ରସଙ୍ଗ ସୁପ୍ରିମକୋର୍ଟରେ ବିଚାରାଧୀନ ଥିବା ବେଳେ ବିରୋଧୀ ଦଳ ନେତା ରାହୁଲ୍ ଗାନ୍ଧୀଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା 'ଭୋଟ ଅଧିକାର ଯାତ୍ରା' ସମଗ୍ର ବିହାରରେ ରାଜନୈତିକ ଉଦ୍‌ବେଳନ ସୃଷ୍ଟି କରିଛି। ସମଗ୍ର ଦେଶରେ ବିରୋଧୀ ରାଜନେତା ଗୋଟିଏ ମଞ୍ଚରେ ଏକତ୍ର ହୋଇ ଯେଉଁ ଆହ୍ୱାନ ଦେଇଛନ୍ତି ତାହାର ଭବିଷ୍ୟତ କ'ଣ ହେବ ସେ ନେଇ କିଛି ଟିପ୍ପଣୀ ଦେବାର ଆବଶ୍ୟକତା ନାହିଁ। ଜୟପ୍ରକାଶଙ୍କ 'ସମ୍ପୂର୍ଣ୍ଣ କ୍ରାନ୍ତି' ଓ ରାହୁଲ୍‌ଙ୍କ 'ଭୋଟ ଅଧିକାର ଯାତ୍ରା' ସଂଯୋଗବଶତଃ ସେହି ବିହାରରୁ ଆରମ୍ଭ ହୋଇଛି। ତାହା ଥିଲା ଇନ୍ଦିରା ଗାନ୍ଧୀଙ୍କ ଶାସନ ବିରୋଧରେ। ଏବେ କିନ୍ତୁ ପରିବର୍ତ୍ତିତ ବ୍ୟବସ୍ଥାରେ ଇନ୍ଦିରାଙ୍କ ନାତି ରାହୁଲ୍ ପ୍ରଚଳିତ ଶାସନରେ ପରିବର୍ତ୍ତନ ଆଣିବା ସକାଶେ ଜନସମୁଦାୟକୁ ଐକ୍ୟବଦ୍ଧ ଭାବେ ସଂଗ୍ରାମର ନେତୃତ୍ୱ ଦେଉଛନ୍ତି। ୫୧ ବର୍ଷ ବ୍ୟବଧାନରେ କ୍ରମେ ପରିପକ୍ୱ ହେଉଥିବା ଭାରତୀୟ ଗଣତନ୍ତ୍ରରେ ପରିଲକ୍ଷିତ ବିଲକ୍ଷଣ ପୁଣି ଥରେ ସଂଗ୍ରାମ ସକାଶେ ବାଧ୍ୟବାଧକତା ସୃଷ୍ଟି କରିଛି।

ଏହାକୁ ଯଦି ଆମେ କ୍ଷମତାକୈନ୍ଦ୍ରିକ ଲଢ଼େଇ କହୁ ତେବେ ନିର୍ବାଚନ ଆୟୋଗଙ୍କ ଭୂମିକା ସ୍ପଷ୍ଟ ହେବା ଉଚିତ। ଘଟଣାକ୍ରମ ଜନମତକୁ ଅଧିକରୁ ଅଧିକ ପ୍ରଭାବିତ କରୁଥିବାରୁ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର ନିରବତା ରକ୍ଷା କରିବାକୁ ବାଧ୍ୟ ହୋଇଛନ୍ତି। କିନ୍ତୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ତାଙ୍କର ଯୁକ୍ତି ଓ ଆକ୍ଷେପ ନିରପେକ୍ଷତାର ବହୁଦୂରରେ ଥିଲା। ସତେଯେପରି ସେ ସିଇସି ନଥିଲେ ଜଣେ ଚାବିଦିଆ ପ୍ରଶାସକର ଭୂମିକା ତୁଲାଉଥିଲେ। ଏକତରଫା ସତ୍ୟପାଠ ଓ କ୍ଷମାପ୍ରାର୍ଥନା ଦାବି କରି ସେ ଅଭିଯୋଗ ଓ ଆରୋପର ଯାଞ୍ଚକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ମେସିନ୍‌ରେ ପଠନଯୋଗ୍ୟ ଭୋଟର ଡାଟା ପ୍ରକାଶକୁ ରୋକ୍‌ଠୋକ୍ ମନା କରିବା, ପିଡିଏଫ୍ ଫର୍ମାଟରେ ଯାଞ୍ଚର ସୁଯୋଗ ନଥିବା ବେଳେ ସେ ଡାଞ୍ଚାକୁ ଓହ୍ଲାଇ ଆସିବାକୁ ପ୍ରସ୍ତୁତ ନ ହେବା ପଛରେ ସ୍ୱଚ୍ଛ ଓ ନିରପେକ୍ଷ ପ୍ରସଙ୍ଗ ଅସ୍ୱୀକାର କରିବା। ଏଠାରେ ମନେ ରଖିବାକୁ ହେବ ଯେ ନିର୍ବାଚନ ଆୟୋଗ ଭଳି ଗଣତାନ୍ତ୍ରିକ ଅନୁଷ୍ଠାନ ଆସ୍ଥା ଓ ବିଶ୍ୱାସ ଉପରେ ତିଷ୍ଠି ରହିବ। ବିଶ୍ୱର ବୃହତ୍ତମ ଗଣତନ୍ତ୍ର ଭାରତର ଆଦର୍ଶ ନିର୍ବାଚନ ପରିଚାଳନା ଅନ୍ୟମାନଙ୍କ ପାଇଁ ଅନୁକରଣୀୟ ଥିଲା। ଏବର ଘଟଣାବଳୀ ଉପରେ ସମସ୍ତ ବିଶ୍ୱବାସୀଙ୍କ ନଜର ରହିଛି। ଜ୍ଞାନେଶ କୁମାର ଅନ୍ତତଃ ତାହାର ଅମର୍ଯ୍ୟାଦା ନ କରନ୍ତୁ।

## ବରିଷ୍ଠଜନଙ୍କ ନିର୍ଜନତା: ଆଧୁନିକ ମହାମାରୀ

ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ

ସାରା ପୃଥିବୀରେ ବୟସ୍କ ବ୍ୟକ୍ତିମାନଙ୍କର ସଂଖ୍ୟା ବଢୁଛି। ଭାରତରେ ପ୍ରତି ଦଶଜଣରେ ଜଣେ ପ୍ରବୀଣ ବା ବୃଦ୍ଧ। ୨୦୫୦ ମସିହା ବେଳକୁ ତାହା ହେବ ପ୍ରତି ପାଞ୍ଚଜଣରେ ଜଣେ। କାରଣ ହାରାହାରି ଆୟୁ ବଢୁଛି ଏବଂ ଜନ୍ମହାର କମୁଛି। ଆମ ଦେଶରେ ଷାଠିଏ ବର୍ଷ ବୟସ ପରଠାରୁ ବ୍ୟକ୍ତିକୁ ବରିଷ୍ଠ ବା ପ୍ରବୀଣ ବୋଲି କୁହାଯାଏ। ଜରାଚିକିତ୍ସକମାନଙ୍କ ମତରେ ଆମ ଦେଶରେ ବୟସ୍କ ବ୍ୟକ୍ତିମାନେ ଅନେକାଂଶରେ ଅବହେଳିତ। ବିଭିନ୍ନ ସମୀକ୍ଷା, ସମ୍ବାଦପତ୍ରରୁ ମଧ୍ୟ ଏହି ତଥ୍ୟ ମିଳୁଛି। ସାମାଜିକ, ଆର୍ଥିକ, ମାନସିକ ଓ ଶାରୀରିକ ଦିଗରୁ ସେମାନେ କ୍ରମାଗତ ଶିକାର ହୋଇଚାଲିଛନ୍ତି ନିର୍ଯାତନାର। ବଡ଼ ଅନୁଶୋଚନାର ବିଷୟ ଯେ ନିଜ ହାତଗଢ଼ା ପରିବାରରେ ହିଁ ବରିଷ୍ଠ ବ୍ୟକ୍ତିମାନେ ଧୀରେ ଧୀରେ ଅଲୋଡ଼ା ହୋଇପଡୁଛନ୍ତି।

ପରିବାରରେ ସନ୍ତାନମାନଙ୍କ ଦ୍ୱାରା କିମ୍ବା ଚାକରବାକରମାନଙ୍କ ଦ୍ୱାରା ବରିଷ୍ଠ ନାଗରିକମାନେ ଶାରୀରିକ ନିର୍ଯାତନା ଭୋଗୁଥିବାର ଘଟଣା ଆଜିକାଲି ଆଉ ବିରଳ ନୁହେଁ। ଏପରିକି ଘରେ ବରିଷ୍ଠ ନାଗରିକମାନଙ୍କ ସେବା ଯତ୍ନ କରିବା ପାଇଁ ନିଯୁକ୍ତମାନଙ୍କ ଆଡୁ ବି ମିଳୁଛି ନିର୍ଯାତନା। ନିଜ ସନ୍ତାନମାନଙ୍କ ତାଡ଼ନାର ଶିକାର ହୋଇ ଚାଲୁଥିବା ସତ୍ତ୍ୱେ ଅନେକେ, ବିଶେଷତଃ ମାଆମାନେ, ସନ୍ତାନ ବିରୋଧରେ ପାଟି ଖୋଲିବା ପାଇଁ ଚାହିଁ ନ ଥା'ନ୍ତି।

ବୟସ ବଢ଼ିଲେ ସ୍ୱାଭାବିକ ଭବେ ପ୍ରକାଶ ପାଏ କିଛି ଶାରୀରିକ ସମସ୍ୟା। କାନକୁ ଭଲ ଶୁଣାଯାଏନି। ଆଖିକୁ ଭଲ ଦେଖାଯାଏନି। ଭଲ ଭାବରେ ଚାଲି ହୁଏନି। 'ତୁମକୁ ତ କିଛି ଶୁଣାଯିବନି, ଓଲଟପାଲଟ କରି ଏଣ୍ଡୁଡେଣ୍ଡୁ କହିପକେଇବ'- ଏହି ପ୍ରକାରର କଥା କହି ସେମାନଙ୍କୁ ମନା କରାଯାଏ ସାଙ୍ଗରେ ଯିବା ପାଇଁ। ଫଳରେ ସେହି ମଣିଷଟି କ୍ରମଶଃ ନିଜକୁ ସବୁଥିରୁ ଦୂରେଇ ରଖିବା ନିମନ୍ତେ ବାଧ୍ୟ ହୁଏ। ବୟସ୍କମାନଙ୍କୁ ଅନ୍ୟମାନଙ୍କ ସହିତ ମିଳାମିଶା କରିବାକୁ ବାରଣ କଲେ ସେମାନେ କ୍ରମେ ହୋଇଉଠନ୍ତି ଅବସାଦଗ୍ରସ୍ତ। ଚିକିତ୍ସକଙ୍କ ପାଖକୁ ନେବା ନିମନ୍ତେ କେହି ଧ୍ୟାନ ନ ଦେବା ଯୋଗୁଁ ସେମାନଙ୍କ ଶାରୀରିକ ସମସ୍ୟା ଆହୁରି ବଢ଼ିଯାଏ।

ଅବସର ପରେ ସମସ୍ତଙ୍କ କ୍ଷେତ୍ରରେ ଆର୍ଥିକ ସ୍ୱଚ୍ଛଳତା ନ ଥାଏ। ହୁଏତ ବ୍ୟକ୍ତିଟିର କିଛି ବ୍ୟକ୍ତିଗତ ସଞ୍ଚୟ ଥାଏ। କିଛି କିଣି ଖାଇବା ପାଇଁ ତା'ର ଇଚ୍ଛା ହେଉଛି, କିମ୍ବା ଇଚ୍ଛା ହେଉଛି କାହାକୁ କିଛି ଦେବା ପାଇଁ। ହେଲେ ପରିବାର ତରଫରୁ ତା'କୁ ଏଥିପାଇଁ ମନା କରାଯାଉଛି। ବ୍ୟକ୍ତିଟିର କ୍ରୟକ୍ଷମତା ନାହିଁ ବୋଲି ତା'ର ଇଚ୍ଛା ଅନିଚ୍ଛାକୁ ପରିବାରରେ ଗୁରୁତ୍ୱ ଦିଆଯାଉନି। କିନ୍ତୁ ଗୋଟିଏ ପିଲା କ୍ଷେତ୍ରରେ ପରିବାର ତରଫରୁ ଏପରି ମନୋଭାବ ପୋଷଣ କରାଯାଇ ନ ଥାଏ। ବରିଷ୍ଠମାନଙ୍କ ପ୍ରତି ଏପରି ପାତରଅନ୍ତର ଆଦୌ ବାଞ୍ଛନୀୟ ନୁହେଁ। କେଇଜଣ ଅବା ଜାଣନ୍ତି ମନର କଥା? ଶାରୀରିକ, ସାମାଜିକ ଏବଂ ଆର୍ଥିକ ହୀନସ୍ତା ଧୀରେ ଧୀରେ ଡାକି ଆଣେ ମାନସିକ ସମସ୍ୟାକୁ।

ବୟସ ବଢ଼ିବା ସହିତ ମାନସିକ ଅବସାଦର ସମ୍ପର୍କ ରହିଛି। ଅବଶ୍ୟ ପ୍ରତ୍ୟେକ ବୟସ୍କ ବ୍ୟକ୍ତିର ମାନସିକ ଅବସାଦ ହେବ, ଏପରି ନୁହେଁ। ସ୍ୱାମୀ କିମ୍ବା ସ୍ତ୍ରୀଙ୍କ ମଧ୍ୟରୁ କେହି ଜଣେ ଚାଲିଗଲେଣି, ସନ୍ତାନ ଦୂରରେ ରହେ ବା ନିକଟରେ ଥିଲେ ମଧ୍ୟ ସମୟ ଦେଇ ପାରେନା...। ଏପ୍ରକାରର ନାନା ପରିସ୍ଥିତି ଆଦୌ ବିରଳ ନୁହେଁ। ଏକାକୀତ୍ୱର ସହିତ ଅବସାଦର ଏକ ଗଭୀର ସଂଯୋଗ ରହିଛି। ନିଃସଙ୍ଗତା ବା ଏକାକୀତ୍ୱକୁ କୁହାଯାଉଛି 'ମଡର୍ନ ଏପିଡେମିକ' ବା 'ଆଧୁନିକ ମହାମାରୀ'। ବୟସ୍କ ବ୍ୟକ୍ତିମାନଙ୍କ ଉପରେ ଏକାକୀତ୍ୱର ପ୍ରଭାବ ଆହୁରି ଅଧିକ। କାରଣ ଶରୀର ଦୁର୍ବଳ ହୋଇପଡ଼ିଲେ ଅନ୍ୟ ଉପରେ ନିର୍ଭରଶୀଳତା ବଢ଼ିଯାଏ। ଯାହା ଉପରେ ନିର୍ଭର କରିଥା'ନ୍ତି, ତା'ଠାରୁ ଅବହେଳା ପାଇଲେ ତାହା ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ। ତେଣୁ ମାନସିକ ଅବସାଦ, ଉତ୍କଣ୍ଠାଜନିତ ଅସୁସ୍ଥତା, ସ୍ମୃତି ହାନି ବା ଡିମେନ୍ସିଆ ଏବଂ ଆଲଜିମର୍ସ ଭଳି ସମସ୍ୟା ନିଃସଙ୍ଗ ବରିଷ୍ଠବ୍ୟକ୍ତିଙ୍କ କ୍ଷେତ୍ରରେ ଅଧିକ।

ମାନସିକ ଅବସାଦ ଆମନ୍ତ୍ରଣ କରି ଆଣେ ଡିମେନ୍ସିଆ ବା ସ୍ମୃତିର ସମସ୍ୟା। ଠିକ ଭାବରେ କଥାବାର୍ତ୍ତା ବା ଭାବ ଆଦାନ ପ୍ରଦାନ କରି ନ ପାରିବା ଏବଂ ଏକାଧିକ କାର୍ଯ୍ୟକୁ ସୁଶୃଙ୍ଖଳ ଭାବରେ ସଂପାଦନ କରି ନ ପାରିବା ମଧ୍ୟ ଏହି ରୋଗର କାରଣ ହୋଇପାରେ। ଯେଉଁ ବ୍ୟକ୍ତିଟି ନିତିଦିନିଆ ଛୋଟଛୋଟ ବିଷୟକୁ ଭୁଲିଯାଏ, ତା'କୁ ଆମେ ନିଜ ଅଜାଣତରେ ବି ଅବହେଳା କରିଥାଉ। କହିଥାଉ ତୁମକୁ କହି କି ଲାଭ, ତୁମେ ତ କିଛି ବି ମନେ ରଖି ପାରୁନ। କିନ୍ତୁ କାନରେ ଭଲ ଶୁଣି ନ ପାରିଲେ ଏବଂ ତାହା ବଢ଼ିଚାଲିଲେ ଜାତ କରିପାରେ ମାନସିକ ଅବସାଦ। କିନ୍ତୁ ତାହା ସ୍ମୃତିହାନି ବୋଲି ଧରିନେବାରେ ବିପଦ ଅଛି।

ଜନୈକ ମହିଳାଙ୍କ ବୟସ ସତୁରି ବର୍ଷରୁ ଊର୍ଦ୍ଧ୍ୱ। ପ୍ରାକ୍ତନ ଶିକ୍ଷିକା। ଶିକ୍ଷିତ ମଧ୍ୟବିତ୍ତ ପରିବାର। ତାଙ୍କରି ଥିଲା କିଛି ମାନସିକ ସମସ୍ୟା। ପୁଅ ଓ ବୋହୂ ନାତିନାତୁଣୀଙ୍କୁ ସତର୍କ କରି କହିଛନ୍ତି - 'ଜେଜେମାଙ୍କ ପାଖକୁ ଯିବନି। ତାଙ୍କର ମୁଣ୍ଡ ଠିକ୍ ନାହିଁ। ତାଙ୍କ ପାଖକୁ ଗଲେ ତୁମର ପଢ଼ାଶୁଣାରେ କ୍ଷତି ହେବ।' ଏହିପରି ଭାବରେ ଅଲଗା କରି ରଖିବା ଏବଂ ପାରିବାରିକ ତଥା ସାମାଜିକ ସମାବେଶରେ ସାମିଲ ନ କରେଇବା ମଧ୍ୟ ମାନସିକ ହତାଦର। ସବୁ ସମୟରେ ଯେ ଇଚ୍ଛାକୃତ ଭାବରେ ଅବହେଳା ବା ହତାଦର କାଯାଇଥାଏ, ତାହା ନୁହେଁ। ଅଜ୍ଞତା ଯୋଗୁଁ ମଧ୍ୟ ଏପରି ହୋଇଯାଇପାରେ। ତେଣୁ ଏସବୁକୁ ନେଇ ମନୋବିଜ୍ଞାନୀ ଓ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେବା ନିରାପଦ।

ବୟସ ବଢ଼ିଲେ ଶାରୀରିକ ଓ ଆର୍ଥିକ ନିର୍ଭରଶୀଳତା ଅପେକ୍ଷା ବେଶୀ ବଢ଼ିଥାଏ ମାନସିକ ନିର୍ଭରଶୀଳତା। ସମର୍ଥ ବରିଷ୍ଠ ବ୍ୟକ୍ତିମାନେ ଚାହିଁଥା'ନ୍ତି ଦିନମାନ ଭିତରେ କୌଣସି ନା କୌଣସି ସମୟରେ ସେମାନଙ୍କ ପୁଅଝିଅ ଓ ନାତିନାତୁଣୀଙ୍କ ସହିତ ସମୟ କଟେଇବା ପାଇଁ। ବୁଢ଼ାବୁଢ଼ୀଙ୍କ ଦେଖାଶୁଣା କରିବା ପାଇଁ ପରିବାରର ଲୋକ ଅନ୍ୟମାନଙ୍କୁ ଦରମାଦେଇ ନିଯୁକ୍ତି କରିଥା'ନ୍ତି କେତେକ ପରିବାରରେ। ଜନ୍ମଦିନରେ ଉପହାର ଆଣି ଦିଅନ୍ତି। ହେଲେ ଏସବୁ ସେମାନଙ୍କୁ ଯଥାର୍ଥ ତୃପ୍ତି ଦେଇ ନ ଥାଏ। ଦରମା ନେଇ ନିଯୁକ୍ତ ହୋଇଥିବା ସେବାକାରୀଙ୍କଠାରୁ ବି ନିର୍ଯାତନା ପାଇବାର ଉଦାହରଣ ଭୂରି ଭୂରି।

ତେଣୁ ପରିବାରର ବାପାମାଆ ଓ ଅଜାଆଈଙ୍କ ସହ ବିତେଇବା ପାଇଁ କିଛି ସମୟ ନିର୍ଦ୍ଦିଷ୍ଟ କରିଦେବାର ପ୍ରୟୋଜନୀୟତା ରହିଛି। ସେମାନଙ୍କ ପାଖରେ ବସି ସେମାନଙ୍କ ସହିତ ଗପସପ କରନ୍ତୁ। ଭଲମନ୍ଦ ପଚାରି ବୁଝନ୍ତୁ। ସେମାନଙ୍କ କଥା ମନ ଦେଇ ଶୁଣନ୍ତୁ। ଅବଶ୍ୟ ପ୍ରତ୍ୟେକ ପରିବାରର ସମସ୍ୟାରେ ପାର୍ଥକ୍ୟ ରହିଛି। ମାତ୍ର ନିଜର ସମସ୍ୟାକୁ ଚାହିଁ ବରିଷ୍ଠ ବ୍ୟକ୍ତିମାନଙ୍କ ନିମିତ୍ତ ସମୟ ସ୍ଥିର କରିବା ଉଚିତ। ସେମାନଙ୍କ ଗହଣରେ ସମୟ ବିତେଇବାର ଅନୁକୂଳ ପ୍ରଭାବ ସୁଦୂରପ୍ରସାରୀ। ତା'ଛଡ଼ା ପରିବାରରେ ଥା'ନ୍ତି ବିଭିନ୍ନ ପ୍ରଜନ୍ମର ସଦସ୍ୟ। ପ୍ରତ୍ୟେକଙ୍କ ମଧ୍ୟରେ ସୁସ୍ଥ ସ୍ୱାଭାବିକ ସଂପର୍କ ରକ୍ଷା କରିବା ଖୁବ୍ ଜରୁରୀ। ପରିବାରର ଛୋଟ ସଦସ୍ୟମାନଙ୍କ ସହିତ ବରିଷ୍ଠ ସଦସ୍ୟମାନଙ୍କର ସୁସମ୍ପର୍କ ତଥା ସୁସଂଯୋଗ ଥିଲେ ବରିଷ୍ଠମାନଙ୍କ ପ୍ରତି ହତାଦର ତଥା ଅବହେଳା ଅନେକାଂଶରେ ଏଡ଼ାଇଦେଇ ହୁଏ। ବୟସ୍କମାନଙ୍କ ପ୍ରତି ଅବହେଳା ପ୍ରଦର୍ଶନ ବନ୍ଦ କରିବାର ଅନ୍ୟତମ ଉପାୟ ସଚେତନତା ବୃଦ୍ଧି। ଏହା ସଙ୍ଗେ ସଙ୍ଗେ ବରିଷ୍ଠମାନଙ୍କ ମନକୁ ଭଲ ରଖିବାର ଦାୟିତ୍ୱ ମଧ୍ୟ ନେବାକୁ ପଡ଼ିବ। ବରିଷ୍ଠ ନାଗରିକମାନେ ପ୍ରତି ସପ୍ତାହରେ ଅନ୍ତତଃ ଥରେ ଏକାଠି ହୋଇ ପରସ୍ପର ମଧ୍ୟରେ ଗପସପ କରିବା, ସାଂସ୍କୃତିକ କାର୍ଯ୍ୟକ୍ରମ କରିବା, ଅସୁସ୍ଥ ସହଯୋଗୀଙ୍କ ଚିକିତ୍ସାରେ ସାହାଯ୍ୟ କରିବା, ଆଇନ ଅଦାଲତର ବ୍ୟବସ୍ଥାରେ ସହଯୋଗ କରିବାର ଆବଶ୍ୟକତା ରହିଛି। ଯେଉଁ ପରିବାରରେ କୌଣସି ବରିଷ୍ଠ ବ୍ୟକ୍ତି ଅବହେଳିତ ହେଉଥିବାର ଜାଣିଲେ ସେହି ପରିବାରର ସଦସ୍ୟମାନଙ୍କୁ ଭେଟି ଗଠନମୂଳକ ପରାମର୍ଶ ଦେଇ ପ୍ରତିକାର ବ୍ୟବସ୍ଥା କରାଯାଇପାରେ।

ତେବେ ବୟସ୍କମାନେ ନିଜର ପ୍ରକୃତ ବୟସକୁ ଭୁଲି ୬୦ ବର୍ଷ ବୟସ ପରେ ୬୧, ୬୨, ୬୩ ବର୍ଷ ଇତ୍ୟାଦିକୁ ଯଥାକ୍ରମେ ୧ ବର୍ଷ, ୨ ବର୍ଷ, ୩ବର୍ଷ... ବୋଲି କହିବାଟା ଆନନ୍ଦଦାୟକ, ହାସ୍ୟୋଦ୍ଦୀପକ ଏବଂ ଇତିବାଚକ ମାନସିକତା। ସୁସ୍ଥ ଭାବରେ ରହିବା ପାଇଁ ସକାରାତ୍ମକ ମନୋଭାବ ପୋଷଣର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏକଦା ଯେଉଁ ଅଜାଆଈ କି ବାପାମାଆ ଥିଲେ ପରିବାରର କର୍ତ୍ତା ଓ କର୍ତ୍ତୀ, ସେମାନେ ଯେପରି ନିଜନିଜର ଅବଶିଷ୍ଟ ଜୀବନକାଳ ସମ୍ମାନର ସହ ବଞ୍ଚିରହିବେ - ଏହା ଦେଖିବା ପରିବାରର ଅନ୍ୟମାନଙ୍କର ନୈତିକ କର୍ତ୍ତବ୍ୟ। ଜାଣି ରଖନ୍ତୁ ଯେ ବୟସଟା ଏକ ସଂଖ୍ୟା ମାତ୍ର। ତା'କୁ ପ୍ରାଧାନ୍ୟ ନ ଦେଇ କିଭଳି ଆହୁରି ଭଲ ଭାବରେ ଜୀବନଟା କଟେଇ ହେବ, ଏହା ଦେଖିବାର ଦାୟିତ୍ୱ ସମସ୍ତଙ୍କର।

କଟକ, ମୋ: ୯୪୩୭୭୬୬୧୧୭

## ସଂସ୍କୃତି-ସଂପ୍ରୀତିର ମହୋତ୍ସବ ନୂଆଖାଇ

ନିହାର ରଞ୍ଜନ ସାବତ

ପବିତ୍ର ଭାରତ ଭୂମିରେ ଯେଉଁ ଅସଂଖ୍ୟ ସାଂସ୍କୃତିକ ପରମ୍ପରାଗୁଡ଼ିକ ଯୁଗ ଯୁଗ ଧରି ଚାଲି ଆସିଛି, ସେମାନଙ୍କ ମଧ୍ୟରେ ବୈଜ୍ଞାନିକ ଆଧାରବିଶିଷ୍ଟ ଉତ୍ସବ ରୂପେ ପ୍ରତିଷ୍ଠିତ ଓଡ଼ିଶାର ପଶ୍ଚିମାଞ୍ଚଳର ଗଣପର୍ବ 'ନୂଆଖାଇ' ଅନ୍ୟତମ। 'ନୂଆ' ଅର୍ଥାତ୍ 'ନବ' ଏବଂ 'ଖାଇ' ଅର୍ଥାତ୍ 'ଭୋଜନ' ପରି ଦୁଇଟି ସରଳ ଶବ୍ଦର ମିଶ୍ରଣରେ ସୃଷ୍ଟି ହୋଇଥିବା 'ନୂଆଖାଇ' ଶବ୍ଦଟି କେବଳ ଭାଷାଗତ ସଂଯୋଜନା ନୁହେଁ, ବରଂ ଏହା ହେଉଛି ମାନବ ସଭ୍ୟତାର ମୌଳିକ ଆଦର୍ଶ, ପ୍ରକୃତି ସହିତ ସାମଞ୍ଜସ୍ୟ, ଆଧ୍ୟାତ୍ମିକ ଉନ୍ନତି ଓ ସାମାଜିକ ଐକ୍ୟର ଏକ ଅତୁଳନୀୟ ସମ୍ମିଶ୍ରଣ। ଏହି ଉତ୍ସବ କେବଳ ଏକ କୃଷିଭିତ୍ତିକ ପର୍ବ ନୁହେଁ, ବରଂ ଏହା ପ୍ରକୃତିମାତାଙ୍କର ଅପାର କରୁଣା, କୃଷକମାନଙ୍କର ନିରନ୍ତର ସଂଘର୍ଷ, ପରିବାର ଓ ସମାଜର ଦୃଢ଼ ସଂହତି ଏବଂ ଈଶ୍ୱରଙ୍କ ପ୍ରତି ଅସୀମ ଭକ୍ତି ଓ କୃତଜ୍ଞତାର ସୁନ୍ଦର ମିଶ୍ରଣ କରାଉଥିବା ଏକ ବ୍ୟାପକ ଜୀବନଦର୍ଶନର ପରିପ୍ରକାଶ। ବୈଦିକ ଯୁଗର ଗଭୀରତମ ତତ୍ତ୍ୱରୁ ଆରମ୍ଭ ହୋଇ ଆଜିର ଆଧୁନିକ ଯୁଗର ଆହ୍ୱାନ ମଧ୍ୟରେ ନିଜର ପ୍ରାସଙ୍ଗିକତା ବଜାୟ ରଖିଥିବା ଏହି ଅନୁପମ ପରମ୍ପରା ଯୁଗ ଯୁଗ ଧରି ଅଗଣିତ ଲୋକଙ୍କ ହୃଦୟରେ ଆଶା, ଉତ୍ସାହ ଓ ଆଧ୍ୟାତ୍ମିକ ଆନନ୍ଦର ସଞ୍ଚାର କରିଆସୁଛି।

ମୁଖ୍ୟତଃ ମହାନଦୀ, ବ୍ରାହ୍ମଣୀ, ଇନ୍ଦ୍ରାବତୀ ଓ ତେଲ ଇତ୍ୟାଦି ନଦୀର ପବିତ୍ରଜଳ ଦ୍ୱାରା ସେଚିତ ସମ୍ବଲପୁର, କଳାହାଣ୍ଡି, ବଲାଙ୍ଗୀର, ବରଗଡ଼, ସୁନ୍ଦରଗଡ଼, ଝାରସୁଗୁଡ଼ା, ସୁବର୍ଣ୍ଣପୁର, ବୌଦ୍ଧ ଓ ନୂଆପଡ଼ା ଜିଲ୍ଲାର ଏକ ବିସ୍ତୀର୍ଣ୍ଣ କୃଷିଭିତ୍ତିକ ଅଞ୍ଚଳରେ ବିପୁଳ ପାରମ୍ପରିକ ଉତ୍ସାହ, ଉଦ୍ଦୀପନା, ଶ୍ରଦ୍ଧା ଓ ଭକ୍ତିର ସହିତ ନୂଆଖାଇ ଉତ୍ସବ ପାଳିତ ହୋଇଥାଏ। କୃଷକମାନେ ଖିର ଧରିଆସୁଥିବା ଧାନକେଣ୍ଡାର ଗର୍ଭଣା ଅଂଶ ପ୍ରଥମ ଅର୍ଘ୍ୟ ସ୍ୱରୂପ ମା'ଙ୍କୁ ଅର୍ପଣ କରନ୍ତି। ଏଥିସହିତ ଛୋଟଛୋଟ ପଡ଼ାଗାଁଠାରୁ ଆରମ୍ଭ କରି ବଡ଼ବଡ଼ ସହର ପର୍ଯ୍ୟନ୍ତ, ସବୁ ପରିବାର, ସବୁ ବର୍ଗରେ ଏହା ଏକ ଅତ୍ୟନ୍ତ ପବିତ୍ର, ଭକ୍ତିମୟ ଆଧ୍ୟାତ୍ମିକ ଉତ୍ସବ ରୂପେ ପାଳନ କରାଯାଏ। ଏହାର ସାଂସ୍କୃତିକ ପ୍ରଭାବ କେବଳ ଓଡ଼ିଶାର ସୀମାରେ ସୀମିତ ନହୋଇ ପଡ଼ୋଶୀ ଛତିଶଗଡ଼ ରାଜ୍ୟର ରାୟଗଡ଼, ବସ୍ତର, ରାୟପୁର, ବିଳାସପୁର ଓ ଦୁର୍ଗ, ଝାଡ଼ଖଣ୍ଡ ରାଜ୍ୟର ପଶ୍ଚିମ ସିଂହଭୂମ, ଷଡ଼େଇକଳା, ଖରସୁଆଁ, ରାଞ୍ଚୀ ଓ ହଜାରୀବାଗ ଭଳି ଅଞ୍ଚଳ ପର୍ଯ୍ୟନ୍ତ ବିସ୍ତୃତ। ଏଠାରେ ସମ୍ବଲପୁରୀ-କୋଶଳୀ ଓ ଅନ୍ୟାନ୍ୟ ସ୍ଥାନୀୟ ଭାଷାଭାଷୀ ଲୋକମାନେ ନିଜ ନିଜ ଭାଷାଗତ ବିଶେଷତ୍ୱ ସହିତ ଏହି ପର୍ବକୁ ପାଳନ କରି ସାଂସ୍କୃତିକ ବୈଚିତ୍ର୍ୟ ମଧ୍ୟରେ ଏକ ଅପୂର୍ବ ସୁସଙ୍ଗତି ସୃଷ୍ଟି କରନ୍ତି।

ନୂଆଖାଇ ପର୍ବର ପୌରାଣିକ ତଥା ଐତିହାସିକ ପୃଷ୍ଠଭୂମି ଅତ୍ୟନ୍ତ ପ୍ରାଚୀନ, ଗୌରବମୟ ଓ ବିବିଧ ସାଂସ୍କୃତିକ ପରମ୍ପରାର ସମନ୍ୱୟରେ ସମୃଦ୍ଧ। ଦେବଯଜ୍ଞ (ଦେବତାଙ୍କ ଆରାଧନା), ପିତୃଯଜ୍ଞ (ପିତୃପୁରୁଷଙ୍କ ସ୍ମରଣ), ବ୍ରହ୍ମଯଜ୍ଞ (ବିଦ୍ୟାଚର୍ଚ୍ଚା), ମନୁଷ୍ୟଯଜ୍ଞ (ଅତିଥି ସେବା) ଓ ଭୂତଯଜ୍ଞ (ଜୀବଜନ୍ତୁଙ୍କ କଲ୍ୟାଣ) ଭଳି ପାଞ୍ଚଟି ମୌଳିକ କାର୍ଯ୍ୟକଳାପକୁ ନେଇ ଗଠିତ ବୈଦିକ ଯୁଗର 'ପଞ୍ଚଯଜ୍ଞ' ସଂକଳ୍ପ ସହିତ ଏହାର ଗଭୀର ସମ୍ପର୍କ ରହିଛି। ଏହି 'ପଞ୍ଚଯଜ୍ଞ' କେବଳ ବ୍ୟକ୍ତିଗତ ଆଧ୍ୟାତ୍ମିକ ସାଧନା ନୁହେଁ, ବରଂ ସମଗ୍ର ସମାଜର କଲ୍ୟାଣ, ପ୍ରକୃତି ସହିତ ସାମଞ୍ଜସ୍ୟ ଓ ବ୍ରହ୍ମାଣ୍ଡର ଶାଶ୍ୱତ ନିୟମ ସହିତ ମାନବଜୀବନର ସମନ୍ୱୟ ରକ୍ଷା କରିବାର ଏକ ସୁନ୍ଦର ପଦ୍ଧତି। ଏହି ସମସ୍ତ ଉପାଦାନ ନୂଆଖାଇ ପର୍ବରେ ବିଦ୍ୟମାନ ଥିବାରୁ ଏହା କେବଳ ଏକ ଉତ୍ସବ ନୁହେଁ, ବରଂ ଏକ ସମ୍ପୂର୍ଣ୍ଣ ଜୀବନଦର୍ଶନ।

ଐତିହାସିକ ତଥ୍ୟ ଅନୁସାରେ, ପାଟଣାଗଡ଼ର ପ୍ରଥମ ଚୌହାନ ରାଜା ରମାଇ ଦେବ 'ନୂଆଖାଇ'କୁ ରାଜକୀୟ ସ୍ୱୀକୃତି ପ୍ରଦାନ କରି ଏହାକୁ ଏକ ଗଣପର୍ବର ମର୍ଯ୍ୟାଦା ଦେଇଥିଲେ। ଧାର୍ମିକ ସମନ୍ୱୟ ସହିତ ସାମାଜିକ ଐକ୍ୟ, ସାଂସ୍କୃତିକ ଏକତା ଓ ରାଜନୈତିକ ସ୍ଥିରତା ଆଣିବା ନିମନ୍ତେ ଏହା ଥିଲା ଏକ ମହତ ପ୍ରୟାସ। ବିଭିନ୍ନ ରାଜବଂଶର ପ୍ରତ୍ୟକ୍ଷ ପୃଷ୍ଠପୋଷକତା, କବି ଓ ପଣ୍ଡିତମାନଙ୍କର ବୌଦ୍ଧିକ ସମର୍ଥନ ଏବଂ ଜନସାଧାରଣଙ୍କର ଆନ୍ତରିକ ଶ୍ରଦ୍ଧା, ଭକ୍ତି ଓ ଉତ୍ସାହର ସମନ୍ୱୟରେ ଏହା ଏକ ଗଣପର୍ବର ରୂପ ନେଇଥିଲା। 'ନୂଆଖାଇ ଭେଟଘାଟ' ଏହି ମହାନ୍ ପର୍ବର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ, ହୃଦୟସ୍ପର୍ଶୀ ଓ ସାମାଜିକ ଦୃଷ୍ଟିକୋଣରୁ ଅତ୍ୟନ୍ତ ଗଠନମୂଳକ ଦିଗ। ସମସ୍ତ ଭେଦଭାବ ଭୁଲି ଏହି ଅନୁପମ ସମାବେଶରେ ଲୋକମାନେ ପରସ୍ପରକୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା, ବୟୋଜ୍ୟେଷ୍ଠମାନଙ୍କଠାରୁ ଆଶୀର୍ବାଦ ଗ୍ରହଣ, କନିଷ୍ଠମାନଙ୍କୁ ସ୍ନେହ ଓ ଆଦର ପ୍ରଦାନ, ପାରମ୍ପରିକ ଖାଦ୍ୟ ଓ ମିଷ୍ଟାନ୍ନ ବଣ୍ଟନ, ସାଂସ୍କୃତିକ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ, ଲୋକସଙ୍ଗୀତ ଓ ନୃତ୍ୟ ମାଧ୍ୟମରେ ଚିତ୍ତ ବିନୋଦନ ତଥା ସାମୂହିକ କଲ୍ୟାଣକାରୀ ଯୋଜନା ବିଷୟରେ ଆଲୋଚନା ମାଧ୍ୟମରେ ସାମାଜିକ ବନ୍ଧନକୁ ଅଧିକରୁ ଅଧିକ ଦୃଢ଼, ଗଭୀର ଓ ସ୍ଥାୟୀ କରି ଗଢ଼ିତୋଳନ୍ତି।

ନୂଆଖାଇ ପର୍ବର ସାମାଜିକ ଓ ଅର୍ଥନୈତିକ ପ୍ରଭାବ ପଶ୍ଚିମ ଓଡ଼ିଶାର ଗ୍ରାମୀଣ ଅର୍ଥବ୍ୟବସ୍ଥା, ସ୍ଥାନୀୟ ବାଣିଜ୍ୟ, ହସ୍ତତନ୍ତ ଶିଳ୍ପ, କୃଷିଜାତ ଦ୍ରବ୍ୟର ବିତରଣ ଓ ଗ୍ରାମାଞ୍ଚଳର ସାମଗ୍ରିକ ବିକାଶରେ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ପରିବେଶ ପ୍ରଦୂଷଣ, ଜଳବାୟୁ ପରିବର୍ତ୍ତନ, ପ୍ରାକୃତିକ ସମ୍ପଦର ଅନିୟନ୍ତ୍ରିତ ବ୍ୟବହାର ଓ ଜୈବ ବିବିଧତା ହ୍ରାସ ଭଳି ବଡ଼ ସମସ୍ୟାମାନଙ୍କର ସମାଧାନ କ୍ଷେତ୍ରରେ ପ୍ରକୃତି ସହିତ ସାମଞ୍ଜସ୍ୟ, କୃଷି ଓ ପରିବେଶ ପ୍ରତି ସମ୍ମାନ, ସ୍ଥାନୀୟ ଉତ୍ପାଦିତ ଦ୍ରବ୍ୟ ଓ ପାରମ୍ପରିକ କୌଶଳ ପ୍ରତି ନିର୍ଭରଶୀଳତା ଭଳି 'ନୂଆଖାଇ' ପର୍ବର ମୌଳିକ ଦର୍ଶନଗୁଡ଼ିକ ଦିଗଦର୍ଶନ ପ୍ରଦାନ କରିଥା'ନ୍ତି। ଏହା ଆମର ଅତୀତର ଗୌରବମୟ ଐତିହ୍ୟ, ବର୍ତ୍ତମାନର ଜୀବନ୍ତ ବାସ୍ତବତା ଓ ଭବିଷ୍ୟତର ଉଜ୍ଜ୍ୱଳ ସମ୍ଭାବନାର ଏକ ଅପୂର୍ବ, ସମ୍ପୂର୍ଣ୍ଣ ଓ ସୁସଙ୍ଗତ ସମନ୍ୱୟ।

ଆଜିର ଯୁଗରେ ଯେତେବେଳେ ଅତ୍ୟାଧୁନିକ ଯନ୍ତ୍ରଯୁଗ, ଅନିୟନ୍ତ୍ରିତ ବସ୍ତୁବାଦ, ଅସୀମ ଭୋଗବିଳାସ ଓ ଆତ୍ମକୈନ୍ଦ୍ରିକ ଜୀବନଦର୍ଶନ ମାନବୀୟ ମୂଲ୍ୟବୋଧ, ପାରସ୍ପରିକ ସମ୍ପର୍କ, ପ୍ରାକୃତିକ ସନ୍ତୁଳନ ଓ ଆଧ୍ୟାତ୍ମିକ ଚେତନାକୁ ଗଭୀର ସଙ୍କଟରେ ପକାଇ ଦେଇଛି, 'ନୂଆଖାଇ' ଭଳି ପାରମ୍ପରିକ ଉତ୍ସବର ଚିରନ୍ତନ ବାର୍ତ୍ତା, ପ୍ରାଚୀନ ଜ୍ଞାନ ଓ ସାମଗ୍ରିକ ଜୀବନଦର୍ଶନ ଆମକୁ ପ୍ରକୃତ ସୁଖ, ଶାନ୍ତି, ସଂପ୍ରୀତି ଓ ସମୃଦ୍ଧିର ପଥ ଦେଖାଇବାରେ ଅତୁଳନୀୟ ଭୂମିକା ଗ୍ରହଣ କରିଥାଏ।

ଭୁବନେଶ୍ୱର, ମୋ: ୯୭୭୭୦୧୧୯୬୮

## ସାହିତ୍ୟ-ସୈନିକ ଦତ୍ତାତ୍ମା ଦୟାନିଧି ମିଶ୍ର

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ସାହିତ୍ୟ ସରିତ୍

ପରାଧୀନ ଭାରତବର୍ଷରେ 'ଉତ୍କଳ ସାହିତ୍ୟ' ପତ୍ରିକାରେ ପ୍ରକାଶିତ ହେଲା ପୁଣି ମହାନ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିକୃତି? ଏପରି ଦୁଃସାହସିକ କାର୍ଯ୍ୟ କାହା ଦ୍ୱାରା ସମ୍ଭବ? ଏ ପ୍ରଶ୍ନ ସୃଷ୍ଟି କରିଥିଲା ସମସ୍ତଙ୍କ ମନରେ ତୁମୁଳ ଆଲୋଡ଼ନ। ଏକଥା ଆଉ ଜାଣିବାକୁ ବାକି ରହିଲା ନାହିଁ ଯେ ଏହି ଅପୂର୍ବ ଶକ୍ତି ପ୍ରଦର୍ଶନ କରିଛନ୍ତି ସଂଗ୍ରାମୀ ସାହିତ୍ୟ ସାଧକ ଦୟାନିଧି ମିଶ୍ର। ସେତେବେଳେ ସେ କଟକ ରେଭେନ୍ସା କଲେଜ ଛାତ୍ର। ପରିପୂର୍ଣ୍ଣ ଯୌବନ-ନଦୀରେ ଉଛୁଳି ଉଠୁଥିଲା ଯେଉଁ ଆବେଗମୟ ଭାବସ୍ରୋତ, ତାହା ଭାରତ ଜନନୀଙ୍କ ପ୍ରତି ଆନ୍ତରିକ ଭକ୍ତି ନୈବେଦ୍ୟ।

ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଜନ୍ମସ୍ଥାନ ବରପାଲି ନିକଟସ୍ଥ ତୁଲଣ୍ଡି ଗ୍ରାମରେ ଭୂମିଷ୍ଠ ହୋଇଥିଲେ ସେ। ସାହିତ୍ୟର ଦେବୀସତ୍ତା ସରସ୍ୱତୀ, ଉତ୍କଳ ଭାରତୀ ଆଉ ଭାରତ ଜନନୀଙ୍କ ପ୍ରତ୍ୟକ୍ଷ ପ୍ରେରଣାରେ ପରିଚାଳିତ ହେଉଥିଲା ତାଙ୍କ ଜୀବନଧାରା। ସାହିତ୍ୟ ସାଧନା ସେହି ଦିବ୍ୟ ମାତୃଚେତନାର ଆରାଧନା ବ୍ୟତୀତ ଆଉ କିଛି ନଥିଲା। ଗଳ୍ପ, କବିତା, ଉପନ୍ୟାସ ରଚନାରେ ନିଜକୁ ନିୟୋଜିତ କରି ରଖିଛନ୍ତି ସେ ମନ୍ଦିରର ନିଷ୍ଠାପର ପୂଜକଠାରୁ କାହିଁ କେତେ ଗୁଣରେ ଅଧିକ ସମର୍ପିତ ହୋଇ। 'ବିରହ ବଂଶୀ', 'କବିତାକୁଞ୍ଜ' ତାଙ୍କ ହୃଦୟର ଆବେଗସ୍ନାତ କବିତାବଳୀ। ଜନମାନସ ଉଦ୍ଦେଶ୍ୟରେ ଉଦବୋଧନ ଦେଇ ସେ ଲେଖିଥିଲେ 'ଗାନ୍ଧୀଙ୍କର ମନ୍ତ୍ରେ ଗୋପବନ୍ଧୁ ଆଜି / ଅହିଂସା ଧର୍ମର ବ୍ରତୀ / ଆଳସ୍ୟ ତେଜିଣ ଜାଗ ଉତ୍କଳୀୟ / ଦେଶ ପ୍ରେମେ ଯାଅ ମାତି।'

'ସୁଭଦ୍ରା', 'ସଂଯୁକ୍ତା' ଓ 'ରାଣାପ୍ରତାପ ସିଂହ' ଉପନ୍ୟାସ ତାଙ୍କର ଏପରି ତିନୋଟି କୃତି, ଯାହା ମହିମାଦୀପ୍ତ ଚରିତ୍ରଙ୍କ ଅନ୍ତର୍ଗତ ଭାବସତ୍ୟ ଉନ୍ମୋଚନ କରିବା ସହିତ ଭବିଷ୍ୟତ ପିଢ଼ି ନିମିତ୍ତ ସଂରକ୍ଷିତ ରଖିଦେଇଛି ଦେଶପ୍ରେମର ମହିମ୍ନ ସ୍ଫୁରଣ। ଲେଖକଙ୍କ ଦୃଷ୍ଟିରେ 'ସଂଯୁକ୍ତା' ଉପାଖ୍ୟାନ ପୁରାତନ ହୋଇ ବି ନିତ୍ୟନୂତନ। 'ମାନଭଞ୍ଜନ', 'ନୟନତାରା' ତାଙ୍କ ସାମାଜିକ ଉପନ୍ୟାସ। ଜ୍ଞାନପୀଠ ପୁରସ୍କାର ପ୍ରାପ୍ତ କଥାଶିଳ୍ପୀ ଗୋପୀନାଥ ମହାନ୍ତି ଆଧୁନିକ ଶୈଳୀ-ସମୃଦ୍ଧ ଉପନ୍ୟାସ 'ନୟନତାରା'କୁ ଯେଉଁ ଉଚ୍ଚତର ମର୍ଯ୍ୟାଦା ପ୍ରଦାନ କରିଛନ୍ତି, ସେଥିରୁ ପ୍ରତିପାଦିତ ହୋଇଯାଏ ଓଡ଼ିଆ ଉପନ୍ୟାସର ଆଦିକାଳରେ ଦୟାନିଧିଙ୍କ ଅବଦାନ କେତେ ମହତ୍ତ୍ୱପୂର୍ଣ୍ଣ।

'କଥା କଦମ୍ବ' ତାଙ୍କର ଏକ ଗଳ୍ପ ସଂକଳନ। ବିଷୟବସ୍ତୁର ବିବିଧତା ଏଥିରେ ଯେକେହି ଲକ୍ଷ୍ୟ କରିବା ସ୍ୱାଭାବିକ। ସାମାଜିକ ହେଉ ବା ଐତିହାସିକ, ସର୍ବତ୍ର ଓଡ଼ିଆ ଭାଷା ପ୍ରତି ମମତା, ସମ୍ବଲପୁର ମାଟିର ସ୍ୱାଭିମାନ ଓ ସ୍ୱଦେଶ ପ୍ରତି ସୁଗଭୀର ଅନୁରକ୍ତି ସ୍ଫୁରିତ ହୋଇଛି ମର୍ମଭେଦୀ ରୂପରେ। 'ଶାନ୍ତି' ଶୀର୍ଷକ ଗଳ୍ପରେ ସେ ଲେଖୁଛନ୍ତି - 'ମରହଟ୍ଟାମାନେ ଯୁଦ୍ଧରେ ପରାଜିତ ହେଲେ। ମା' ସମଲେଶ୍ୱରୀଙ୍କ ବିଜୟ-ପତାକା ବାରପାହାଡ଼ର ଶିଖର ଦେଶରେ ସଂସ୍ଥାପିତ ହେଲା।' ପୌରାଣିକ ଚେତନା ଆଧାରରେ ସେ ଲେଖିଛନ୍ତି 'ସୁଭଦ୍ରା', 'ରୋହିଣୀ', 'ଧ୍ରୁବ' ପୁସ୍ତକ। ଐତିହାସିକ, ପୌରାଣିକ ଅଥବା ସାମାଜିକ ଯେକୌଣସି କଥାବସ୍ତୁ ଅବଲମ୍ବନରେ ସେ ଯାହା ଲେଖନ୍ତୁ ନା କାହିଁକି ସର୍ବତ୍ର ଭାରତୀୟ ଜାତୀୟତାର ଭାବ ଲେଖକଙ୍କୁ ରଖିଛି ଭାବମଗ୍ନ। ସେ ପୁଣି ସାହିତ୍ୟ ପତ୍ରିକା 'ମୁକୁର'ର ଥିଲେ ସହସମ୍ପାଦକ। ଗଙ୍ଗାଧରଙ୍କ ଶେଷ କାବ୍ୟ 'ପଦ୍ମିନୀ'ର କେତୋଟି ସର୍ଗ ପ୍ରକାଶ କରି ସେ ହୋଇଛନ୍ତି ଗୌରବାନ୍ୱିତ। ଗଙ୍ଗାଧର ଯେଉଁ ରାଜସ୍ଥାନ ଇତିହାସ ପାଠକରି 'ପଦ୍ମିନୀ' ରଚନା କରିଥିଲେ ଦୟାନିଧି ତାହା ହିଁ ଅଧ୍ୟୟନ କରି ଲେଖିଲେ ରାଣାପ୍ରତାପ ସିଂହ। 'ମୁକୁର' ପତ୍ରିକା ମାଧ୍ୟମରେ ଓଡ଼ିଆ ଅସ୍ମିତାର ଜାଗରଣ ସକାଶେ ସେ ଯୁବପିଢ଼ି ଭିତରେ ସୃଷ୍ଟି କରିଛନ୍ତି ନବ ଉନ୍ମାଦନା, ନବୀନ ଉଦ୍ଦୀପନା, ତେଜୋଦୀପ୍ତ ପ୍ରାଣାବେଗ।

ଦିବ୍ୟଜନନୀ ନିର୍ବାଚନ କରନ୍ତି ସେଇ ଆଧାରକୁ, ଯିଏ ବ୍ୟକ୍ତିଗତ ସଫଳତା ବିଫଳତାରୁ ନିଜକୁ କରିଦେଇ ପାରିଛି ଉତ୍ତୀର୍ଣ୍ଣ। ଦୟାନିଧି ମିଶ୍ର ସମସ୍ତ ପ୍ରତିକୂଳ ପରିସ୍ଥିତିକୁ ଅତିକ୍ରମ କରି ଯେଉଁ ପାବଚ୍ଛ ଉପରେ ଆରୋହଣ କରିପାରିଥିଲେ, ସେଠାକୁ ଯାତ୍ରା କରିପାରନ୍ତି ସେହିମାନେ, ଯେଉଁମାନେ ନିଜ ପାଇଁ ନୁହେଁ, ବିବେକାନନ୍ଦଙ୍କ ଭାଷାରେ କହିଲେ: 'ମା'ଙ୍କ ପାଇଁ ବଳୀ ପ୍ରଦତ୍ତ। ସମ୍ପୂର୍ଣ୍ଣ ସମର୍ପିତ।' ଦୟାନିଧି ଥିଲେ ସେହି ପର୍ଯ୍ୟାୟର ସାହିତ୍ୟ-ସୈନିକ। ଯେଉଁ କବି ଲେଖକଙ୍କୁ ଏ ଜାତି କ୍ରମଶଃ ବିସ୍ମରି ଯାଉଛି ସେମାନଙ୍କୁ ପୁନଃପଠନ ଦ୍ୱାରା ପୁନଃ ପୁନଃ ଆବିଷ୍କାର କରିବା ହିଁ ହେଉଛି ଆଜିର ଆହ୍ୱାନ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଗଣେଶ ପୂଜାରେ ଅଘଟଣ

### ନାଚୁନାଚୁ ଟଳିପଡ଼ିଲେ ଛାତ୍ର

ନୀଳଗିରି, ୨୭।୮ (ସମିସ): ଗଣେଶ ପୂଜା ପାଇଁ ଉତ୍ସବମୁଖର ଥିଲା ସ୍କୁଲ ପରିସର। ସାଙ୍ଗସାଥୀ ମେଳରେ ଗୀତର ତାଳେତାଳେ ନାଚୁଥିବାବେଳେ ଜଣେ ନବମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ଏପରି ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି ନୀଳଗିରି ବ୍ଲକ୍ ସିଆଡିମାଳ ପଞ୍ଚାୟତ ସିଆଡିମାଳ ଗ୍ରାମସ୍ଥିତ ଜଡ଼ିଦା ରାଧାମାଧବ ଜୀଉ ହାଇସ୍କୁଲରେ। ମୃତ ଛାତ୍ରଜଣକ ହେଲେ ଗ୍ରାମର ଲକ୍ଷ୍ମୀନାରାୟଣ ଦାସବାବୁଙ୍କ ୧୪ବର୍ଷୀୟ ପୁଅ ପ୍ରିୟାଂଶୁ ପ୍ରୀତମ। ଆଜି ଗଣେଶ ଚତୁର୍ଥୀ ଅବସରରେ ଘରୁ ଗାଧୋଇପାଧୋଇ ପ୍ରିୟାଂଶୁ ସ୍କୁଲରେ ଗଜାନନଙ୍କ ପୂଜାରେ ସାମିଲ ହୋଇଥିଲେ। ପୂଜାସାରି ସାଙ୍ଗସାଥିଙ୍କ ସହିତ ଖେଳୁଥିବାବେଳେ ହଠାତ୍ ଗଣେଶଙ୍କ ବିଗ୍ରହ ସମ୍ମୁଖରେ ପଡିଯାଇଥିଲେ। ଘଟଣାସ୍ଥଳରେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିବା ବେଳେ ସାଙ୍ଗସାଥୀ, ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ପରିବାର ଲୋକେ ଦୁଃଖରେ ମ୍ରିୟମାଣ ହୋଇପଡିଛନ୍ତି। ବାପା ଲକ୍ଷ୍ମୀନାରାୟଣ ଏବଂ ମାଆ ମାଳତୀ ଦାସବାବୁଙ୍କ ଦୁଇ ପୁଅ ମଧ୍ୟରୁ ପ୍ରିୟାଂଶୁ ବଡ଼ପୁଅ ଥିଲେ। ଏଭଳି ଦୁଃଖଦ ଘଟଣା ପ୍ରଚାରିତ ହେବାପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ପୁଷ୍ପାଞ୍ଜଳି ବେଳେ ଟଳିପଡ଼ିଲେ ଶିକ୍ଷକ

ତେଲକୋଇ, ୨୭।୮(ସମିସ): ବିଘ୍ନ ବିନାଶକ ପ୍ରଭୁ ଶ୍ରୀଗଣେଶଙ୍କୁ ପୁଷ୍ପାଞ୍ଜଳି ଦେଉଥିଲା ବେଳେ ଟଳି ପଡିଲେ ଜଣେ ଶିକ୍ଷକ। ଶିକ୍ଷକ ଜଣକ ହେଉଛନ୍ତି କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ସଲେଇକେନା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ହେଲେ ଚନ୍ଦନ କୁମାର ଜେନା (୩୫)। ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ତେଲକୋଇ ଥାନା ପୁଲିସ ମୃତଦେହକୁ ଜବତ କରିବା ସହିତ ପ୍ରାଥମିକ ତଦନ୍ତ ଆରମ୍ଭ କରିଛି।

### ଫୁଲ ତୋଳିବାବେଳେ ପୋଖରୀରେ ବୁଡ଼ି ଯୁବକ ମୃତ

ସୋର,୨୭।୮(ସମିସ): ସୋର ପୌରପାଳିକା ଅନ୍ତର୍ଗତ ଖିରକୋଣୀ ଗ୍ରାମର ଜଣେ ବ୍ୟକ୍ତି ଆଜି ଗଣେଶ ପୂଜା ପାଇଁ ପୋଖରୀ ହୁଡ଼ାରେ ଥିବା ଫୁଲ ଗଛରୁ ଫୁଲ ତୋଳୁଥିବାବେଳେ ଗୋଡ ଖସିଯିବାରୁ ପୋଖରୀରେ ବୁଡି ମୃତ୍ୟୁ ହୋଇଥିବା ଜଣାପଡିଛି। ସୋର ପୌରାଞ୍ଚଳ ୧୯ ନମ୍ବର ୱାର୍ଡ ଖୀରକୋଣି ଗ୍ରାମର ସୁରେନ୍ଦ୍ର ମହାଳିକ (୫୦) ଆଜି ସକାଳେ ଗଣେଶ ପୂଜା ପାଇଁ ଘର ନିକଟସ୍ଥ ଏକ ପୋଖରୀ ଆଡିରେ ଥିବା ଫୁଲ ଗଛରୁ ଫୁଲ ତୋଳୁଥିଲେ। ଏହି ସମୟରେ ତାଙ୍କ ଗୋଡ ଖସିଯିବାରୁ ସେ ପୋଖରୀରେ ବୁଡି ଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ପୋଖରୀ ନିକଟରେ ତାଙ୍କ ଗାମୁଛା ପଡିଥିବାର ଦେଖି ପୋଖରୀରେ ଖୋଜିଥିଲେ। ପରେ ପୋଖରୀରୁ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସୋର ପୁଲିସ ଡାକ୍ତରଖାନାରେ ପହଞ୍ଚି ଏକ ମାମଲା ରୁଜୁ କରି ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ତଦନ୍ତ ଚଳାଇଛି।

### ହୀରାକୁଦ ଜଳସ୍ତର ୬୨୨.୧୦ ଫୁଟ୍, ୨ ଗେଟ୍ ଖୋଲା

ସମ୍ବଲପୁର, ୨୭।୮ (ସମିସ) : ଉପରମୁଣ୍ଡରେ ବର୍ଷା କମିଯାଇଥିବାବେଳେ ହୀରାକୁଦ ନଦୀବନ୍ଧକୁ ପ୍ରବେଶ ଜଳ ପରିମାଣ ହ୍ରାସ ପାଇଛି। ଆଜି ବୁଧବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୨.୧୦ ଫୁଟ୍ ରହିଛି। ନଦୀବନ୍ଧର ମୋଟ ୨ଟି ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧,୦୯,୧୮୦ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୯୮,୧୩୩ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୬୩,୩୦୮ ଘନଫୁଟ, ପାୱାର ଚେନାଲ ଦେଇ ୩୧,୫୭୨ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୧୪ ଘନଫୁଟ, କେନାଲ ପାଇଁ ୩,୦୩୯ ଘନଫୁଟ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ ତଳମୁଣ୍ଡରେ ବେଲଗାଁଠାରେ ୧୭,୦୦୦ ଘନଫୁଟ୍ ଜଳ ପ୍ରବାହିତ ହେଉଥିବାବେଳେ ପଥର୍ଲାଠାରେ ୩୬,୩୨୭ ଘନଫୁଟ୍, ଖଇରମାଳଠାରେ ୧,୬୨,୦୦୦ ଘନଫୁଟ୍, ବାରମୁଲଠାରେ ୨,୨୭,୫୦୦ ଘନଫୁଟ୍ ଏବଂ ମୁଣ୍ଡଲୀଠାରେ ୩,୩୧,୯୬୩ ଘନଫୁଟ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ଗତ ୨୪ ଘଣ୍ଟାରେ ୬.୩୦ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୦.୮୨ ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୧.୧୯ ଫୁଟ୍ ରହିଥିଲା।

### ବାଇକ୍ ଦୁର୍ଘଟଣା; ଜଣେ ମୃତ, ୨ ଗୁରୁତର

ତେଲକୋଇ, ୨୭।୮(ସମିସ): ତେଲକୋଇ ଥାନା ସନ୍ତେଇ ଭଞ୍ଜ ଗ୍ରାମରେ ଦୁଇ ବାଇକ୍ ମୁହାମୁହିଁ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଦୁଇ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ରଗଡା ଗ୍ରାମର ଗଣେଶ୍ୱର ସାହୁଙ୍କ ପୁଅ ପପୁ ସାହୁ(୧୮)। ଗୁରୁତରମାନେ ହେଲେ ରଗଡା ଗ୍ରାମର ଦିପୁ ସାହୁ(୨୦) ଏବଂ ପାଲଲହଡ଼ା ସରୁଆଳି ଗ୍ରାମର ରତିକାନ୍ତ ନାୟକ(୪୫)। ଗୁରୁତର ଦିପୁ କଟକ ସ୍ଥାନାନ୍ତର ହୋଇଥିବା ବେଳେ ରତିକାନ୍ତ କେନ୍ଦୁଝର ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ତେଲକୋଇ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିବା ସହିତ ଦୁର୍ଘଟଣା ଗ୍ରସ୍ତ ଗାଡ଼ିଦ୍ୱୟକୁ ଜବତ କରିଛି।

### ଜେଲ୍ ଗଲେ ଓଏଫ୍ଏସ୍ ଅଧିକାରିଣୀ

ଭୁବନେଶ୍ୱର, ୨୭।୮ (ସମିସ):ଲାଞ୍ଚ ନେବାବେଳେ ଧରାପଡ଼ି ଭିଜିଲାନ୍ସ ସ୍କାନରକୁ ଆସିଥିବା ଆସିଷ୍ଟାଣ୍ଟ ଟାକ୍ସ କମିସନର ତଥା ଓଏଫ୍ଏସ୍ ସରିତା ବାରିକଙ୍କୁ ଗିରଫ କରିଛି ଭିଜିଲାନ୍ସ। ଜାମିନ ନାମଞ୍ଜୁର ହେବାରୁ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଭୁବନେଶ୍ୱର ସର୍କଲ ୪ର ଆସିଷ୍ଟାଣ୍ଟ କମିସନର ସରିତା ବାରିକ ଜଣେ ବେକେରି ଦୋକାନ ମାଲିକଙ୍କୁ ୨ ଲକ୍ଷ ୨୭ ହଜାର ଟଙ୍କା ଜରିମାନା ଓ ଟିକସ ପ୍ରଦାନ ପାଇଁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ଦୋକାନୀ ଜଣକ ସମାଧାନ ଅନୁରୋଧ କରିବା ପରେ ସରିତା ୨୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଦୋକାନୀ ଜଣକ ଏନେଇ ଭିଜିଲାନ୍ସର ଦ୍ୱାରସ୍ଥ ହେବାପରେ ମାମଲା ରୁଜୁ କରିଥିଲା। ଗତକାଲି ମଧୁସୂଦନ ନଗର ଅଞ୍ଚଳରେ ସରିତା ନିଜ କାର ଭିତରେ ବସି ଦୋକାନୀଙ୍କ ଠାରୁ ଲାଞ୍ଚ ନେଉଥିଲେ। ପୂର୍ବ ଯୋଜନା ମୁତାବକ ଛକି ରହିଥିବା ଭିଜିଲାନ୍ସ ଟିମ୍ ସରିତାଙ୍କୁ ମାଡ଼ି ବସିଥିଲା।

### ଓସ୍କାର ଦୌଡ଼ରେ ଓଡ଼ିଆ ସିନେ ନିର୍ମାତା ଅକ୍ଷୟ ପରିଜା

ଭୁବନେଶ୍ୱର,୨୭।୮(ସମିସ): ଅନ୍ତରାଷ୍ଟ୍ରୀୟ ଚଳଚ୍ଚିତ୍ର 'ପାପା, ବୁକା' ୨୦୨୬ ଓସ୍କାର ଏକାଡେମୀର ୯୮ତମ ପୁରସ୍କାର ପାଇଁ ଚୟନ ହୋଇଛି। ଏହି ଚଳଚ୍ଚିତ୍ରରେ ସହ ପ୍ରଯୋଜନା କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି ୨ଥର ଜାତୀୟ ପୁରସ୍କାରପ୍ରାପ୍ତ ବିଶିଷ୍ଟ ଓଡ଼ିଆ ସିନେ ପ୍ରଯୋଜକ ଅକ୍ଷୟ ପରିଜା। ଓଡ଼ିଶା ଓ ଭାରତୀୟ ସିନେମା ପାଇଁ ଏହା ଏକ ଐତିହାସିକ ମୁହୂର୍ତ୍ତ। ପାପୁଆ ନ୍ୟୁ ଗିନି ସହ ଭାରତର ଏହି ପ୍ରଥମ ପ୍ରଡକ୍ସନ ଫିଚର ଫିଲ୍ମ ୨୦୨୬ ଓସ୍କାର ଏକାଡେମୀ ପୁରସ୍କାରର ବେଷ୍ଟ ଇଣ୍ଟରନ୍ୟାସନାଲ ଫିଚର ଫିଲ୍ମ ବର୍ଗରେ ଅଫିସିଆଲ ଏଣ୍ଟ୍ରିରେ ଅନୁମୋଦିତ ହୋଇଛି।

ସୂଚନା ଅନୁସାରେ, ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ପପୁଆ ନ୍ୟୁଗିନିର ମୁକ୍ତି ସଂଗ୍ରାମରେ ଭାରତୀୟ ସେନାଙ୍କ ଅବଦାନ ଉପରେ ଏହି ଚଳଚ୍ଚିତ୍ର ଆଧାରିତ। ଏଥିରେ ବହୁ ଭାରତୀୟ ସେନାଙ୍କ ବଳିଦାନ ଲୁକ୍କାୟିତ ହୋଇ ରହିଯାଇଥିଲା। ସେମାନଙ୍କ ବଳିଦାନକୁ ବିଶ୍ୱ ଦରବାରରେ ପରିଚିତ କରିବା ପାଇଁ ଏହି ଚଳଚ୍ଚିତ୍ର ନିର୍ମାଣ କରାଯାଇଥିଲା। ପପୁଆ ନ୍ୟୁ ଗିନି ସରକାର ଓ ଅକ୍ଷୟ ପରିଜାଙ୍କ ମିଳିତ ପ୍ରଯୋଜନାରେ ଏହି ଚଳଚ୍ଚିତ୍ରକୁ ନିର୍ମାଣ କରିବାକୁ ୨୦୧୬ ମସିହାରେ ପୂର୍ବତନ ରାଷ୍ଟ୍ରପତି ସ୍ୱର୍ଗତଃ ପ୍ରଣବ ମୁଖାର୍ଜୀ ପ୍ରେରଣା ଦେଇଥିଲେ। ଏହାସହ ୨୦୨୩ ମସିହାରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପପୁଆ ଗିନି ଗସ୍ତ ବେଳେ ସେହି ଦେଶ ସହ ଭାରତର ସାଂସ୍କୃତି ଓ ପାରମ୍ପରିକ ସମ୍ପର୍କ କିଭଳି ସୁଦୃଢ଼ ଥିଲା ସେନେଇ ମଧ୍ୟ ଉତ୍ସାହିତ ହୋଇଥିଲେ। ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ କୁହାଯାଉଥିବା ୧୮୧୭ର




■ ଅନ୍ତରାଷ୍ଟ୍ରୀ ସିନେମାର ସହପ୍ରଯୋଜନା କରି ରାଜ୍ୟ ପାଇଁ ଆଣିଲେ ଗୌରବ
■ 'ପାପା, ବୁକା' ୨୦୨୬ ଓସ୍କାର ଏକାଡେମୀର ୯୮ତମ ପୁରସ୍କାର ପାଇଁ ଚୟନ

ପାଇକବିଦ୍ରୋହ ଭଳି ପାପା ବୁକା ଚଳଚ୍ଚିତ୍ରରେ ସ୍ଥାନ ପାଇଛି। ଏହାସହ ଭାରତୀୟ ସେନାଙ୍କ ବୀରତ୍ୱର କାହାଣୀ ମଧ୍ୟ ରହିଛି। ଚଳଚ୍ଚିତ୍ରଟିର ନିର୍ଦ୍ଦେଶନା ଦେଇଛନ୍ତି ୩ଥର ଜାତୀୟ ପୁରସ୍କାରପ୍ରାପ୍ତ ଡ. ବିଜୁ କୁମାର ଦାମୋଦରନ୍। ଏହି ଚଳଚ୍ଚିତ୍ରଟି ପପୁଆ ନ୍ୟୁ ଗିନିର ୫୦ତମ ସ୍ୱାଧୀନତା ବାର୍ଷିକୀ ପାଳନ ଅବସରରେ ମଧ୍ୟ ପ୍ରଦର୍ଶିତ ହୋଇଛି। ଏହି ଫିଲ୍ମରେ ଭାରତୀୟ ଅଭିନେତା ରୀତାଭରି ଚକ୍ରବର୍ତ୍ତୀ ଓ ପ୍ରକାଶ ବାରେ ନିଖୁଣ ଅଭିନୟ କରିଛନ୍ତି। ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଗ୍ରାମି ବିଜେତା ପଦ୍ମଶ୍ରୀ ରିକି କେଜ୍।

ଚଳଚ୍ଚିତ୍ର ଟି ନିର୍ମାଣରେ ସମସ୍ତଙ୍କ ବୈଷୟିକ ଟିମ୍ ମଧ୍ୟ ଭାରତୀୟ।

ବିଶିଷ୍ଟ ସିନେ ପ୍ରଯୋଜକ ଅକ୍ଷୟ ପରିଜା ଓଡ଼ିଆ ସିନେମାର ୯୦ ବର୍ଷର ଇତିହାସରେ ପ୍ରଥମ ପ୍ରଯୋଜକ ଯିଏକି ଏଭଳି ଅନ୍ତରାଷ୍ଟ୍ରୀୟ ଚଳଚ୍ଚିତ୍ରରେ ସହ ପ୍ରଯୋଜନା କରି ରାଜ୍ୟ ପାଇଁ ଗୌରବ ଆଣିପାରିଛନ୍ତି। ଅକ୍ଷୟ ପରିଜା ଓଡ଼ିଆ, ହିନ୍ଦୀ, ବଙ୍ଗଳା ଓ ମାଲାୟଲମ୍ ସିନେମା ନିର୍ମାଣ କରିଛନ୍ତି। ୧୮୧୭ ମସିହା ପାଇକ ବିଦ୍ରୋହ କିପରି ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ତାହାକୁ ମଧ୍ୟ କାହାଣୀର ରୂପ ଦେଇ ନିର୍ମାଣ କରିଛନ୍ତି ଚଳଚ୍ଚିତ୍ର। ଯାହାକି ବିଶ୍ୱ ଦରବାରରେ ଓଡ଼ିଶାର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସହାୟକ ହୋଇଛି। ସେ ସର୍ବଦା ଓଡ଼ିଶାର ସଂସ୍କୃତି, ପରମ୍ପରା, ଐତିହ୍ୟକୁ ଚଳଚ୍ଚିତ୍ର ମାଧ୍ୟମରେ ବିଶ୍ୱ ଦରବାରରେ ପହଞ୍ଚାଇବାକୁ ଚେଷ୍ଟା କରି ଆସିଛନ୍ତି। ଏଥିପାଇଁ ତାଙ୍କୁ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟିଛି।

## ଅବଶିଷ୍ଟାଂଶ...

### ଦେଶର ୧୦ ଲକ୍ଷରୁ...

ଟ୍ରେଡ୍ ଆଣ୍ଡ ଇଣ୍ଡଷ୍ଟ୍ରି (ସିଟିଆଇ)ର ଅଧ୍ୟକ୍ଷ ବ୍ରିଜେଶ ଗୋୟଲ କହିଛନ୍ତି ଯେ ଏହି ଶୁଳ୍କ ଭାରତର ବୟନଶିଳ୍ପ, ଚମଡା, ରତ୍ନ ଏବଂ ଅଳଙ୍କାର, ଅଟୋ ପାର୍ଟସ୍, ରାସାୟନିକ ପଦାର୍ଥ, ଔଷଧ, ସାମୁଦ୍ରିକ ଖାଦ୍ୟ ଏବଂ ଇଲେକ୍ଟ୍ରୋନିକ୍ସ କ୍ଷେତ୍ର ପାଇଁ ଏକ ବଡ଼ ଆଘାତ। ଏହି କ୍ଷେତ୍ରଗୁଡ଼ିକରେ କାମ କରୁଥିବା ପ୍ରାୟ ୧୦ ଲକ୍ଷ ଲୋକଙ୍କ ଚାକିରି ଏବେ ବିପଦରେ। ବର୍ଦ୍ଧିତ ଶୁଳ୍କ ଯୋଗୁଁ ଆମେରିକୀୟ ବଜାରରେ ଭାରତୀୟ ସାମଗ୍ରୀ ପ୍ରାୟ ୩୫% ମହଙ୍ଗା ହୋଇଯିବ। ଏପରି ପରିସ୍ଥିତିରେ, ଆମେରିକୀୟ କ୍ରେତା ଭାରତ ପରିବର୍ତ୍ତେ ଚୀନ୍, ଭିଏତନାମ ଓ ବାଂଲାଦେଶ ଭଳି ଦେଶରୁ ସାମଗ୍ରୀ କିଣିବାକୁ ପସନ୍ଦ କରିବେ।

### ଦକ୍ଷିଣରେ ବନ୍ୟା...

ଇନ୍ଦ୍ରାବତୀ ଅବବାହିକାରେ ବି ଭଲ ବର୍ଷା ହୋଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ଉତ୍ତର ଓଡ଼ିଶାରେ ପ୍ରାୟ ସବୁ ନଦୀରେ ଜଳସ୍ତର ବିପଦ ସଙ୍କେତ ତଳେ ପ୍ରଭାବିତ ହୋଇଛି। ଆଗାମୀ ଦିନରେ ଆହୁରି ତଳକୁ ଆସିବ। ବର୍ତ୍ତମାନ ବୈତରଣୀରେ ପାଣି କମିଯାଇଛି। ତଳିଆ ଅଞ୍ଚଳରୁ ପାଣି କମିବାକୁ ସମୟ ଲାଗିବ। ପାଣି କମିବା ପରେ ସ୍ଥିତି ଦେଖି ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି। ଲଘୁଚାପ ଯୋଗୁଁ ବର୍ତ୍ତମାନ ଉତ୍ତର ଓଡ଼ିଶା ଉପକୂଳ ସମୁଦ୍ର ଅଶାନ୍ତ ରହିଛି। ସମୁଦ୍ର ମଧ୍ୟରେ ପବନର ବେଗ ୩୦-୪୦ ଓ ଝଟକା ପବନ ୫୦ କିମି ରହୁଥିବାରୁ ୨୮ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ଯିବାକୁ ମନା କରାଯାଇଛି।

### ୫୨ଲକ୍ଷ ଚାଷୀଙ୍କୁ...

ସୁଦୃଢ କରିବା ଲକ୍ଷ୍ୟ ନେଇ ପ୍ରତ୍ୟେକ ଉପଖଣ୍ଡସ୍ତରରେ ଗୋଟିଏ ଲେଖାଏଁ ଶୀତଳ ଭଣ୍ଡାର ଘରୋଇ ସହଭାଗିତାରେ ପ୍ରତିଷ୍ଠା କରାଯିବ। ଏହା ମାଧ୍ୟମରେ ଫସଲ ଅମଳ ପରବର୍ତ୍ତୀ କ୍ଷତିକୁ ରୋକିବା ସହ କୃଷି ଉତ୍ପାଦର ଉପଯୁକ୍ତ ମୂଲ୍ୟ ଦ୍ୱାରା ବଜାର ସୁବିଧା ଯୋଗାଇ ଦେଇ ଚାଷୀମାନଙ୍କର ରୋଜଗାର ବୃଦ୍ଧି କରାଯାଇପାରିବ। ଯୁବ କୃଷି ଉଦ୍ୟୋଗୀମାନଙ୍କୁ ବ୍ୟବସାୟ ଭିତ୍ତିକ ଭିତ୍ତିଭୂମି ପ୍ରତିଷ୍ଠା ସହ ନିଜର ଆର୍ଥିକ ଉନ୍ନତି ଏବଂ ରାଜ୍ୟର ଗ୍ରାମୀଣ ଅର୍ଥନୀତିରେ ଉନ୍ନତି ଆଣିବା ପାଇଁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ରିହାତି ଜରିଆରେ ଏକ କୋଟି ଟଙ୍କା ପର୍ଯ୍ୟନ୍ତ ସବସିଡି ପ୍ରଦାନ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ଏହି ଅବସରରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରେ ପ୍ରାୟ ୫୯ କୋଟି ଟଙ୍କା ବ୍ୟୟରେ ଏକ 'କୃଷକ ଭବନ' ଏବଂ କୃଷି ଶିକ୍ଷା ସଦନର ଏକ 'ଅଭ୍ୟର୍ଥନା ଗୃହ' ଉଦଘାଟନ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, ବିଧାୟକ ବାବୁ ସିଂ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ଓୟୁଏଟିର କୁଳପତି ଡ. ପ୍ରଭାତ କୁମାର ରାଉଳଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ରାଜ୍ୟର ପ୍ରାୟ ୬୦୦ରୁ ଉର୍ଦ୍ଧ୍ୱ କୃଷକ ଏବଂ ଓୟୁଏଟିର ୨୦୦ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ୩୦ଟି ଜିଲ୍ଲା ପାଇଁ ଲାଇଭଷ୍ଟ୍ରିମିଂ କରାଯାଇଥିଲା। କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବାବେଳେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଶୁଭମ ସକ୍ସେନା ଧନ୍ୟବାଦ ଦେଇଥିଲେ।

### ଅଟକୁନି ଭୂସ୍ଖଳନ...

ମିମି ବର୍ଷା ରେକର୍ଡ କରାଯାଇଛି। ଏହାପୂର୍ବରୁ ୫୨ ବର୍ଷ ତଳେ ୧୯୭୩ ଅଗଷ୍ଟ ୯ରେ ୨୭୨.୬ ମିମି ବର୍ଷା ହୋଇଥିଲା।

ଜମ୍ମୁର କଟରାସ୍ଥିତ ବୈଷ୍ଣୋଦେବୀ ଧାମ ରାସ୍ତାର ଅର୍ଦ୍ଧକୁଆଁରୀରେ ମଙ୍ଗଳବାର ହୋଇଥିବା ଭୂସ୍ଖଳନଜନିତ ମୃତ୍ୟୁସଂଖ୍ୟା ୩୨କୁ ବୃଦ୍ଧି ପାଇଛି। ଏଥିସହିତ ବର୍ଷା ଜନିତ ଦୁର୍ଘଟଣାରେ ରାଜ୍ୟରେ ୩୬ ଜଣଙ୍କ ଜୀବନ ଗଲାଣି। ଏବେ ବି ଅନେକ ଲୋକ ନିଖୋଜ ଥିବାରୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବା ଆଶଙ୍କା କରାଯାଉଛି। ଏବେ ବି ଅଞ୍ଚଳରେ ପ୍ରବଳ ବର୍ଷା ରହିଛି। ଏହାକୁ ଦେଖି ବୈଷ୍ଣୋଦେବୀ ଯାତ୍ରାକୁ ବନ୍ଦ କରିଦିଆଯାଇଛି।

### ବାପାକୁ ହତ୍ୟାକରି...

ନାମରେ ସମସ୍ତ ଜମିର କାର୍ଡ ତିଆରି କରିବାକୁ କହି ଗଣ୍ଡଗୋଳ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ତେଣୁ ବିଦେଶୀ ସାନପୁଅ ସହ ସେଠାରୁ ଫେରିଆସି ପାଖରେ ଚା' ପିଉଥିବା ବେଳେ ବାବୁଲାଲ ସେଠାରେ ପହଞ୍ଚି ବାପା ବିଦେଶୀଙ୍କୁ ମାରପିଟ କରିଥିଲା। ତେଣୁ ସାନପୁଅ ତେଜରାଜ ଓ ତାଙ୍କ ଭଉଣୀ ଜ୍ୱାଇଁ ଗଣ୍ଡଗୋଳକୁ ରୋକିଥିଲେ। ଆଗରୁ ମଧ୍ୟ ବଡ଼ପୁଅ ନିଜ ପରିବାର ସହ ମିଶି ତାଙ୍କୁ ମାରିଦେବାକୁ ଚେଷ୍ଟା କରିଥିଲା। ଏନେଇ ବିଦେଶୀ ଅନେକ ଥର ଥାନାରେ ପୁଅ ବାବୁଲାଲ ନାଁରେ କେଶ ମଧ୍ୟ କରିଥିଲେ। ତେବେ ସେଦିନ ରାତିରେ ବିଦେଶୀ ଘରକୁ ଫେରିବା ବାଟରେ ବାବୁଲାଲ ଓ ନାତି ବଳରାମ ଦନ୍ତା ନଦୀ ବ୍ରିଜ ନିକଟରେ ତାଙ୍କୁ ପୁଣି ମାରପିଟ କରିଥିଲେ। ସେଠାରୁ ତାଙ୍କୁ ନେଇ ଅପାମରା ଗାଁରେ ଥିବା ନିଜ ନୂଆ ଘରକୁ ନେଇଥିଲେ। ନୂଆ ଘରେ ପୁଅ, ବୋହୂ ଓ ନାତି ମିଶି ଏକ ଲୁହାରଡରେ ତିଆରି(କଟରା)ରେ ପଟିବାରୁ ଘଟଣା ସ୍ଥଳରେ ବିଦେଶୀଙ୍କ ମୃତ୍ୟୁ ହୋଇଥିଲା। ବାପାର ମୃତ୍ୟୁ ହୋଇଥିବା ଜାଣି ଅଭିଯୁକ୍ତ ମାନେ ମୃତ ଶରୀରକୁ ବାଇକ୍‌ରେ ଧରି ଗାଁରେ ଥିବା ପୁରୁଣା ଘରକୁ ନେଇଥିଲେ। ସକାଳ ହୋଇଯିବାରୁ ସେମାନେ ବାପାଙ୍କ ଦେହ ଖରାପ ଅଛି କହି ଚିକିତ୍ସା ପାଇଁ ବକଟି ଗାଁର ସୁଶାନ୍ତ ମହାପାତ୍ରଙ୍କ ବୋଲେରୋ ଗାଡ଼ିକୁ ଡାକିଥିଲେ। ସମସ୍ତେ ମିଶି ମୃତ ବିଦେଶୀଙ୍କୁ ବରଗଡ଼ ସ୍ଥିତ ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ବିଦେଶୀଙ୍କ ମୃତ୍ୟୁ ହୋଇଥିବାରୁ ସରକାରୀ ଡାକ୍ତରଖାନାକୁ ନେବାକୁ କହିଥିଲେ। ହେଲେ ହତ୍ୟାକାଣ୍ଡକୁ ଅନ୍ୟରୂପ ଦେବାକୁ ଯାଇ ବାପ ହତ୍ୟାକାରୀ ପୁଅ ବାବୁଲାଲ, ବୋହୂ ଯୋଶବନ୍ତି ଓ ନାତି ବଳରାମ ସେହି ଗାଡିରେ ବଲାଙ୍ଗିର ସ୍ଥିତ ହାଟପଦା ସ୍ଥିତ ଶ୍ମଶାନକୁ ଯିବାପରେ ଗାଡ଼ି ଫେରାଇ ଦେଇଥିଲେ। ଶ୍ମଶାନରେ ମୃତ ବିଦେଶୀଙ୍କ ଶରୀର ଦାହ କରି ଅନ୍ୟ ଗାଡିରେ ଗାଁକୁ ଫେରିଥିଲେ। ବାପାଙ୍କ ଦେହ ବିଷୟରେ ପଚାରିବାକୁ ସାନପୁଅ ତେଜରାଜ ବାରମ୍ବାର ଫୋନ କରିଥିଲେ ମଧ୍ୟ ବାବୁଲାଲ ଠିକ ଉତ୍ତର ଦେଇ ନଥିଲେ। ବାପା ଘରକୁ ନ ଫେରିବା ଦେଖିବା ପରେ ସନ୍ଦେହ କରି ଭେଡେନ ଥାନାରେ ସାନପୁଅ ଅଭିଯୋଗ କରିଥିଲେ। ପୁଲିସ ସାଙ୍ଗେ ସାଙ୍ଗେ ଅପାମରା ଗାଁରେ ଚଢ଼ଉ କରି ମୁଖ୍ୟ ଅଭିଯୁକ୍ତ ବାବୁଲାଲର ସ୍ତ୍ରୀ ଯୋଶବନ୍ତି ଓ ପୁଅ ବଳରାମକୁ ଗିରଫ କରି ଭେଡେନ ଥାନାକୁ ଆଣିଥିଲା। ତେବେ ମୁଖ୍ୟ ବାବୁଲାଲ ଫେରାର ହୋଇଯାଇଥିଲା। ପୁଲିସ ବଳରାମଠୁ ସମସ୍ତ ଘଟଣାର ସତ୍ୟାସତ୍ୟ ବାହାର କରିଥିଲା। ପରେ ମାଜିଷ୍ଟ୍ରେଟ ଆଲମ ନାୟକ, ସମ୍ବଲପୁର ସାଇଣ୍ଟିଫିକ ଟିମ୍, ଭେଡେନ ଥାନା ଅଧିକାରୀ ସୁଶାନ୍ତ ଦାଶଙ୍କ ଉପସ୍ଥିତିରେ ଘଟଣାସ୍ଥଳ ଅପାମରା ଗାଁକୁ ଯାଇ ତଦନ୍ତ କରା ହୋଇଥିଲା। ପରେ ସମସ୍ତେ ବଲାଙ୍ଗିର ଯାଇ ପୋଡିଥିବା ସ୍ଥାନରେ ପହଞ୍ଚି ତଦନ୍ତ କରିଛନ୍ତି। ସେଠାରେ ଅଭିଯୁକ୍ତ ମାନେ ନିଜର ସଠିକ ପରିଚୟ ଲୁଚାଇ ଭୁଲ ତଥ୍ୟ ଦେଇ ଶବଦାହ କରିଥିବାର ଜଣାପଡିଛି। ସାଇଣ୍ଟିଫିକ ଟିମ୍ ଘଟଣା ସ୍ଥଳରୁ ହାଡ଼ କଙ୍କାଳ ଓ ପାଉଁଶ ଜବତ କରିଛି। ଅଧିକ ତଦନ୍ତ ପାଇଁ ଅଭିଯୁକ୍ତ ମା' ଓ ପୁଅକୁ ପୁଲିସ ଅଟକ ରଖିଛି।

### ନଦୀରେ ଭାସିଗଲା ଶିଶୁକନ୍ୟା

ବସ୍ତା ବ୍ଲକ, ୨୭।୮ (ସମିସ): ନଦୀରେ ଭାସି ଯାଇ ଦେଢବର୍ଷର ଶିଶୁ କନ୍ୟା ନିଖୋଜ ହୋଇଥିବା ନେଇ ସନ୍ଦେହ ପ୍ରକାଶ ପାଇଛି। ବସ୍ତା ଥାନା ଦରଡା ଗ୍ରାମର ପପୁ ସୋରେନ ଦେଢବର୍ଷର ଝିଅକୁ ନେଇ ପରିବାର ସହିତ ଦୁନ୍ଦ ଗ୍ରାମର ବନ୍ଧୁ ଘରକୁ ବୁଲିବା ପାଇଁ ଯାଇଥିଲେ। ବୁଧବାର ସକାଳ ସମୟରେ ପିଲାଟି ନିଖୋଜ ହୋଇ ଯାଇଥିଲା। ପରିବାର ଲୋକେ ଖୋଜାଖୋଜି କରି ନ ପାଇବାରୁ ପାଖରେ ଡୁବଡୁବି ନଦୀ ଥିବାରୁ କୌଣସି ଦୁର୍ଘଟଣା ଘଟିଥିବା ସନ୍ଦେହ କରାଯାଇ ବସ୍ତା ଦମକଳ ଓ ପୁଲିସକୁ ଖବର ଦିଆ ଯାଇଥିଲା। ବସ୍ତା ପୁଲିସ ଏବଂ ଦମକଳ ବାହିନୀ ପହଞ୍ଚି ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରି ନିରାଶ ହୋଇ ଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ଝିଅଟିର କୌଣସି ସନ୍ଧାନ ମିଳି ପାରି ନ ଥିବା ବସ୍ତା ଦମକଳ ବିଭାଗର ଅଧିକାରୀ ସୂଚନା ଦେଇଛନ୍ତି।


**ସମ୍ବଲପୁର ଜିଲ୍ଲା ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃ,ବରଗଡ଼**

ପବିତ୍ର "ନୂଆଁଖାଇ" ଉପଲକ୍ଷେ ବ୍ୟାଙ୍କର ସେବାଞ୍ଚଳ ଚାରିଗୋଟି ଜିଲ୍ଲା ଯଥା ବରଗଡ଼, ସମ୍ବଲପୁର, ଝାରସୁଗୁଡା ଓ ଦେବଗଡ ଜିଲ୍ଲାର ସମସ୍ତ ଚାଷୀଭାଇ, ଜମାକାରୀ, ଗ୍ରାହକ, ଶୁଭେଚ୍ଛୁ, ପୃଷ୍ଠପୋଷକ ତଥା ଅଞ୍ଚଳବାସୀମାନଙ୍କୁ ବ୍ୟାଙ୍କ ତରଫରୁ ଅନେକ ଅନେକ ଶୁଭେଚ୍ଛା ସହିତ ମଙ୍ଗଳ କାମନା । ମାଁ ସମଲେଶ୍ୱରୀ ସମସ୍ତ ପରିବାରରେ ହସଖୁସି ବାଣ୍ଟିଦେବା ସହିତ ସଦା ସର୍ବଦା ଶୁଭ ଦୃଷ୍ଟି ରଖିଥାନ୍ତୁ, ତାଙ୍କରି ଚରଣ କମଳରେ ଏତିକି ପ୍ରାର୍ଥନା । ନିଜ ପରିବାରର ତଥା ଅଞ୍ଚଳର ଆର୍ଥିକ ଓ ସାମାଜିକ ଉନ୍ନତି ସାଧନ ନିମନ୍ତେ ଏହି ବ୍ୟାଙ୍କ ପ୍ରତି ଆପଣମାନଙ୍କର ଅକୁଣ୍ଠ ସହଯୋଗ ଆମର କାମ୍ୟ ।

ଶ୍ରୀଯୁକ୍ତ ଭବେଶ୍ୱର ମଳିକ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ
ଶ୍ରୀଯୁକ୍ତ ନରେନ୍ଦ୍ର ପଧାନ, ସଭାପତି

**ନୂଆଁଖାଇ ଜୁହାର-୨୦୨୫**

ସୁବର୍ଣ୍ଣପୁର ଚାଷୀ ଭାଇ, ମା, ବହେନ୍ ମାନଙ୍କୁ ଓ ପଶ୍ଚିମ ଓଡିଶାର ଭାଇ ବହେନ୍ ସବୁକୁ ପଶ୍ଚିମ ଓଡିଶାର ଗଣପର୍ବ "ନୂଆଁଖାଇର୍ ଜୁହାର୍"। ମାଁ ସୁରେଶ୍ୱରୀ, ମାଁ ଅଷ୍ଟଚଣ୍ଡୀ, ପ୍ରଭୁ ସୁବର୍ଣ୍ଣମେରୁ ଓ ବାବା ଭାମେଶ୍ୱରଙ୍କ ଅପାର କରୁଣାରୁ ଇ ବଚ୍ଛର୍ ଜୋଲ୍‌ଜୋଲ୍ ହେଇକି ବରଷା ହେଉ ଆଉ ଆମର୍ ଚାଷୀଭାଇ ମାନକର୍ ମା'ଲକ୍ଷ୍ମୀ ଙ୍କର କୃପାଥି ଭଣ୍ଡାର ଘର୍ ଉଛୁଳି ପଡୁ ଆଉ ୨୦୨୫ ବଛର୍ ସବୁକର ମଙ୍ଗଳ ହେଉ ।

୧. କୃଷି ଓ ଆନୁସଙ୍ଗିକ କୃଷି ସମ୍ବନ୍ଧୀୟ ଯୋଜନାର ସୁବିଧା ସୁଯୋଗ ପାଇଁ କୃଷକ ଓଡିଶା ପୋର୍ଟାଲରେ ପଂଜିକରଣ ଓ ତଥ୍ୟ ସଂଶୋଧନ କରନ୍ତୁ ।
୨. ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ଯେ ମୃତ୍ତିକା ପରୀକ୍ଷା କରି ସୁଷମ ସାର ପ୍ରୟୋଗ ସହିତ ଜୈବିକ ପଦ୍ଧତି ଅବଲମ୍ବନ କରନ୍ତୁ ।
୩. କୃଷି, ପଶୁପାଳନ, ମତ୍ସ୍ୟ ଓ ଉଦ୍ୟାନ କୃଷି ସମ୍ବନ୍ଧୀୟ ପ୍ରକଳ୍ପ ସ୍ଥାପନ ପାଇଁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ପୋର୍ଟାଲରେ ଆବେଦନ କରି ୪୦ ରୁ ୫୦ ପ୍ରତିଶତ ରିହାତି ପାଆନ୍ତୁ ଓ ସ୍ୱାବଲମ୍ବୀ ହୁଅନ୍ତୁ ।
୪. ଧାନ ଫସଲ ବଦଳରେ ଅଣଧାନ ଫସଲକୁ ଫସଲ ପର୍ଯ୍ୟାୟରେ ସାମିଲ କରନ୍ତୁ ଏବଂ ସମନ୍ୱିତ ଚାଷକୁ ଆପଣେଇ ଅଧିକ ଲାଭବାନ ହୁଅନ୍ତୁ ।
୫. ସି.ଏମ୍. କିସାନ ଯୋଜନାର ହିତାଧିକାରୀମାନେ ଆସନ୍ତା ୨ମାସ ମଧ୍ୟରେ ନିଜର ମୋବାଇଲ ନମ୍ବର ଏବଂ ବ୍ୟାଙ୍କଖାତାକୁ ନିଜର ଆଧାର ସହିତ ସଂଯୋଗ କରି ସରକାରଙ୍କ ଏହି ଯୋଜନାକୁ ସଫଳ କରନ୍ତୁ ଓ ପି.ଏମ୍. କିସାନ ଓ ସି.ଏମ୍. କିସାନ ଯୋଜନା ଅନ୍ତର୍ଗତ ଉପଲବ୍ଧ ସୁବିଧା ହାସଲ କରନ୍ତୁ ।
୬. କୃଷକ ରେଜିଷ୍ଟ୍ରି (Agristack) ରେ ନିଜ ଜମିପଟ୍ଟା ଦ୍ୱାରା ପଞ୍ଜିକୃତ ହୁଅନ୍ତୁ ଓ ଲାଭବାନ ହୁଅନ୍ତୁ । ଏଥିପାଇଁ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ଯେ ସେମାନେ ନିକଟସ୍ଥ ଜନସେବା କେନ୍ଦ୍ର, ପଂଚାୟତ ସ୍ତରୀୟ କୃଷି କର୍ମଚାରୀ ଏବଂ ନିଯୁକ୍ତ ସହାୟକଙ୍କ ଠାରେ ପଞ୍ଜିକରଣ କରାନ୍ତୁ ।
୭. ଚାଷ ସମ୍ବନ୍ଧୀୟ ବିଭିନ୍ନ ପରାମର୍ଶ ପାଇଁ ଆପଣଙ୍କ ଗ୍ରାମ୍ୟ କୃଷି କର୍ମଚାରୀ କିମ୍ବା ସହକାରୀ କୃଷି ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ ।

ଶ୍ରୀଯୁକ୍ତ ରୁଦ୍ରଦେବ ରାଉତ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ତଥା ପ୍ରକଳ୍ପ ନିର୍ଦ୍ଦେଶକ, ଆତ୍ମା, ସୁବର୍ଣ୍ଣପୁର
ଶ୍ରୀଯୁକ୍ତ ଡ. ନୃପରାଜ ସାହୁ, ଜିଲ୍ଲାପାଳ ତଥା ଅଧ୍ୟକ୍ଷ, ଆତ୍ମା, ସୁବର୍ଣ୍ଣପୁର

**ନୁଆଖାଇ ଜୁହାର**

BALANGIR · ISO 9001 QCERT Certified quality system

ବଲାଙ୍ଗିର ସଦାଇପାଲି, ପଲ୍ଲିଶ୍ରୀ ବିହାର ଠାରେ ପ୍ରତିଷ୍ଠିତ ଇଣ୍ଡିଏନ ନର୍ସିଂ କାଉନସିଲ(ଆଇ.ଏନ୍.ସି)ମଞ୍ଜୁରୀ ପ୍ରାପ୍ତ ସୁଶ୍ରୀ ନର୍ସିଂ କଲେଜ(ସାଇଟ) ଏମ.ଏସ୍.ସି. ନର୍ସିଂ, ବି.ଏସ୍.ସି. ନର୍ସିଂ, ଜି.ଏନ୍.ଏମ୍. ନର୍ସିଂ, ଏ.ଏନ୍.ଏମ୍. ନର୍ସିଂ, ସାଇଟ ଇଞ୍ଜିନିୟରିଂ, ସୁଶ୍ରୀ ଆଇ.ଟି.ଆଇ, ସୁଶ୍ରୀ ଡି.ଏମ୍.ଏଲ୍.ଟି ଓ ଡି.ଏମ୍.ଆର୍.ଟି ପରିବାର ତରଫରୁ ସମସ୍ତଙ୍କୁ ନୁଆଖାଇ ଜୁହାର ।

ଡ. ନାରାୟଣ ପ୍ରସାଦ ମିଶ୍ର, ସଂପାଦକ



**AFFIDAVIT**



By virtue of an affidavit sworn before Executive Magistrate, Bhubaneswar, dated: 19.08.2025, I, MAMATA MANASINGH, residing at At-Barapada, PO: Kunjuri, P.S.- Khordha, Dist.- Khordha, Odisha, 752056, declare that I have changed my daughter's name from **Adyaarpita Mansingh** to **Ananya Ankita Mansingh**. Henceforth, she shall be known as **Ananya Ankita Mansingh** for all purposes.
Mamata Manasingh

**AFFIDAVIT**

I, Mrinal Kanta Samal, S/o- Natabar Samal, resident of Plot No. HIG-2/318, Satya Sai Enclave, Kolathia, Ps-Khandagiri, Dist-Khorda, PIN-751030, Odisha declared by this affidavit No- 15AA 353665, dtd- 23/07/2025 that now onwards I shall be known as **MRUNALA KANTA SAMAL** for all future purposes

**AFFIDAVIT**

I, Usharani Nayak D/o Banabihari Das, Resident of Village-Alana, PO-Alanahat, Naugaon, Dist-Jagatsinghapur, Pin-754107, Odisha declare by this affidavit No.9373 dtd 18.10.2021 that now onwards I shall be known as **USHARANI DAS** for all future purposes.

**AFFIDAVIT**

I, Amit Das S/o Asok Das, Resident of Plot No M-29/3, Panchasakha Nagar, PO-Dumuduma, PS-Khandagiri, Bhubaneswar Dist-Khordha Odisha, PIN-751019 declare by this affidavit No.683 dtd 26.08.2025 that now onwards I shall be known as **AMIT DASH** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Nayagarh, CF.NO-5/2, dated 30-05-2025 I, **MANORANJAN BEHERA, S/o Bijay Kumar Behera** permanent resident of Village At-Ghadual, PO/PS/Dist- Nayagarh, State-Odisha, PIN- 752069, declare that I have changed my daughter's name from **ADARSHA BEHERA** (Old name) to **ADYASHA BEHERA** (New name), Henceforth, She shall be known as **ADYASHA BEHERA** for all purposes.
Sd-( **MANORANJAN BEHERA** )

**AFFIDAVIT**

I, Pragnya Parimita Khuntia, D/o- Prafulla Kumar Parida, resident of At- Gadadhar Prasad, Via- Itamati, Dist-Nayagarh, PIN-752068, Odisha declared by this affidavit No-687, dtd-26/08/2025 that now onwards I shall be known as **PRAGNYA PARIMITA PARIDA** for all future purposes.

**AFFIDAVIT**

I, Pedena Siba Sankar Patra S/o P Baleswar Patra, Resident of At-Bhakta Madhu Nagar, Talabania, Khandagiri, Bhubaneswar, Dist-Khorda PIN-751030, Odisha declare by this affidavit No.26190 dtd 26.08.2025 that now onwards I shall be known as **P SIBA SANKAR PATRA** for all future purposes.

**AFFIDAVIT**

I, Kishore Chandra Jena, S/o- Kunja Jena, resident of At-Krushnaprasad, Po-Parikud, Dist- Puri, PIN-752011, Odisha declared by this affidavit No-686, dtd- 26/08/2025 that now onwards I shall be known as **KISHOR CHANDRA JENA** for all future purposes

**AFFIDAVIT**

By virtue of an affidavit vide no 1644 dated 26.08.2025 sworn before the Notary public, Phulbani, I, Tasneen Salimkhan Pathan W/o Zafer Ismail, Residing at Govt Residential Quarter, Block II, Qr No E-01, Amalapada, PO/PS-Phulbani, Dist-Kandhamal, Odisha, do hereby change my minor Daughter's name from Asfa Mohasin Momin to Asfa Tasneem. Henceforth, she will be known as **ASFA TASNEEM** for all future purposes.

**AFFIDAVIT**

I, Bipra Chanra Behera, S/o- Dandapani Behera, resident of At-Dhanija, Po-Dhanija, Dist-Ganjam, PIN-761116, Odisha declared by this affidavit No-685, dtd-26/08/2025 that now onwards I shall be known as **BIPRA CHARAN BEHERA** for all future purposes

**AFFIDAVIT**

I, Susama Kumari Dei, aged about 74 years, W/o-Late Rajendranath Swain, resident of L-218, Baramunda Housing Board Colony, PO- Baramunda, PS- Bharatpur, Bhubaneswar, Dist-Khordha, Odisha declared by this affidavit No. 22004, dtd- 21/08/2025 that now onwards I shall be known as **SUSAMA RANI SWAIN** for all future purposes.

**AFFIDAVIT**

I, Surjyakanta Pani, S/o-Jagannath Pani, resident of MIG-61, Ananta Vihar, Ph-2, Pokhariput, Aerodrome Area, Bhubaneswar, Dist-Khurda, PIN- 751020, Odisha declared by this affidavit No-688, dtd-26/08/2025 that now onwards I shall be known as **SURYAKANT PANI** for all future purposes.

**AFFIDAVIT**

By virtue of an affidavit (No. 1738, dtd-25.08.2025) before the Notary Public, Bhubaneswar. I, **Pranati Senapati**, aged about 52 years, W/o Hrusikesh Patro, resident of Plot No. 171/913/2828, Ekamra Vihar, Sundarpada, Bhubaneswar, PS-Airfield, Dist- Khurda, PIN-751002, Odisha, I have corrected / changed my father's name from **Markand Senapati** (old name) to **Markanda Senapati** (new name) in my PAN Card, vide no. BVXPS9249E. Henceforth, I shall be known as **Pranati Senapati**, D/O- Markanda Senapati for all purposes.
**Pranati Senapati**

## ଜୟପୁରରେ ରେକର୍ଡ ବର୍ଷା

# ରାସ୍ତା ବୁଡ଼ି ଘରେ ପଶିଲା ପାଣି





ଜୟପୁର, ୨୭ । ୮(ସମିସ) : କୋରାପୁଟ ଜିଲ୍ଲା ଜୟପୁର ସହରରେ ଗତକାଲି ରାତିରେ ମୂଷଳଧାରାରେ ପ୍ରବଳ ବର୍ଷା ହୋଇଛି । ଗତକାଲି ଦିନରେ ବର୍ଷା ଲାଗି ରହିଥିବା ବେଳେ ବିଳମ୍ବିତ ରାତି ଠାରୁ ଆଜି ପୂର୍ବାହ୍ନ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହୋଇଥିଲା । ଏହିପରି ସରକାରୀ ଆକଳନ ଅନୁଯାୟୀ ଗୋଟିଏ ଦିନରେ ଜୟପୁର ସହରରେ ଗୋଟିଏ ଦିନରେ ୧୮୬ ମିମି ବର୍ଷା ହୋଇଥିଲା । ପ୍ରବଳ ବର୍ଷା ଯୋଗୁଁ ସହରର ତଳି ଅଞ୍ଚଳ ସମେତ ପୁରାତନ ପାଣିନଳା ସାହିରେ ଡ୍ରେନ୍‌ରୁ ଜଳ ବାହାରି ଘରେ ପ୍ରବେଶ କରିଥିଲା । ସେହିପରି ସହରର ଆଦର୍ଶନଗର, ପାୱାର ହାଉସ, ଆଶାରାମ ନଗର, ଶ୍ରୀରାମ ନଗର, ସନ୍ତୋଷୀମା ନଗର, ଗ୍ଲୋକାଲ ଚିକିତ୍ସାଳୟ ନିକଟସ୍ଥରେ ଡ୍ରେନ ପାଣି ବାହାରକୁ ଆସିଥିବା ବେଳେ ରାସ୍ତାରେ ପ୍ରବାହିତ ହୋଇଥିଲା । ସେହିପରି ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ କର୍ମଚାରୀ ମାନେ ସହର ଏବଂ ଆଖପାଖ ଗ୍ରାମାଞ୍ଚଳରେ ବୁଲି ଘର ଭାଙ୍ଗିବା ଏବଂ ରାସ୍ତା ଓ ଘାଟ ନଷ୍ଟର ଆକଳନ କରିଥିଲେ । ଜୟପୁର ସହରରେ ବିଜୁରାଜ ନଗରରେ ୩ଟି ମାଟି ଘର ଆଂଶିକ ଭାବେ ଭାଙ୍ଗିଥିବା ବେଳେ ଜୟପୁର ବ୍ଲକର ଅନ୍ୟାନ୍ୟ ଗ୍ରାମାଞ୍ଚଳର ୧୮ଟି ଆଂଶିକ ଭାବେ

**● ଗୋଟିଏ ଦିନରେ ୧୮୬ ମିମି ବର୍ଷା**

ଭାଙ୍ଗିଛି । ଏହିପରି ପ୍ରଶାସନ ପକ୍ଷରୁ ପଲିଥିନ ଏବଂ ଅନ୍ୟାନ୍ୟ ବ୍ୟବସ୍ଥା କରାଯାଇଛି । ଜୟପୁର ସହରର ବିଜୁ ରାଜନଗର ଠାରେ ଗତକାଲି ବିଳମ୍ବିତ ରାତିରେ ପ୍ରବଳ ବର୍ଷା ଯୋଗୁଁ ରାସ୍ତା ଓ ଡ୍ରେନର ପାଣି ଏହି ବସ୍ତିରେ ପ୍ରବେଶ କରିଥିବା ବେଳେ ଘର ଗୁଡିକରେ ବର୍ଷା ଏବଂ ଡ୍ରେନ ଜଳ ପ୍ରବେଶ କରିଛି । ଆଜି ପୂର୍ବାହ୍ନରେ ଉପଜିଲ୍ଲାପାଳ ତଥା ପୌର ନିର୍ବାହୀ ଅଧିକାରୀ ଏ. ଶଶ୍ୟା ରେଡ୍ଡି, ପୌର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି ବିଜୁ ରାଜନଗର ଅଞ୍ଚଳକୁ ପରିଦର୍ଶନ କରିଥିବା ବେଳେ ଜଳ ନିଷ୍କାସନ ପାଇଁ ଅସ୍ଥାୟୀ ଡ୍ରେନ ବ୍ୟବସ୍ଥା କରାଯାଇଥିଲା । ଏହିପରି ଜୟପୁର ସହରର ପାରବେଢା ଏବଂ ଏକଟାଗୁଡାକୁ ସଂଯୋଗ କରୁଥିବା କେନାଲ ରାସ୍ତା ଉପରେ ୨ ଫୁଟ ଉଚ୍ଚତାର ପାଣି ପ୍ରବାହିତ ହେବା ଯୋଗୁଁ ଯାତାୟାତରେ ସମସ୍ୟା ସୃଷ୍ଟି ହୋଇଥିଲା । ଏହିପରି ଜୟପୁର ଏବଂ କୁନ୍ଦୁରା ବ୍ଲକକୁ ସଂଯୋଗ କରୁଥିବା କୋଲାବ ନଦୀର ପୋଲ, ଘୁମର ନିକଟସ୍ଥ ପୋଲ ଗୁଡିକରେ ରାସ୍ତା ଉପରେ ପାଣି ପ୍ରବାହିତ ହେଉଛି । ଜିଲ୍ଲାର କୋଲାବ ନଦୀର ତଳ ମୁଣ୍ଡରେ ଜୟପୁରରେ ୧୮୬ ମିମି, ବୈରାରୀଗୁଡାକେ ୩୦୬ ମିମି, ବୋରିଗୁମ୍ମା, ୧୫୫.୮, କୁନ୍ଦୁରା ୧୨୨.୬, କୋଟପାଡ ୧୫୯ମିମି ବର୍ଷା ହୋଇଥିଲା । କୋଲାବ ଜଳ ଭଣ୍ଡାରରେ ୮୫୩.୭୬ ମିଟର ଜଳ ରହିଛି । ଏହାର ସର୍ବାଧିକ ଜଳଧାରଣା କ୍ଷମତା ୮୫୮ମିଟ । ସେହିପରି ମାଛକୁଣ୍ଡ ଜଳବିଦ୍ୟୁତର ଜଳାପୁଟ ଜଳଭଣ୍ଡାରରେ ସର୍ବାଧିକ ଜଳଧାରଣା କ୍ଷମତା ୨୭୫୦ ଫୁଟ ରହିଥିବା ବେଳେ ୨୭୪୮.୦୮ ଫୁଟ ଜଳଭଣ୍ଡାରରେ ଜଳ ଗଚ୍ଛିତ ରହିଛି । କୋଲାବ ଜଳ ଭଣ୍ଡାରର ଉପର ମୁଣ୍ଡରେ ପ୍ରବଳ ବର୍ଷା ହେଲେ ଜଳଭଣ୍ଡାରର ଫାଟକ ଖୋଲାଯିବା ନେଇ ପ୍ରଶାସନ ଏବଂ ଜଳସେଚନବିଭାଗନିଷ୍ପତିଗ୍ରହଣକରିବେବୋଲିକୁହାଯାଉଛି ।

# ଲଗାଣ ବର୍ଷା, ଘର ଓ କାନ୍ଥ ଭୁଶୁଡିଲା



ସେମିଳିଗୁଡା: ୨୭।୮(ସମିସ) କୋରାପୁଟ ଜିଲ୍ଲା ସେମିଳିଗୁଡା ବ୍ଲକ ପିତାଗୁଡା ଓ ରାଜପୁତ ଗ୍ରାମ ପଞ୍ଚାୟତ ଅଧିନରେ ଥିବା ଅନେକ ଗ୍ରାମରେ ଲଗାଣ ବର୍ଷାରେ ଅନେକ ଘର ଓ କାନ୍ଥ ଭୁଶୁଡ଼ି ଥିବା ସୂଚନା ମିଳିଛି । ପିତାଗୁଡା ପଞ୍ଚାୟତର ଚୋରି ମାଳିପୁଟ ଗ୍ରାମରେ ବୁଧବାର ଦିନ ୧୨ଟା ସମୟରେ ଲଘୁଚାପ ଜନିତ ଲଗାଣ ବର୍ଷାରେ ତିନି ବଖରାକୁ ଲାଗି ଥିବା କାନ୍ଥ ସମ୍ପୂର୍ଣ୍ଣ ଭାବେ ଭୁଶୁଡିଯାଇଛି ।। ଏହି ଘରେ ହରାନ୍ନା ନାୟକ ଙ୍କ ସହଧର୍ମିଣୀ ପଦ୍ମିନୀ ନାୟକ ବସବାସ କରୁଥିଲେ । କାନ୍ଥ ଭୁଶୁଡ଼ିବା ସମୟରେ ଅଳ୍ପକେ ବର୍ତ୍ତିଲେ ପରିବାର ଲୋକେ । ଝୁଡ଼ି ଓ ଅଖା ବସ୍ତାରେ ଥିବା ଧାନ, ମାଣ୍ଡିଆ, ଶୁଆଁ, ଆସବାବ ପତ୍ର ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି । ସ୍ୱାମୀ ହରାନ୍ନା ନାୟକ, ସହଧର୍ମୀଣି ପଦ୍ମିନୀ ଦୁଃଖରେ ଭାଙ୍ଗି ପଡିଛନ୍ତି । ରାଜୁପୁଟ ପଞ୍ଚାୟତ କାଙ୍ଗ୍ରା ଗ୍ରାମର ଧନ ଖରା ଝରାପୁଟର ଧନେଶ ପାଙ୍ଗିଙ୍କ ଘର ଭାଙ୍ଗିଥିବା ଜଣାପଡିଛି । ପାତ୍ରପୁଟ ରୋଷେଇପୁଟ ପୂଜାରୀପୁଟ ମୁଖିବିଡ଼େଇ ପୋଡାଗଡ଼ କାଙ୍ଗ୍ରା ରାଜୁପୁଟ ରାଜୁବିଡେଇ ଗ୍ରାମର ଧାନ ଜମି ହିଡ଼ ବନ୍ଧ ସବୁ ଧୋଇନେଇଯାଇଛି ବର୍ଷା । ଉପର ମୁଣ୍ଡରୁ ବର୍ଷାପାଣି ମାଟି ଗୋଡି ପଥର ଅନାବନା ଜିନିଷ ଧୋଇଆଣି ବାଲିଚର କରିଦେଇଛି । ଚାଷୀକୂଳ ଚିନ୍ତାରେ ଶହଶହ ଟଙ୍କା ଧାର କରଜ କରି ବର୍ଷକର ଫସଲ ଧାନ ସବୁ କରିଥିଲେ । ରାଜୁପୁଟ ସରପଞ୍ଚ ପିତାମ୍ବର କିର୍ସାନୀ ବିଭିନ୍ନ ଗ୍ରାମ ପରିଦର୍ଶନ କରିବା ସହ ବୁଲି ସ୍ଥିତି ଅନୁଧ୍ୟାନ କରି ରାଜସ୍ୱ ନିରୀକ୍ଷକ, କୃଷି କର୍ମଚାରୀଙ୍କୁ ଅବଗତ କରିଛନ୍ତି । ସରକାରଙ୍କ ତରଫରୁ ଘର ମିଳିଲେ ଚିର ଉପକୃତ ହେବେ ବୋଲି କ୍ଷତିଗ୍ରସ୍ତ ଲୋକ ନିବେଦନ କରିଛନ୍ତି । ଏଥିପ୍ରତି ବ୍ଲକ ପ୍ରଶାସନ ଦୃଷ୍ଟି କେବେ ପଡିବ, ପରିବାର ଲୋକଙ୍କୁ ପକ୍କା ଘର କେବେ ମିଳିବ ତାହା ଦେଖିବାକୁ ବାକି ରହିଛି । ସେମିଳିଗୁଡା ଅଞ୍ଚଳରେ ୧୦୮.୪ ମିମି ବର୍ଷା ର୍ ହୋଇଥିବା ସୂଚନା ମିଳିଛି ।

# ଝଞ୍ଜାବତୀ ନଦୀକୁ ଗାଧୋଇବାକୁ ଯାଇ ନାବାଳକ ନିଖୋଜ

ରାୟଗଡ଼ା,୨୭।୮(ସମିସ): ରାୟଗଡ଼ା ସହର ଉପକଣ୍ଠ ସ୍ଥିତ ସିରିଗୁଡ଼ା ପାଶ୍ୱର୍ରେ ପ୍ରବାହିତ ଝଞ୍ଜାବତି ନଦୀରେ ଗାଧୋଇବା ସମୟରେ ଜଣେ ୯ ବର୍ଷର ନାବାଳକ ପାଣିରେ ଭାସି ନିଖୋଜ ହୋଇଯାଇଛନ୍ତି । ନାବାଳକ ଜଣକ ହେଲେ ସିରିଗୁଡ଼ା ଗ୍ରାମର ରୋହନ ବିଡିକା । ଘଟଣାରୁ ପ୍ରକାଶ ଯେ, ରୋହନ ସ୍କୁଲରୁ ଫେରିବା ପରେ ନିଜର କିଛି ସାଙ୍ଗମାନଙ୍କ ସହିତ ମିଶି ଅପରାହ୍ନରେ ନିକଟସ୍ଥ ଝଞ୍ଜାବତି ନଦୀକୁ ଗାଧୋଇବାକୁ ଯାଇଥିଲେ । ତେବେ ସେଠାରେ ନଦୀରେ ଭାସି ଯାଇ ନିଖୋଜ ହୋଇଯାଇଥିବା ଜଣାପଡିଥିଲା । ଖବରପାଇ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ପାଣିରେ ପଶି ଖୋଜାଖୋଜି ଜାରି ରଖିଛନ୍ତି ।

# ରାଜସ୍ଥାନ ମୂର୍ତ୍ତି ବ୍ୟବସାୟୀଙ୍କ ୧୨ ଲକ୍ଷ ଲୁଟ୍

ଉମରକୋଟ,୨୭।୮ (ସମିସ): ଗତ ୬ ମାସ ଧରି ରାଜସ୍ଥାନରୁ ଆସିଥିବା ଗୋଟିଏ ପରିବାର ଉମରକୋଟରେ ରହି ଗଣେଶ ମୂର୍ତ୍ତୀ ବିକ୍ରି କରି ନିଜର ଜୀବନ ଜୀବିକା ନିର୍ବାହ କରି ଆସୁଥିଲେ । ଗତ କାଲି ବିଳମ୍ବିତ ରାତିରେ ସେମାନେ ରଖିଥିବା ଟଙ୍କା ପେଡିକୁ କେହି ଦୁର୍ବୃତ୍ତ ଚୋରି କରି ନେଇ ଯାଇଥିବା ନେଇ ଆଜି ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପେଡିରେ ୧୦ ରୁ ୧୨ ଲକ୍ଷ ଟଙ୍କା ଥିବା ଅନୁମାନ କରାଯାଉଛି । ସୂଚନା ଅନୁଯାୟୀ, ଗତ ୯ ବର୍ଷ ହେଲା ରାଜସ୍ଥାନରୁ ଏହି ପରିବାର ଉମରକୋଟର ୱାର୍ଡ ୩ ଡଙ୍ଗରୀଗୁଡା ଠାରେ ରହି ପ୍ଲାଷ୍ଟର ପ୍ୟାରସରେ ନିର୍ମିତ ଗଣେଶ ମୂର୍ତ୍ତୀ ବିକ୍ରି କରି ଆସୁଛନ୍ତି । ଚଳିତ ବର୍ଷ ୬ ମାସ ହେଲା ଉମରକୋଟରେ ପରିବାରର ପ୍ରାୟ ୧୫ ଜଣ ସଦସ୍ୟ ରହି ଗଣେଶ ମୂର୍ତ୍ତୀ ତିଆରି କରି ବିକ୍ରି କରି ଆସୁଛନ୍ତି । ତେବେ ମୂର୍ତ୍ତି ବିକ୍ରୀ କରି ପ୍ରାୟ ୧୦ ରୁ ୧୨ ଲକ୍ଷ ଟଙ୍କା ଏକ ପେଡିରେ ରଖିଥିଲେ । କାଲି ରାତି ୨ଟା ପର୍ଯ୍ୟନ୍ତ କାରିଗର ମାନେ ମୂର୍ତ୍ତି ବିକ୍ରିକରୁଥିଲେ । ରାତି ୨ଟା ପର୍ଯ୍ୟନ୍ତ ଗ୍ରାହକ ଗଣେଶ ମୂର୍ତ୍ତୀ କିଣିବା ପାଇଁ ଆସିଥିଲେ । ତେବେ ୩ଟା ବେଳେ ଟିକେ ଶୋଇବା ପରେ ସକାଳେ ଉଠି ଟଙ୍କା ପେଡି ନଥିବା ଦେଖିଥିଲେ । ଏହି କାରିଗର ମାନେ ଆଜି ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଉମରକୋଟ ପୋଲିସ ତଦନ୍ତ ଆରମ୍ଭ କରି ଦେଇଛି । ମୂର୍ତ୍ତୀ କାରିଗର ପରିବାରର ମୁଖ୍ୟ ମଙ୍ଗଲି ଦେବୀ କହିଛନ୍ତି ରଙ୍ଗ, ପ୍ଲାଷ୍ଟର ପ୍ୟାରିସ ବାକିରେ ଆଣି ମୂର୍ତ୍ତି ତିଆରି କରୁଥିଲୁ । ଏହି ସମସ୍ତ ଟଙ୍କା ଚୋରି ହେବା ଦ୍ୱାରା ସମସ୍ତ ପରିବାର କେମିତି ଏବେ ବଞ୍ଚିବୁ ଏବଂ ଟଙ୍କା ସୁଝିବୁ ବୋଲି ଅତ୍ୟନ୍ତ ଦୁଃଖର ସହ କହିଛନ୍ତି । ଉମରକୋଟ ପୋଲିସ ତୁରନ୍ତ ଚୋରଙ୍କୁ ଧରିବା ପାଇଁ ସହର ବାସୀ ନିବେଦନ କରିଛନ୍ତି । ସବ ଇନ୍ସପେକ୍ଟର ଶିବଜି ପ୍ରସାଦ ପଣ୍ଡା ସବୁ ଦିଗକୁ ନେଇ ତଦନ୍ତ କରୁଥିବା କହିଛନ୍ତି ।

# ହାଇଦରାବାଦ ମାରଥାନରେ ବାପ, ପୁଅ ଯୋଡ଼ିର ବାଜିମାତ୍




ନବରଙ୍ଗପୁର,୨୭।୮ (ସମିଆ): ନବରଙ୍ଗପୁର ଜିଲ୍ଲାର ସୁପରିଚିତ ବରିଷ୍ଠ ମାରାଥନ ଧାବକ ଚିତ୍ତରଞ୍ଜନ ପାତ୍ର ଏବଂ ତାଙ୍କ ପୁଅ ନିଖିଲ ପାତ୍ର ହାଇଦରାବାଦ ଠାରେ ଅନୁଷ୍ଠିତ ମାରାଥନ ପ୍ରତିଯୋଗିତାରେ ଭାଗ ନେଇ ସଫଳତାର ସହ କୃତକାର୍ଯ୍ୟ ହୋଇଛନ୍ତି । ଏହି ପ୍ରତିଯୋଗିତାରେ ଚିତ୍ତରଞ୍ଜନ ପାତ୍ର ହାଫ୍ ମାରାଥନରେ ଭାଗ ନେଇଥିବା ବେଳେ ତାଙ୍କ ପୁଅ ନିଖିଲ ପାତ୍ର ପୂର୍ଣ୍ଣ ମାରାଥନରେ ଭାଗ ନେଇ ସଫଳତାର ସହ ନିର୍ଦ୍ଧାରିତ ସମୟରେ ମାରାଥନ ସମ୍ପୂର୍ଣ୍ଣ କରି ନବରଙ୍ଗପୁର ଜିଲ୍ଲାକୁ ଗର୍ବିତ କରିଛନ୍ତି । ପରିଣତ ବୟସରେ ଚିତ୍ତରଞ୍ଜନ ପାତ୍ରଙ୍କ ଏଭଳି ମାରାଥନରେ ଯୋଗ ଦେବା ସମସ୍ତ ବର୍ଗ ବୟସର ପିଲାମାନଙ୍କ ପାଇଁ ଏକ ପ୍ରେରଣା ବୋଲି ସଂଘର ସଂପାଦକ ପ୍ରହ୍ଲାଦ ତ୍ରିପାଠୀ, ଉପ ସଭାପତି ଏମ. ବାଲା କୃଷ୍ଣରାଓ, ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ ଏବଂ କ୍ରିକେଟ ସମ୍ପାଦକ ଅଶୋକ ନାୟକ କହିଥିବା ସଂଘର ସହ ସମ୍ପାଦକ ଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି ।

## ● ରାୟଗଡ଼ାରେ ସିଏମ୍ କିଷାନ ସହାୟତା ରାଶି କାର୍ଯ୍ୟକ୍ରମ

# ଜିଲ୍ଲାରୁ ଉପକୃତ ହେଲେ ୮୬୮୯୩ ଜଣ ଚାଷୀ

ରାୟଗଡ,୨୭।୮(ସମିସ): ରାୟଗଡାର ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ସିଧା ପ୍ରସାରଣ କାର୍ଯ୍ୟକ୍ରମ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ସିଏମ କିଷାନ ସହାୟତା ରାଶି ବଣ୍ଟନ କରାଯାଇଛି । ରାୟଗଡ କୃଷି ଜିଲ୍ଲା ବିଭାଗ ତରଫରୁ ଆଜି ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ବିଧାୟକ ରାୟଗଡ କାଡ୍ରକା ଅପଲା ସ୍ୱାମୀ ଯୋଗ ଦେଇଥିଲେ । ଜିଲ୍ଲାପାଳ ଆଶୁତୋଷ କୁଲକର୍ଣି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଏସ.କେ ଏହେସାନ, ବରିଷ୍ଠ ବୈଜ୍ଞାନିକ ତଥା କୃଷି ବିଜ୍ଞାନ କେନ୍ଦ୍ର ରାୟଗଡ ମୁଖ୍ୟ ଡକ୍ଟର ସୁସ୍ମିତା ମହାନ୍ତି , କୃଷି ଜିଲ୍ଲା ଅଧିକାରୀ ଗୁଣୁପୁର ଦିବ୍ୟ ସ୍ୱରୂପ ପଣ୍ଡା , କୃଷି ଜିଲ୍ଲା ଅଧିକାରୀ ମୁନିଗୁଡା ପ୍ରକାଶ ଚନ୍ଦ୍ର ବେହେରା, ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସମେତ ୧୫୦ରୁ ଅଧିକ ଚାଷୀ ଉପସ୍ଥିତ ରହି ଦେଖିଥିଲେ । ଏହି କାର୍ଯ୍ୟକ୍ରମରେ ବିଶେଷ ଭାବରେ ମୁଖ୍ୟମନ୍ତ୍ରୀ ପବିତ୍ର ଗଣେଶ ପୂଜା ଓ ନୂଆଖାଇ ଅବସରରେ ରାଜ୍ୟର ୫୧ ଲକ୍ଷରୁ ଅଧିକ କ୍ଷୁଦ୍ର, ନାମମାତ୍ର ଓ ଭୂମିହୀନ ଚାଷୀଙ୍କ ଜମା ଖାତାକୁ ୨୦୦୦ ଟଙ୍କା ଲେଖାଏ ପ୍ରାୟ ୧୦୪୧ କୋଟିରୁ ଉକାଟ ଅର୍ଥ ରାଶି ଚାଷ କ୍ଷେତ୍ରରେ ସହଯୋଗ ନିମନ୍ତେ ପ୍ରଦାନ କରିଛନ୍ତି । ଏହି ଅବସରରେ ରାୟଗଡ଼ା ଜିଲ୍ଲାର ୮୬୮୯୩ ଜଣ କ୍ଷୁଦ୍ର ଚାଷୀ ଏହି ସୁବିଧାର ଉପକୃତ ହେବା ସହ ଜମାଖାତାକୁ ପ୍ରତ୍ୟେକ ୨୦୦୦ ଟଙ୍କା ହସ୍ତାନ୍ତର କରାଯାଇଛି । ସମସ୍ତ କାର୍ଯ୍ୟକ୍ରମକୁ ଉତ୍ତମ କୁମାର ଦାସ, ସହକାରୀ ବୈଷୟିକ ପରିଚାଳକ କୃଷି ବିଭାଗ ମୁନିଗୁଡା ମଞ୍ଚ ପରିଚାଳନା କରିଥିଲେ ।


# ରାୟଗଡ଼ାର ୧୦ ଖେଳାଳିଙ୍କ ଅଂଶ ଗ୍ରହଣ




ରାୟଗଡ଼ା,୨୭।୮ (ସମିସ): ସର୍ବ ଭାରତୀୟ କନିଷ୍ଠ କିକ୍ ବକ୍ସିଂ ପ୍ରତିଯୋଗିତାରେ ରାୟଗଡ଼ା ଡିଷ୍ଟ୍ରିକ୍ଟ କିକ ବକ୍ସିଂ ଆସୋସିଏସନ୍‌ର ୧୦ ଜଣ ଖେଳାଳୀ ଅଂଶଗ୍ରହଣ କରିଛନ୍ତି । ଚେନ୍ନାଇ, ତାମିଲନାଡୁର ଜବାହାରଲାଲ ନେହୁରୁ ଇନ୍ଦୋର ଷ୍ଟାଡିୟମ୍ ଠାରେ ଆଜି ଠାରୁ ଆସନ୍ତା ଅଗଷ୍ଟ ୩୧ ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେବାପାଇଁ ରାୟଗଡ଼ାରୁ ବାଳିକା ବିଭାଗରେ ବି. ଜ୍ଞାନବୀ, କେ.ପ୍ରଜୋଷ୍ଣା ,ଶ୍ରୀୟଙ୍କା ଶବର, କ୍ରିତିକା ରାଣୀ ଦଲେଇ ,ରିବିକା ସାମଲ ୫ଜଣ ଏବଂ ବାଳକା ବିଭାଗରେ ହେମ୍ପ୍ରିନ୍ସ ନାଚିକା, କେଦାର ନାଥ ମଣ୍ଡାଙ୍ଗୀ , ପାର୍ଥୁ ଗଣେଶ, ସୌରଜିତ୍ ପେଡା ୪ଜଣ ଏବଂ ଅର୍ଜୁନ ଶବର ଟିମ୍ କୋଚ୍ ଭାବରେ ଭାଗ ନେବେ । ଉକ୍ତ ଖେଳାଳିମାନେ ଅନୁଗୋଳ ଠାରେ ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇ ଜାତୀୟ ସ୍ତରୀୟ ଚମ୍ପିୟାନସିପ ପାଇଁ ଚୟନ ହେଇଛନ୍ତି । ଉକ୍ତ ପ୍ରତିଯୋଗିତାରେ ଭାଗ ନେବା ପାଇଁ ସମ୍ପୂର୍ଣ୍ଣ ଖର୍ଚ୍ଚ କ୍ରୀଡ଼ା ବିଭାଗ ଓଡିଶା ସରକାରଙ୍କ ଦ୍ୱାରା ବହନ କରାଯାଇଛି । ଏହି ଖେଳାଳୀ ମାନେ ମଙ୍ଗଳବାର ଦିନ ରାୟଗଡ଼ରୁ ଚେନ୍ନାଇ ଅଭିମୁଖେ ଯାତ୍ରା କରିଛନ୍ତି । ଏହି ଅବସରରେ ରାୟଗଡ଼ା ଜିଲ୍ଲା କିକ୍ ବକ୍ସିଂ ଆସୋସିଏସନ୍‌ର ସଭାପତି ଦୁର୍ଗାପ୍ରସାଦ ପଣ୍ଡା, ଜିଲ୍ଲା ଅଧିକାରୀ, କୋଚ କମ୍ ସମ୍ପାଦକ ଅର୍ଜୁନ ଶବର ସମସ୍ତ ଖେଳାଳୀ ମାନଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି ।

# ବିଭିନ୍ନ ସ୍ଥାନରେ ଗଣେଶ ପୂଜା











ଜୟପୁର, ୨୭ । ୮ (ସମିସ) : କୋରାପୁଟ ଜିଲ୍ଲା ଜୟପୁର ସହରର ବିଭିନ୍ନ ଶିକ୍ଷାନୁଷ୍ଠାନ, ସଂଗଠନ ଏବଂ ସାହି ଓ ଛକରେ ଭଗବାନ ବିଘ୍ନ ବିନାଶକ ଗଜାନନଙ୍କ ପୂଜାର୍ଚ୍ଚନା ମହାଆଡ଼ମ୍ବରରେ ରୀତିନୀତି ଏବଂ ହୋମଯଜ୍ଞରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ନରୁ ବିଭିନ୍ନ ସରକାରୀ, ବେସରକାରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡିକରେ ଛାତ୍ରଛାତ୍ରୀ ମାନେ ନୂତନ ପୋଷାକ ପିନ୍ଧି ନିଜ ନିଜ ଶିକ୍ଷାନୁଷ୍ଠାନରେ ପହଞ୍ଚିବା ପରେ ସେଠାରେ ଗଜାନନଙ୍କ ମୂର୍ତ୍ତି ସ୍ଥାପନ କରାଯାଇ ରୀତିନୀତିରେ ପୂଜାର୍ଚ୍ଚନା ଓ ହୋମଯଜ୍ଞ କରାଯାଇଥିଲା । ଛାତ୍ରଛାତ୍ରୀ ମାନଙ୍କୁ ମିଠା ଓ ଚୁଡ଼ା ଘସା ପ୍ରସାଦ ଭାବେ ବଣ୍ଟନ କରାଯାଇଥିଲା । ସେହିପରି ଜୟପୁର ସହରର ରଥପଡିଆ, ଦୈନିକ ବଜାର, ଡେରା ସାହି, ମାଦଳା ସାହି, ପୁରୁଣାଗଡ, ସୁନାରୀସାହି, ପାରାବେଢା, ଶ୍ରୀରାମ ନଗର, ଇରିଗେସନ କଲୋନୀ, ଲିଙ୍ଗରାଜ ନଗର, ଜୟନଗର, ରାଜୁ ସାହି, ମହାରାଣି ପେଟା, ଏମ.ଜି ରୋଡ, ଭୂପତି ସାହି, ପାଣିନଳା ସାହି, ପାୱାରହାଉସ କୋଲନୀ, କୁମ୍ଭାର ସାହି, ପ୍ରସାଦରାଓ ପେଟା, ସମ୍ବାରତୋଟା, ସୌରା ସାହି, ନୂଆ ସାହି,ଢେପଗୁଡା, ଏନକେଟି ରୋଡ , ସାମନ୍ତରା ସାହି, ବ୍ରହ୍ମା ସାହି, ବାଲିପଟ୍ଟସାହି, ଫରେଷ୍ଟ କୋଲନୀ ଓ କାର୍ଯ୍ୟାଳୟ, କେସିସି ବ୍ୟାଙ୍କ ଏବଂ ଅନ୍ୟାନ୍ୟ ବ୍ୟାଙ୍କରେ ଅସ୍ଥାୟୀ ପୂଜାମଣ୍ଡପ ନିର୍ମିତ କରାଯାଇ ଶ୍ରୀଗଜାନନଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା । ଶାରଦା ବିହାର ଏବଂ ଅରବିନ୍ଦନଗର ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ଠାରେ ଛାତ୍ରଛାତ୍ରୀ ଆଣିଥିବା ମାଟିର ପ୍ରତିମୂର୍ତ୍ତି ଗୁଡିକୁ ସହି ବିଦ୍ୟାଳୟର ମୁଖ୍ୟମୂର୍ତ୍ତିକୁ ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା । ସେହିପରି ଇରିଗେସନ କଲୋନୀ ସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ସରକାରୀ ଉଚ୍ଚ ବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଜଗଦୀଶଚନ୍ଦ୍ର ନାୟକ ଉଚ୍ଚ ବିଦ୍ୟାଳୟ, ଠାରେ ମୂର୍ତ୍ତି ସ୍ଥାପନ କରାଯାଇ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟତ୍ରୀଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା କରାଯାଇଥିଲା ।

**ତେନ୍ତୁଳିଖୁଣ୍ଟି :** ନବରଙ୍ଗପୁର ଜିଲ୍ଲା ଇନ୍ଦ୍ରାବତୀରେ ଗଜାନନ ଙ୍କ ପୂଜା ଉତ୍ସବ ଅନୁଷ୍ଠିତ ହେଉଛି । ମାଉସୀ ମା' ମନ୍ଦିର ପୂଜା କମିଟି ଆନୁକୂଲ୍ୟରେ ଏଥର ଆକର୍ଷଣୀୟ ଗଣେଶ ମୂର୍ତ୍ତି ପୂଜା ପାଉଛନ୍ତି । ପୂଜା କମିଟିର ବାବୁଲି ଦାସ, ଡମ୍ବରୁ ଜେନା, ବିକାଶ ମହାପାତ୍ର, ସାନୁ ମାଲୁ , ନାରାୟଣ ସାହୁ ,ବିଚିତ୍ର ପଟ୍ଟନାୟକ, ପିଣ୍ଟୁ ନାଗ , ପବିତ୍ର ପଟ୍ଟନାୟକ, ଗୁପ୍ତ ପ୍ରସାଦ ରାଓ, କିଶୋର ରୋଜକ, ଅଙ୍କିତ ନାଗ, ଶ୍ରୀନାଥ ପାତ୍ର, ସୁଶାନ୍ତ ପାଗଳ, ରବି ପାତ୍ର କିଷାନ ମହାନ୍ତି, ବଜ୍ରଭାନୁ ନାହାକ,ପ୍ରମୋଦ ପଟ୍ଟନାୟକ, ଲୁଲୁ ଗୋଛାୟତ, ବାପି ପ୍ରଧାନ, କାଁହୁ, ବିଶ୍ୱନାଥ ରଜତ, ଚିଣ୍ଟୁ ନାଗ, ଆକାଶ ପ୍ରଧାନ, ଲୁଲୁ ଗୋଛାୟତ, କାଳିଆ ପାତ୍ର, ଜଗନ୍ନାଥ ରଜତଙ୍କ ସମେତ ଅନ୍ୟ ସଦସ୍ୟ ମାନେ ସହଯୋଗ କରିଥିଲେ । ସେହିଭଳି ଇନ୍ଦ୍ରାବତୀ ଉଚ୍ଚ ମଧ୍ୟମିକ ବିଦ୍ୟାଳୟ, ଖାତିଗୁଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଖାତିଗୁଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଦିଗିସଲପା ଶିବପ୍ରସାଦ ସରକାରୀ ଉଚ୍ଚ ବିଦ୍ୟାଳୟ, ଇନ୍ଦ୍ରାବତୀ ରୟାଲ କଲୋନୀ ସମେତ ସମସ୍ତ ଶିକ୍ଷାନୁଷ୍ଠାନ ଗୁଡିକରେ ଗଣେଶ ପୂଜା ହେଉଛି ।

**ଇନ୍ଦ୍ରାବତୀ :** ସ୍ଥାନୀୟ ଇନ୍ଦ୍ରାବତୀ ଯୁବ ବଣିକ ସଂଘ ଆନୁକୂଲ୍ୟରେ ଆକର୍ଷଣୀୟ ଗଜାନନ ମୂର୍ତ୍ତୀ ପୂଜା ପାଉଛନ୍ତି । ଏହି ପୂଜାକୁ ଅତ୍ୟନ୍ତ ଆକର୍ଷଣୀୟ କରିବା ପାଇଁ ପୂଜା କମିଟିର ବଳିଆ ପାଢ଼ୀ, ସୁଶାନ୍ତ କୁମାର ରାଉତ, ଟିଙ୍କୁ ରାଉତ ,ବିଶ୍ୱଜିତ ତ୍ରିପାଠୀ, ଇନ୍ଦ୍ରଜିତ ସାହୁ, ଗଣେଶ ସାହୁ, ଦୀପକ ସ୍ୱାଇଁ , ବିଷ୍ଣୁ ପ୍ରସାଦ ନାୟକ , ଦିପକ ବିଶ୍ୱାଳ, ଓଁକାର ଶର୍ମା, ସୋନୁ ତ୍ରିପାଠୀଙ୍କ ସମେତ ସଦସ୍ୟ ମାନେ ସହଯୋଗ କରିଥିଲେ । ଜଗନ୍ନାଥ ମନ୍ଦିର ଛକ ସ୍ଥିତ ଏହି ପୂଜା ପେଣ୍ଡାଲ ଦେଖିବାକୁ ଲୋକଙ୍କ ଭିଡ଼ ଜମିଥିଲା । ଭକ୍ତଙ୍କ ପାଇଁ ପୂଜା କମିଟି ତରଫରୁ ଅନ୍ନଯଜ୍ଞର ଆୟୋଜନ ହୋଇଥିଲା ।

**କାକିରିଗୁମା :** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ୍ ଅନ୍ତର୍ଗତ କାକିରିଗୁମା, ଗୌଡ଼ଗୁଡା, ଭିତରଗୁଡ, ପଞ୍ଚଡା ଡୁନୁ ପାର, କୁସୁମକୁ ଗୁଡା , ତେୟାପଟ, ଅଞ୍ଚଳରେ ଥିବା ସରକାରୀ ବେସରକାରୀ ଅନୁଷ୍ଠାନ ଏବଂ ଗାଁଠାରୁ ଆରମ୍ଭ କରି ସହରର ପର୍ଯ୍ୟନ୍ତ ପ୍ରତ୍ୟେକ ସାହିର ଛକ ସ୍ଥାନରେ ଗଣେଶ ପୂଜା କରାଯାଇଛି । କାକିରିଗୁମା ସରସ୍ୱତୀ ଶିଶୁ ମନ୍ଦିରର, ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗଣେଶ ପୂଜା ଖୁବ୍ ଆକର୍ଷଣୀୟ ଭାବେ ପାଳନ କରାଯାଇଛି ।

**କୋରାପୁଟ :** କୋରାପୁଟ ସହର ସମେତ ପୁରପଲ୍ଲୀରେ ପ୍ରଭୁ ଶ୍ରୀଗଣେଶଙ୍କ ପୂଜା ଉତ୍ସବ ପାଳିତ ହୋଇଯାଇଛି । ବିଭିନ୍ନ ଶିକ୍ଷାନୁଷ୍ଠାନ ସମେତ ପୂଜାରିପୁଟ, ଭାଣ୍ଡି ସାହି, ବସ୍‌ଷ୍ଟାଣ୍ଡ, ପୋଲିସ ଲାଇନ, ରଥଶର୍ମା କଲୋନୀ ଓ ଇନ୍ଦିରା କଲୋନୀ ସମେତ ସହରର ଅନେକ ସ୍ଥାନରେ ଏବଂ ଅନ୍ୟାନ୍ୟ ଗାଁ ଗୁଡ଼ିକରେ ପ୍ରଭୁ ଶ୍ରୀ ଗଣେଶଙ୍କ ମୃଣ୍ମୟ ମୂର୍ତ୍ତିକୁ ପୂଜାର୍ଚ୍ଚନା କରାଯିବା ସହ ଭୋଜିର ଆୟୋଜନ କରାଯାଇଥିଲା । ବର୍ଷା ଯୋଗୁ ଫିକାପଡ଼ିଛି ଗଣେଶ ପୂଜା ବଜାର । କୋରାପୁଟରେ ପ୍ରବଳ ବର୍ଷା ଲାଗି ରହିଥିବାରୁ ପୂଜା ମଣ୍ଡପ ଗୁଡିକରେ ଭିଡ ପରିଲିକ୍ଷିତ ହୋଇନାହିଁ । ଚାରିଆଡ ଶୂନଶାନ୍ ହୋଇଯାଇଛି । ପୂଜା ଅବସରରେ ଅନେକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମଧ୍ୟ କରାଯିବ ବୋଲି ଜଣାପଡିଛି ।

**ଦାମନଯୋଡ଼ି :** ପବିତ୍ର ଭାଦ୍ରବ ଶୁକ୍ଳ ଚତୁର୍ଥୀ ଅବସରରେ ଅଗ୍ରପୂଜ୍ୟ ବିଘ୍ନ ବିନାଶକ ଶ୍ରୀଗଣେଷଙ୍କ ପୂଜା ଦାମନଯୋଡ଼ିର ବିଭିନ୍ନ ସ୍ଥାନରେ ପାଳିତ ହୋଇଯାଇଛି । ବିଭିନ୍ନ ଅନୁଷ୍ଠାନ, ସ୍କୁଲରେ ଶ୍ରୀଗଣେଶଙ୍କ ସୁନ୍ଦର ମୃଣ୍ମୟ ମୂର୍ତ୍ତି, ସାଜସଜ୍ଜା, ଆଲୋକମାଳା, ଭଜନ ସନ୍ଧ୍ୟା, ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ଆକର୍ଷଣୀୟ ହୋଇଥିଲା । ଶ୍ରଦ୍ଧାଳୁମାନେ ବିଳମ୍ବିତ ସନ୍ଧ୍ୟା ପର୍ଯ୍ୟନ୍ତ ପୂଜାମଣ୍ଡପ ବୁଲି ବିଘ୍ନବିନାଶକଙ୍କ ଦର୍ଶନ କରିଥିଲେ । ମାଥାଲପୁଟ ମାଲୁ ସାଉନ୍ତା ସରକାରୀ ନୋଡାଲ ହାଇସ୍କୁଲ ,ଆଲୁମିନା ବାଳିକା ଉଚ୍ଚ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ମନ୍ଦିର, ନାଲ୍‌କୋ ଟାଉନ୍‌ସିପ ସେକ୍ଟର ୨ ସରସ୍ୱତୀ ବିହାର ପୂଜା ମଣ୍ଡପ, ସୁପର ମାର୍କେଟ, ନାଲକୋ କର୍ମଚାରୀ ବହୁମୁଖି ସମବାୟ ସମିତି କାର୍ଯ୍ୟାଳୟ, ଟାଉନସିପ ଘରୋଇ ସୁରକ୍ଷାବଳ କାର୍ଯ୍ୟାଳୟ, ସେକ୍ଟର ୨ ବିନାୟକ କମିଟି, ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଥିବା ଶ୍ରୀଗଣେଷଙ୍କ ମନ୍ଦିର, ଶ୍ରୀ ଅଭୟ ଆଞ୍ଜେନେୟଙ୍କ ବାଟିକା ପରିସରରେ ଥିବା ଶ୍ରୀଗଜାନନଙ୍କ ମନ୍ଦିର, ସେକ୍ଟର ୧ ମାର୍କେଟ ସ୍ଥିତ ପୂଜା ମଣ୍ଡପ, ଟାଉନସିପ ସରସ୍ୱତୀ ବିଦ୍ୟାମନ୍ଦିର, ଦିଲ୍ଲୀ ପବ୍ଲିକ ସ୍କୁଲ, ନାଲ୍‌କୋ ହସ୍ପିଟାଲ ପରିସରରେ ଥିବା ଶ୍ରୀ ଗଣେଷଙ୍କ ମନ୍ଦିର, ସେକ୍ଟର ୩ ମାର୍କେଟ, ଭେଜାପୁଟ ଶ୍ରୀ ସିଦ୍ଧେଶ୍ୱର ମହାଦେବ ମନ୍ଦିର ଓ ମାଥାଲପୁଟ ଶ୍ରୀରାଧାକୃଷ୍ଣ ମନ୍ଦିର ପରିସରରେ ଥିବା ଗଣପତିଙ୍କ ଠାରେ ସ୍ୱତନ୍ତ୍ର ପୂଜା ଅନୁଷ୍ଠିତ ହୋଇଥିଲା ।

**ନବରଙ୍ଗପୁର :** ସହରର ବିଭିନ୍ନ ସାହି ଗଳିରେ ଏବଂ ସହରର ବିଭିନ୍ନ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନରେ ଗଣେଶ ପୂଜା ପାଳିତ ହୋଇଯାଇଛି । ଅନେକ ସ୍ଥାନରେ ସାହିର ମହିଳା ମାନେ ଏକତ୍ରିତ ହୋଇ ପାର୍ବତୀ ନନ୍ଦନ ବିଘ୍ନ ବିନାଶକ ଶ୍ରୀଗଣେଶଙ୍କ ପୂଜା ଆୟୋଜନ କରିଥିଲେ । ମହିଳାମାନେ ବଡି ଭୋରରୁ ଉଠି ଶ୍ରୀ ଗଣେଶଙ୍କ ପୂଜା ଉଦ୍ଦେଶ୍ୟରେ ମାନସିକ ବା ସଂକଳ୍ପ ଅନୁଯାୟୀ ବିଭିନ୍ନ ପିଠା ମୁଦକ ଆଦି ପ୍ରସ୍ତୁତ କରିଥାନ୍ତି । ଏହାପରେ ନବରଙ୍ଗପୁର ରାଜୁ ସାହିଠାରେ ନବରଙ୍ଗପୁର ରାଜପୁରୋହିତଙ୍କ ତତ୍ତ୍ୱାବଧାନରେ ପ୍ରଥମେ ପୂଜା ଆରମ୍ଭରେ ସୂର୍ଯ୍ୟପୂଜା କରାଯାଇଥିଲା । ଆସନ ପୂଜା ସରିବା ପରେ ଗଣେଶଙ୍କ ସ୍ନାନ ଆଦି ସରିବା ପରେ ଆରମ୍ଭ ହୋଇଥିଲା ଗଣେଶ ପୂଜା । ପୂଜା ସରିବା ପରେ ଗଣେଶଙ୍କ ପୁରାଣ ପାଠ କରାଯାଇଥିଲା । ପୁରାଣ ପାଠ ସରିବା ପରେ ଭୋଗ ଆରତୀ ଏବଂ ପୁଷ୍ପାଞ୍ଜଳି କରାଯାଇ ପୂଜା ସମାପନ କରିଥିଲେ ରାଜ ପୁରୋହିତ ଶ୍ରୀ ତ୍ରିପାଠୀ । ଆଜିର ଆୟୋଜିତ ଏହି ପୂଜା ବିଧି ପାଳନ ସମୟରେ ସାହିର ବହୁ ମହିଳା, ପୁରୁଷ, ଯୁବକ, ଯୁବତୀ ଉପସ୍ଥିତ ରହି ଶ୍ରୀ ଗଣେଶଙ୍କ ଆଶୀର୍ବାଦ ଲାଭ କରିଥିଲେ ।

**ବେହେଡା :** ନବରଙ୍ଗପୁର ଜିଲ୍ଲାର ବେହେଡା ଅଞ୍ଚଳରେ ଗଣେଶ ପୂଜା ସବୁ ସ୍କୁଲରେ ପାଳିତ ହୋଇଯାଇଛି । ସବୁ ଗାଁ, ପୁରପଲ୍ଲୀରେ ବି ଗଜାନନଙ୍କ ଆଗମନ ହୋଇଛି । ବର୍ଷର ପାର୍ବଣ ଋତୁରେ ପ୍ରଥମେ ଶ୍ରୀଗଣେଶ ପୂଜା ପାଇଥାନ୍ତି । ପରେ ଅନ୍ୟ ଦେବଦେବୀ ପୂଜା ପାଇଥାନ୍ତି । ସିଦ୍ଧି ବିନାୟକ ଭାଦ୍ରବ ମାସ ଶୁକ୍ଳପକ୍ଷ ଚତୁର୍ଥୀ ଦିନ ପୂଜା ପାଇଥାନ୍ତି । ବେହେଡା, କୋପେନା, କୁର୍ସି, ତୋହରା ପଞ୍ଚାୟତରେ ସବୁ ଶିକ୍ଷା ଅନୁଷ୍ଠାନ ଓ ସବୁ ଗାଁ ଗହଳିରେ ପୂଜା କରାଯାଉଛି ।

**ସେମିଳିଗୁଡା :** କୋରାପୁଟ ଜିଲ୍ଲାର ସେମିଳିଗୁଡା ବ୍ଲକର ଥିବା ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷା ଅନୁଷ୍ଠାନରେ ବୁଧବାର ଗଣେଶ ପୂଜା ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନ ଗୁଡିକରେ ଆକର୍ଷଣୀୟ ଢଙ୍ଗରେ ସାଜସଜ୍ଜା କରାଯବା ସହ ଗଣେଶ ପ୍ରତିମୂର୍ତ୍ତି ସ୍ଥାପନ କରି ପୂଜାର୍ଚ୍ଚନା କରାଯାଇଛି । ଛୋଟ ଛୋଟ ପିଲାମାନେ ଶ୍ରୀ ଗଣେଶଙ୍କ ନିକଟରେ ଖଡ଼ି ଛୁଆଁ ଦେଇ ଶିକ୍ଷା ଆରମ୍ଭ କରାଇଥିଲେ । ସେମିଳିଗୁଡା ପ୍ରେସ କ୍ଲବ ଠାରେ ମଧ୍ୟ ପୂଜା ପାଳିତ ହୋଇଯାଇଛି । ସେମିଳିଗୁଡା ଦେଓମାଳି ପବ୍ଲିକ ସ୍କୁଲ, ନେତାଜୀ ଇଂଲିଶ ମିଡିଅମ୍, ସରସ୍ୱତୀ ଶିଶୁ ମନ୍ଦିର, ସେମିଳିଗୁଡା ମହାବିଦ୍ୟାଳୟ ସମେତ ବିଭିନ୍ନ ଶିକ୍ଷା ଅନୁଷ୍ଠାନ, ବିଭିନ୍ନ ସାହିରେ ଯୁବକ ମାନେ ପୂଜା ମଣ୍ଡପ, ଆକର୍ଣୀୟ ଗଣେଶ ମୂର୍ତ୍ତି ପ୍ରତିଷ୍ଠା କରି ପୂଜା କରିଥିଲେ ।

**ପୋଡ଼ାଗଡ:** କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ସଦର ମହକୁମାର ଗଣେଶ ପୂଜା ମେଢ଼ ଲୋକଙ୍କୁ ଆକୃଷ୍ଟ କରୁଛି । କେଦାର ନାଥ ମନ୍ଦିରର ଅବିକଳ ମେଢ଼କୁ କାରିଗର ମାନେ ଅତି ସୁନ୍ଦର ଭାବେ ତିଆରି କରିଛନ୍ତି । ଦଶମନ୍ତପୁର ବ୍ଲକର ବିଭିନ୍ନ ଶିକ୍ଷା ଅନୁଷ୍ଠାନରେ ଗଣେଷ ପୂଜା ହେଉଥିବା ବେଳେ ସାହି ସାହି ଓ କ୍ଳବ୍‌ରେ ମଧ୍ୟ ଧୁମ୍‌ଧାମ୍‌ରେ ପୂଜା ହେଉଛି । ବାଣୁଆଗୁଡ଼ା ଗାଁର ଯୁବକଙ୍କ ଦ୍ୱାରା କରାଯାଇଥିବା ମେଢ଼ ଓ ଗଜାନନଙ୍କ ମୂର୍ତ୍ତି ଲୋକଙ୍କୁ ଆକୃଷ୍ଟ କରିବାରେ ଲାଗିଛି । ମେଢ଼ ଦେଖିବା ପାଇଁ ଆଖପାଖ ଗ୍ରାମାଞ୍ଚଳର ଲୋକେ ଭିଡ଼ ଜମାଉ ଥିବା ଦେଖିବାକୁ ମିଳୁଛି ।

## କୋରୁକୋଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ

# ପଦୋନ୍ନତି ପରେ ବି ଦାୟିତ୍ୱ ହସ୍ତାନ୍ତର କରୁନାହାନ୍ତି କର୍ମଚାରୀ

କୋରୁକୋଣ୍ଡା,୨୭।୮(ସମିସ ): ବହୁ ସମସ୍ୟାରେ ଚାଲିଛି ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ। ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ ଗତ ୩୧.୧.୨୦୨୫ ତାରିଖରେ ଜିଲ୍ଲା ପ୍ରଶାସନ ଓ ଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ କୁଡୁମୁଲୁଗୁମ୍ମା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଏସ କେ କାଦର ଅଲ୍ଲୀଙ୍କୁ କୋରୁକୋଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ସିନିୟର ଆସିଷ୍ଟାଣ୍ଟ ଭାବେ ବଦଳି କରାଯାଇଥିଲା। ସେ କୋରୁକୋଣ୍ଡା କାର୍ଯ୍ୟାଳୟରେ କାର୍ଯ୍ୟରତ ଥିଲେ । ପୁନର୍ବାର ଜିଲ୍ଲା ପ୍ରଶାସନ ଏବଂ ଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ ଗତ ୧.୭,୨୦୨୫ ତାରିଖରେ ତାଙ୍କର ସିନିୟର ଆସିଷ୍ଟାଣ୍ଟ ପଦବୀରୁ ବରିଷ୍ଠ କିରାଣୀ ଭାବେ ପଦୋନ୍ନତି ଦିଆଯିବା ସହ ତାଙ୍କୁ କାଲିମେଲା ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ବଦଳି କରାଯାଇଛି। ସେ କୋରୁକୋଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ବଦଳି ହୋଇଯିବା ଠାରୁ ଆଜି ପର୍ଯ୍ୟନ୍ତ କାହାରିକୁ ନିଜର ଦାୟିତ୍ୱ ତଥା ଚାର୍ଜ ହସ୍ତାନ୍ତର କରୁନାହାନ୍ତି। ଯାହା ଫଳରେ କୋରୁକୋଣ୍ଡା ଶିକ୍ଷା ବିଭାଗ ଅଧୀନରେ କାର୍ଯ୍ୟରତ ଥିବା ନୂତନ ପେନସନ ଯୋଜନା ଅନ୍ତର୍ଭୁକ୍ତ ପ୍ରାୟ ୨ଶହରୁ ଅଧିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ କର୍ମଚାରୀ ମାନେ ବହୁ ଅସୁବିଧାର

### ବିଇଓ, ଜିଲ୍ଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକୁ ବେଖାତିର

ସମ୍ମୁଖୀନ ହେଉଛନ୍ତି। ଖାଲି ଏତିକି ନୁହେଁ, ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କର ପେନସନ ସମେତ ସର୍ଭିସ ବହିରେ ହେବାକୁ ଥିବା ସମସ୍ତ କାର୍ଯ୍ୟ ଦୀର୍ଘ ଦିନ ହେବ ସମ୍ପୂର୍ଣ ଭାବେ ବନ୍ଦ ହୋଇ ପଡି ରହିଛି । ଏ ସମ୍ପର୍କରେ ବିଭିନ୍ନ କାର୍ଯ୍ୟ ନେଇ ବିଇଓଙ୍କ କାର୍ଯ୍ୟାଳୟକୁ ଆସୁଥିବା ଶିକ୍ଷକ ଶିକ୍ଷୟତ୍ରୀ ମାନେ ବହୁବାର ହଇରାଣ ହରକତ ହେବା ପରେ ବ୍ଲକ ଶିକ୍ଷାଧିକାରୀ ଅସିତ ମିସ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଏନେଇ ବ୍ଲକ ଶିକ୍ଷାଧିକାରୀ ଶ୍ରୀ ମିସ୍ତ୍ରୀ କାର୍ଯ୍ୟାଳୟ ପକ୍ଷରୁ ଗତ ୮.୭.୨୦୨୫ରେ ଚିଠି ନମ୍ବର -୨୧୬୪ରେ ଦାୟିତ୍ୱ ହସ୍ତାନ୍ତର କରିବା ପାଇଁ ଅଲ୍ଲୀଙ୍କୁ ଲିଖିତ ମେମୋ ପଠାଇଥିଲେ। ପୁନର୍ବାର ବିଇଓଙ୍କ ପକ୍ଷରୁ ଗତ ୧୪.୭.୨୦୨୫ ତାରିଖରେ ଚିଠି ନମ୍ବର -୨୨୦୩ରେ ଆଉ ଥରେ ତାଙ୍କ ନିକଟକୁ ଚିଠି ପଠାଇଥିଲେ। ବିଡମ୍ବନାର ବିଷୟ ବିଇଓ ଶ୍ରୀ ଅଲ୍ଲୀଙ୍କ ନିକଟକୁ ଦୁଇ ଥର ମେମୋ ପଠାଇବା ପରେ ମଧ ସେ ଆସି ଦାୟିତ୍ୱ ହସ୍ତାନ୍ତର ନ କରିବାରୁ ବିଇଓ ଏହି ଘଟଣା ସମ୍ପର୍କରେ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଅବଗତ କରାଇଥିଲେ। ଗତ ୩୧.୭.୨୦୨୫ ରିଖରେ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ଚିଠି ନମ୍ବର ୩୫୯୧୧ ରେ ତୁରନ୍ତ ଦାୟିତ୍ୱ ହସ୍ତାନ୍ତର କରିବା ପାଇଁ ଅଲ୍ଲୀଙ୍କୁ ଜିଲ୍ଲା ଶିକ୍ଷାଧିକାରୀ ଚିଠି ପଠାଇ ନିର୍ଦ୍ଦେଶ ଦେଇଥିଲେ ବୋଲି ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀ ମିସ୍ତ୍ରୀ କହିଛନ୍ତି। ତଥାପି ଅଲ୍ଲୀ ଆସି ଦାୟିତ୍ୱ ହସ୍ତାନ୍ତର ନକରିବାରୁ ପୁନର୍ବାର କୋରୁକୋଣ୍ଡା ବିଇଓଙ୍କ ପକ୍ଷରୁ ଗତ ୫.୮.୨୦୨୫ ତାରିଖରେ ଚିଠି ନମ୍ବର-୨୫୨୯, ପୁଣି ଗତ ୧୨.୮.୨୦୨୫ ତାରିଖରେ ଚିଠି ନମ୍ବର ୨୬୩୧ରେ ଅଲ୍ଲୀଙ୍କ ନିକଟକୁ ଦୁଇ ଥର ଦୁଇଟି ଚିଠି ଲେଖି ଅବଗତ କରିବା ପରେ ବି ସେ କୋରୁକୋଣ୍ଡା କାର୍ଯ୍ୟାଳୟକୁ ଆସି ତାଙ୍କର ଦାୟିତ୍ୱ ତଥା ଚାର୍ଜ ହସ୍ତାନ୍ତର କରୁନଥିବା ନେଇ ଅଭିଯୋଗ ହୋଇଛି। ଏ ସମ୍ପର୍କରେ କୋରୁକୋଣ୍ଡା ବିଇଓ ଶ୍ରୀ ମିସ୍ତ୍ରୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ତାଙ୍କ ଅଫିସ ପକ୍ଷରୁ ବହୁବାର ଓ ଜିଲ୍ଲା ଶିଖାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଚାର୍ଜ ଦେବା ପାଇଁ ତାଙ୍କୁ ଚିଠି ପଠାଯାଇଛି। ତଥାପି ସେ ଚାର୍ଜ ଦେଉନାହାନ୍ତି। ଏ ସମ୍ପର୍କରେ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ପୁନର୍ବାର ଅବଗତ କରାଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଇଓ ଶ୍ରୀ ମିସ୍ତ୍ରୀ କହିଛନ୍ତି।

## ତହସିଲ ଓ ସବ୍ ରେଜେଷ୍ଟ୍ରି ଅଫିସ ପରିସରରେ କୃତ୍ରିମ ବନ୍ୟା



ମାଲକାନଗିରି,୨୭।୮(ସମିସ): ମାଲକାନଗିରି ଜିଲ୍ଲାରେ ଗତ ଦୁଇଦିନ ଧରି ବର୍ଷା ଲାଗି ରହିଥିବା ବେଳେ ଏହି ବର୍ଷାରେ ବିଭିନ୍ନ ନଦୀ ନାଳର ଜଳସ୍ତର ବଢିବାରେ ଲାଗିଛି। ଗତକାଲି ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ ପରିସରରେ ମଧ ବର୍ଷା ଯୋଗୁଁ ଜଳ ପଶି ଯାଇଥିବା ବେଳେ ମାଲକାନଗିରି ତହସିଲ କାର୍ଯ୍ୟାଳୟ ପରିସରରେ କୃତ୍ରିମ ବନ୍ୟା ସୃଷ୍ଟି ହୋଇଛି। ଏହି କାର୍ଯ୍ୟଳୟ ପରିସରରେ ପାଣି ଜମି ରହିଥିବା ବେଳେ ସେଟାକୁ ଯାଉଥିବା କର୍ମଚାରୀ ଓ ଲୋକେ ପଣି ଯୋଗୁଁ ନାନା ସମସ୍ୟା ଭୋଗୁଛନ୍ତି। କାର୍ଯ୍ୟଳୟରେ ବିଭିନ୍ନ ସ୍ଥାନରେ ମାଟି ରହିଥିବା ହେତୁ ପଣି ଆସିବାରୁ ଚାଲି ଚାଲି ଯିବା ମଧ କଷ୍ଟକର ହୋଇପଡିଛି।

## ଘରେ ପଶିଲା ପାଣି

ମାଥିଲି,୨୭।୮(ସମିସ): ମାଲକାନଗିରି ଜିଲ୍ଲାରେ ଲଗାଣ ବର୍ଷା ଯୋଗୁଁ ଜଳସ୍ତର ବୃଦ୍ଧି ହୋଇ ବନ୍ୟା ପରିସ୍ଥିତି ହୋଇଥିବା ବେଳେ ଜିଲ୍ଲାର ମାଥିଲି ବ୍ଲକର ବିଭିନ୍ନ ଘରେ ପାଣି



ପଶିଥିବା ଜଣାପଡିଛି। ଗତକାଲି ବିଳମ୍ବିତ ରାତିରେ ଘରେ ପଣି ପସିବାରୁ ଅନେକ ପରିବାର ରାତି ଅନିଦ୍ରା ହୋଇ ଭୟରେ ରହିଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ କୁଡୁକୁଗୁଡା ଗାଁରେ ଏଭଳି ସ୍ଥିତି ଦେଖିବାକୁ ମିଳିଛି। ସାବେରୀ ନଦୀର ଜଳ ସ୍ତର ବଢି ଜଳ ଗାଁର ମଙ୍ଗଳା ନାୟକଙ୍କ ମାଟି ଘରେ ପଶିଥିଲା, ଘରେ ୨ ଫୁଟ ଉଚ୍ଚରେ ପାଣି ଲହଡି ଭାଙ୍ଗୁଥିଲା। ଫଳରେ ରାତିସାରା ଭୟଭୀତ ହୋଇ ପଡିଶା ଘରେ ପରିବାର ଲୋକେ ଆଶ୍ରୟ ନେଇଥିଲେ। ଏ ଯାଏଁ ପ୍ରଶାସନ ବନ୍ୟା ପୀଡିତଙ୍କ ପାଖରେ ପହଞ୍ଚିନଥିବା ଅଭିଯୋଗ କରିଛନ୍ତି ମଙ୍ଗଳା ନାୟକ, କୁସୁମ ନାୟକ ଓ ମଙ୍ଗଳାଙ୍କ ପିତା।

## ଶିକ୍ଷା ବିଭାଗ ଟିମ୍‌ର ଆନ୍ଧ୍ରପ୍ରଦେଶର ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ

ଚିତ୍ରକୋଣ୍ଡା,୨୭।୮(ସମିସ): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଚିତ୍ରକୋଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶ୍ରୀ ଗାୟତ୍ରୀ ଦେବୀଙ୍କ ନେତୃତ୍ୱରେ ୫ ଜଣିଆ ଅନୁଧ୍ୟାନ କାରୀ କମିଟି ଆନ୍ଧ୍ରପ୍ରଦେଶ ଶ୍ରୀକାକୁଳମ ଜିଲ୍ଲାର କେତେକ ଓଡ଼ିଆ ବିଦ୍ୟାଳୟ ପରିଦର୍ଶନ କରି ସେଠାରେ ଓଡ଼ିଆ ଭାଷାର ପାଠପଢା କିପରି ଚାଲିଛି ସେ ବିଷୟରେ ଅନୁଧ୍ୟାନ କରି ରାଜ୍ୟ ସରକାରଙ୍କୁ ତଥ୍ୟ ପ୍ରଦାନ କରିଛନ୍ତି। ଏହି କମିଟିରେ ଚିତ୍ରକୋଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶ୍ରୀ ଗାୟତ୍ରୀ ଦେବୀଙ୍କ ସହ ଉପ ଗୋଷ୍ଠୀଶିକ୍ଷା ଅଧିକାରୀ ହେମନ୍ତ ନାୟକ,




ଦର୍ଲାବେଢ଼ା ଉଚ୍ଚ ମାଧମିକ ବିଦ୍ୟାଳୟର ଉପାଧକ୍ଷ ଅରୁଣ କୁମାର ସାହୁ, ସିଆରସିସି ରାଜେନ୍ଦ୍ର କୁମାର ନାୟକ, ଦାଗୁଡୁପାଲି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବସନ୍ତ କୁମାର ତାଙ୍ଗୁଲୁ କମିଟିର ସଦସ୍ୟ ଥିଲେ। ଏହି କମିଟି ବିଦ୍ୟାଳୟ ଗୁଡ଼ିକ ପରିଦର୍ଶନ କରି ବିଦ୍ୟାଳୟ ଗୁଡିକରେ କେତେ ପିଲା ଅଛନ୍ତି,କେତେଜଣ ଶିକ୍ଷକ ଅଛନ୍ତି ପାଠ ପଢା କିପରି ଭାବରେ ଚାଲିଛି,ୟୁନିଫର୍ମ ମିଳୁଛି କି ନାହିଁ,ପିଲାମାନଙ୍କୁ ସମସ୍ତ ପ୍ରକାର ପାଠ୍ୟ ପୁସ୍ତକ ମିଳୁଛି କି ନାହିଁ ସମସ୍ତ ବିଷୟରେ ଅନୁଧ୍ୟାନ କରି ରାଜ୍ୟ ସରକାରଙ୍କୁ ତଥ୍ୟ ପ୍ରଦାନ କରିଛନ୍ତି।ଏହି କମିଟି ତିନି ଦିନ ଧରି ଆନ୍ଧ୍ରପ୍ରଦେଶ ରେ ଥିବା ଓଡ଼ିଆ ବିଦ୍ୟାଳୟ ଗୁଡ଼ିକ ପରିଦର୍ଶନ କରିଥିଲେ।ଚିତ୍ରକୋଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶ୍ରୀ ଗାୟତ୍ରୀ ଦେବୀ କହିଛନ୍ତି ବିଦ୍ୟାଳୟରେ ସମସ୍ତ ବ୍ୟବସ୍ଥା ଠିକ୍ ଭାବରେ ଚାଲିଛି ସେମାନେ ପରିଦର୍ଶନ କରିଥିବା ପ୍ରଥମ ବିଦ୍ୟାଳୟରେ ୫୫ ଜଣ ଛାତ୍ରଛାତ୍ରୀ ଓ ୬ ଜଣ ଶିକ୍ଷକ ଶିକ୍ଷୟତ୍ରୀ ଅଛନ୍ତି। ଦ୍ୱିତୀୟ ବିଦ୍ୟାଳୟରେ ୩୨ ଜଣ ଛାତ୍ରଛାତ୍ରୀ ଓ ୨ ଜଣ ଶିକ୍ଷକଶିକ୍ଷୟତ୍ରୀ ଅଛନ୍ତି।ସମସ୍ତ ବ୍ୟବସ୍ଥା ଦେଖି ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ତୋଷ ପ୍ରକାଶ କରିଛନ୍ତି।

## ଲଗାଣ ବର୍ଷାରେ ଭୁଶୁଡ଼ିଲା ଆୟୁର୍ବେଦ ଚିକିତ୍ସାଳୟ

ମାଥିଲି,୨୭।୮(ସମିସ): ମାଲକାନଗିରି ଜିଲ୍ଲାରେ ଗତ ଦୁଇ ଦିନଧରି ବର୍ଷା ଲାଗି ରହିଛି। ନଦୀ ଗୁଡିକ ଫୁଲିବା ସହିତ ତଳିଆ ଅଞ୍ଚଳ ଗୁଡିକରେ ବର୍ଷା ଜଳ ପ୍ରଚୁର ପରିମାଣରେ ପ୍ରଭାହିତ ହେଉଛି। ଯାହା ଫଳରେ ଘର ଦ୍ୱାର ଭାଙ୍ଗିବା ସହିତ ରାସ୍ତା ଘାଟ ଧୋଇ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବଣ୍ଡା ଘାଟିରେ ମଧ ଏହାର ପ୍ରଭାବ ଦେଖିବାକୁ ମିଳିଛି। ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଅନ୍ତର୍ଗତ ମୁଦୁଲିପଡ଼ା ପଞ୍ଚାୟତର ସରକାରୀ ଅୟୁର୍ବେଦ ଚିକିତ୍ସାଳୟ ଗୃହ ଏଥିରେ ପ୍ରଭାବିତ ହୋଇଛି। ସେହିପରି ମାଥିଲି ବ୍ଲକରେ ମଧ ଦୁଇ ଦିନ ଲଗାଣ ବର୍ଷା ଯୋଗୁ ଗୃହରେ ବର୍ଷା ପାଣି ପସିବା ସହ କାନ୍ଥ ଭୁଶୁଡ଼ି ପଡିଛି। ତ ଉଦୟଗିରି ଠାରେ ମିନାକ୍ଷୀ ପାୱାର ପ୍ରୋଜେକ୍ଟର ଦୁଇଟି ଟାୱାର ଭାଙ୍ଗି ଯିବା କାରଣରୁ ଏବେ ଜଳ ବିଦ୍ୟୁତ ବନ୍ଦ ରହିଛି । ଆସନ୍ତା ଦୁଇ ଦିନ ପର୍ଯ୍ୟନ୍ତ ବିଦ୍ୟୁତ ଉତ୍ପାଦନ ବନ୍ଦ ରହିବ ବୋଲି ମିନାକ୍ଷୀ ଜଳ ବିଦ୍ୟୁତ କମ୍ପାନୀର ଲୋକ ସମ୍ପର୍କ ଅଧିକାରୀ ଗୁପ୍ତେଶ୍ୱର ରାଓ ଆମକୁ ସୂଚନା ଦେଇଛନ୍ତି। ସେହିପରି ଖଇରପୁଟ ବ୍ଲକର ଆୟୁର୍ବେଦିକ ମେଡିକାଲରେ ବର୍ଷା ପାଣି ପଶିବାରୁ ମେଡିକାଲରେ ଥିବା ଔଷଧ ଓ କାଗଜପତ୍ର ପାଣିରେ ଭିଜି ନଷ୍ଟ ହୋଇଯାଇଛି। ଏପର୍ଯ୍ୟନ୍ତ କୌଣସି ପ୍ରଶାସନର ଅଧିକାରୀଙ୍କର କୌଣସି ସ୍ଥାନରେ ଦେଖା ମିଳି ନାହିଁ ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି।

## ସାନ ଡେଙ୍ଗିଲେଲି ରାସ୍ତା ଅବସ୍ଥା ଶୋଚନୀୟ

କଲ୍ୟାଣସିଂହପୁର,୨୭।୮(ସମିସ): ନିୟମଗିରିକୁ ରାସ୍ତା ହେବ। ଲୋକେ ଭଲକରୀ ଯାତାୟତ କରିବେ। କିନ୍ତୁ ଅଧାରେ ଛାଡି ଠିକାଦାର ଚାଲିଗଲା। ଆର୍‌ଡି ବିଭାଗ ଜଳକା ହୋଇରହିଛି। ରାୟଗଡା ଜିଲ୍ଲାର କଲ୍ୟାଣସିଂହପୁର ବ୍ଲକ ବହୁ ଚର୍ଚ୍ଚିତ ପାର୍ସାଲି ପଞ୍ଚାୟତରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ଗତ ଚାରି ବର୍ଷ ପୂର୍ବେ ପାର୍ସାଲି ଠାରୁ ସାନ ଡେଙ୍ଗିଲେଲି ଓ ବଡ଼ ଡେଙ୍ଗିଲେଲି ଯିବା ପାଇଁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ ହୋଇଥିଲା। ସାନ ଡେଙ୍ଗିଲେଲି ଠାରୁ ବଡ଼ ଡେଙ୍ଗିଲେଲି ପର୍ଯ୍ୟନ୍ତ ମାତ୍ର ଗୋଟିଏ କିମି ରାସ୍ତା ରହିଛି । କାର୍ଯ୍ୟ ନକରି ଠିକାଦାର ଛାଡି ଦେଇ ଚାଲି ଯାଇଥିଲେ ମଧ ବିଭାଗର ଅଧିକାରୀମାନେ କାହିଁକି ଚୁପ


### ୮ ବର୍ଷ ଧରି ଯନ୍ତ୍ରଣା ଭୋଗୁଛନ୍ତି ଡଙ୍ଗରିଆ

ବସିଛନ୍ତି ବୋଲି ଗସ୍ତ ସମୟରେ ଜିଲ୍ଲାପାଳ ଆରଡ଼ି ବିଭାଗ ଉପରେ ବିଗିଡ଼ି ଯାଇଥିଲେ। ଯଥାଶୀଘ୍ର କାର୍ଯ୍ୟ ଶେଷ କରିବା ପାଇଁ କଡା ନିର୍ଦ୍ଦେଶ ଦିଆଯାଇଛି। ଉକ୍ତ ସ୍ଥାନରେ ପ୍ରାୟ ଆଠ ବର୍ଷ ପୂର୍ବେ ରାସ୍ତା କାର୍ଯ୍ୟକୁ ବିରୋଧ କରି ମାଓବାଦୀ ମାନେ ଜେସିବି, ରୋଲର, ପାଣିଟାଙ୍କି ପୋଡି ଦେଇଥିବାରୁ ସେଠାରେ କାର୍ଯ୍ୟ ବନ୍ଦ ରହିଥିଲା। ସେତେବେଳ ଠାରୁ ଆଜିଯାଏ କାର୍ଯ୍ୟ ହୋଇ ପାରିଲା ନାହିଁ। ଯାହା ଫଳରେ ଉକ୍ତ ରାସ୍ତା ଦେଇ ଯିବା ଆସିବା କରୁଥିବା ଡଙ୍ଗରିଆ ମାନେ ନାହିଁ ନଥିବା ଆସୁବିଧାରେ ସମ୍ମୁଖିନ ହେଉଛନ୍ତି। ପାର୍ସାଲି ଠାରୁ ସାନ ଡେଙ୍ଗିଲେଲି ଓ ବୁଡୁଣି ଠାରୁ ଗୁମା ଯାଏ ରାସ୍ତା ନିର୍ମାଣ କରିବା ସମୟରେ ଆରଡ଼ି ବିଭାଗ ଉକ୍ତ ରାସ୍ତା କରିବା କଥା। କିନ୍ତୁ ଆଜିଯାଏ ହୋଇ ନଥିବାରୁ ଗୋଟିଏ କିମି ଅଧାରେ ମାଟି କାଦୁଅ ଅବସ୍ଥା ରେ ପଡିରହିଛି। ରୋଗୀ, ଗର୍ଭବତୀ ମହିଳା, ଶିଶୁ ଓ ମହିଳା ମାନେ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯିବାକୁ ହେଲେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ବୋଲି ଡାଙ୍ଗରିଆ ମାନେ ଅଭିଯୋଗ କରିଛନ୍ତି। ଏଣୁ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଇ ପିଚୁ ରାସ୍ତା କରିବା ପାଇଁ ଦାବି ହୋଇଛି।



# ବିଭିନ୍ନ ସ୍ଥାନରେ ବିଘ୍ନ ବିନାଶକଙ୍କ ପୂଜା ଉତ୍ସବ











ରାୟଗଡ଼ା,୨୭।୮(ସମିସ): : ଆଜିଠାରୁ ଆରମ୍ଭ ହୋଇଯାଇଛି ପାର୍ବଣ ଋତୁ। ଶ୍ରୀଗଣେଶ ଙ୍କ ପୂଜାକୁ ନେଇ ସମଗ୍ର ରାୟଗଡ଼ା ଜିଲ୍ଲାରେ ଉତ୍ସବ ମୁଖର ପରିବେଶ ସୃଷ୍ଟି ହୋଇଛି। ପଲ୍ଲୀଗାଁରୁ ସହର ପର୍ଯ୍ୟନ୍ତ ସବୁଠି ଗଣେଶ ଚତୁର୍ଥୀ ଉପଲକ୍ଷେ ଭବ୍ୟ ପଣ୍ଡାଲ, ଆକର୍ଷଣୀୟ ପ୍ରତିମା ଓ ରଙ୍ଗବେରଙ୍ଗ ସାଜସଜ୍ଜାରେ ମନୋହର ଦୃଶ୍ୟ ପ୍ରକାଶ ପାଇଛି। ରାୟଗଡ଼ା ସହରର ଟେଲିଫୋନ ଏକ୍ସଚେଞ୍ଜ ଲାଇନରେ ଜଙ୍ଗଲି ଗୟସ ୟୁଥ୍ ଆସୋସିଏସନ ପୂଜା କମିଟି ତରଫରୁ ଚଳିତ ବର୍ଷ ୪୨ତମ ଶ୍ରୀ ଗଣେଷ ପୂଜା ପାଳନ କରାଯାଉଥିବା ବେଳେ ଚଳିତ ବର୍ଷ ଇଣ୍ଡିଆ ଗେଟ୍ ତୋରଣ ସହରବାସୀଙ୍କୁ ବେଶ୍ ଆକର୍ଷଣୀୟ ଲାଗିଛି। ଆଜି ପ୍ରଥମ ଦିନରେ ହିଁ ବହୁ ସଂଖ୍ୟାରେ ଲୋକଙ୍କ ଭିଡ ଦେଖିବାକୁ ମିଳିଛି। ସେହିପରି ଇନ୍ଦିରା ନଗରର ଚାଲେଞ୍ଜର୍ସ ୟୁଥ ଆସୋସିଏସନ ପୂଜା କମିଟି ତରଫରୁ ସୁନ୍ଦର ଆକର୍ଷଣୀୟ ତୋରଣ ସାଙ୍ଗକୁ ସୁନ୍ଦର ପ୍ରତିମାକୁ ଶ୍ରଦ୍ଧାଳୁ ମାନେ ଦର୍ଶନ କରିବା ସହ ମୀନାବଜାରକୁ ଉପଭୋଗ କରିଛନ୍ତି। ସହରର ବୁଦୁରାୱାଲସା ୟୁଥ୍ ପୂଜା କମିଟି ପକ୍ଷରୁ ୨୧ଫୁଟ ଉଚ୍ଚତାର ନଡିଆରେ ଶ୍ରୀ ଗଣେଷଙ୍କ ସୁନ୍ଦର ପ୍ରତିମା ନିର୍ମାଣ କରାଯାଇଛି ଯାହାକି ସମସ୍ତଙ୍କୁ ଆକର୍ଷଣ କରିଛି। ସହରର ବିଭିନ୍ନ ସାହି ଗଳିରେ ଶ୍ରୀ ଗଣେଷଙ୍କ ପୂଜା ପାଇଁ ତୋରଣ ଓ ରଙ୍ଗବେରଙ୍ଗ ଆଲୋକ ସଜ୍ଜାରେ ସମଗ୍ର ସହର ଝଲସି ଉଠିଛି। ସେହିପରି ସହରର ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ସମେତ ବିଭିନ୍ନ ପ୍ରତିଷ୍ଠାନଗୁଡିକରେ ପୂଜା ପାଉଛନ୍ତି ଶ୍ରୀ ଗଣେଷ। ହାଉସିଂ ବୋର୍ଡ କଲୋନୀ ପୂଜା କମିଟି ପକ୍ଷରୁ ମଧ୍ୟ ଅତି ସୁନ୍ଦର ମନ୍ଦିର ସଦୃଶ ତୋରଣ ପ୍ରସ୍ତୁତ ହୋଇଥିବା ବେଳେ ସହରର ବିଭିନ୍ନ ପୂଜା କମିଟି ପକ୍ଷରୁ ପିଲାମାନଙ୍କ ମନୋରଂଜନ ପାଇଁ ମୀନା ବଜାର ବ୍ୟବସ୍ଥା ଦେଖିବାକୁ ମିଳିଛି। କିଛି ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ବିଘ୍ନ ବିନାୟକଙ୍କୁ ଦର୍ଶନ କରି ଆଶୀର୍ବାଲାଭ କରିବା ପାଇଁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁମାନେ ବିଭିନ୍ନ ପୂଜା ମଣ୍ଡପ ଗୁଡିକରେ ଭିଡ୍ ଜମୁଥିବା ଦେଖିବାକୁ ମିଳିଛି।

**ମାଲକାନଗିର :** ମାଲକାନଗିରି ଜିଲ୍ଲା ସଦର ମହକୁମାରେ ବିଭିନ୍ନ ଅନୁଷ୍ଠାନ ତରଫରୁ ଧୁମଧାମରେ ଶ୍ରୀ ବିଘ୍ନରାଜଙ୍କ ପ୍ରତିମା ପୂଜା ଅନୁଷ୍ଠିତ ହୋଇଯାଇଛି। ସଦର ମହକୁମାରେ ପ୍ରାୟ ୪୦ଟି ସ୍ଥାନରେ ଏହି ପୂଜା ଅନୁଷ୍ଠିତ ହୋଇଥିବା ବେଳେ ବିଶେଷ କରି ସୁବାଷ ବୋସ ଛକ, ଭେଟେନାରି ସାହି, ବାଲିସାଗର ସାହି, ପୁରୁଣା ମେଡିକାଲ ଛକ, ବ୍ଲକ କଲୋନୀ ପଡିଆ, ଜୟପୁରିଆଗୁଡା, ସତ୍ୟମଗୁଡା ଓ ତଳସାହି ଇଚ୍ଛ୍ୟାଦି ସ୍ଥାନର ପ୍ରତିମା ଗୁଡିକ ବେଶ ଆକର୍ଷଣୀୟ ହୋଇଥଲା। ସୁବାଷ ବୋଷ ଛକ ପ୍ରତିମା ପ୍ରାୟ ୧୧ ଫୁଟ ଉଚ୍ଚର ହୋଇଥିବା ବେଳେ ଅନ୍ୟ ସ୍ଥାନ ମାନଙ୍କରେ ମଧ ଭକ୍ତମାନଙ୍କୁ ବିଘ୍ନରାଜଙ୍କୁ ଆକୃଷ୍ଟ କରିଲା ଭଳି ପ୍ରତିମା ଗୁଡିକ ପୂଜା ପାଉଛି। ବିଧିବିଧାନ ଅନୁସାରେ ସମସ୍ତ ସ୍ଥାନରେ ପୂଜାପାଠ ସରିଲା ପରେ ସହରରେ ସୁସଜ୍ଜିତ ଆଲୋକ ସଜା, ତୋରଣ, ଡାକବାଜି ଯନ୍ତ୍ର ଦ୍ୱାରା ସହର ପ୍ରକମ୍ପିତ ହୋଇ ଉଠିଛି। ସମସ୍ତ ସ୍ଥାନରେ ଭକ୍ତମାନଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଛି। ସନ୍ଧ୍ୟା ସମୟରେ ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟାକ୍ରମ, ଭଜନ ସମାରୋହ ଅନୁଷ୍ଠିତ ହେଉଥିଲା। ସେହିପରି ଜିଲ୍ଲା ସଦରରେ ଥିବା ଭେଟେନାରୀ ସାହିରେ କେଦାରନାଥ ଥିମ୍‌ରେ ଗଣେଶ ପୂଜା, ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ସହିତ ସୁନ୍ଦର ପଣ୍ଡାଲ ହୋଇଥିବାରୁ ଏହା ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି।

**ମାଲକାନଗିରି :** ମାଲକାନଗିରି ଜିଲ୍ଲା ସଦର ସ୍ଥିତ ଉତ୍କଳ ସାମ୍ବାଦିକ ସଂଘର ଜିଲ୍ଲା କାର୍ଯ୍ୟାଳୟରେ ଆଜି ଧୁମଧାମରେ ବିଘ୍ନ ବିନାଶକ ପୂଜା ବେଶ ଆଡମ୍ବରରେ ପାଳିତ ହୋଇଯାଇଛି। ଲଗାତର ଭାବେ ୫ ବର୍ଷ ଧରି ସଂଘ ପକ୍ଷରୁ ଏହି ପୂଜା ପାଳନ କରାଯାଇଥିବା ବେଳେ ଚଳିତ ବର୍ଷ ପୂଜା କାର୍ଯ୍ୟରେ ସଂଘ ସଭାପତି ଅଶୋକ ମିଶ୍ର କର୍ତ୍ତା ହୋଇ ହୋମ ଏବଂ ସମସ୍ତ ପୂଜା କାର୍ଯ୍ୟ ତୁଲାଇଥିଲେ। ରୀତିନୀତି ଅନୁଯାୟୀ ଗଣେଶଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ସଂଘର ସମସ୍ତ କର୍ମକର୍ତ୍ତା ଓ ବିଭିନ୍ନ ବ୍ଲକରୁ ବହୁ ସଦସ୍ୟ ମାନେ ପୂଜାରେ ଯୋଗ ଦେଇଥିଲେ। ସାମ୍ବାଦିକ ମାନଙ୍କ ବ୍ୟବହାର ହେଉଥିବା ସମସ୍ତ ଉପକରଣ ମଧ ପୂଜା କରାଯାଇଥିଲା। ବିଗତ ବର୍ଷ ମାନଙ୍କ ପରି ଚଳିତ ବର୍ଷ ମଧ ଅନ୍ନଭୋଗ ବ୍ୟବସ୍ଥା କରାଯାଇଥିବା ବେଳେ ଆସନ୍ତା ୨୯ ତାରିଖ ଶୁକ୍ରବାର ମଧାହ୍ନ ସମୟରେ ସଂଘ ପକ୍ଷରୁ ଏହି ଅନ୍ନପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିବା ସଭାପତି ଶ୍ରୀ ମିଶ୍ର କହିଛନ୍ତି। ପୂଜା ସମୟରେ ସଂଘ ସମ୍ପାଦକ ଶ୍ରୀନିବାସ ପାତ୍ର, ଯୁଗ୍ମ ସମ୍ପାଦକ ଶିବଦତ୍ତ ସାହୁ, ଉପଦେଷ୍ଟା ରତ୍ନାକର ଦାସ, ରାହୁଲ ଗଲୋରୀ, ପ୍ରଦୀପ ମହାରଣା, ଚନ୍ଦ୍ରକାନ୍ତ ପଣ୍ଡା, ରାଜେଶ ବେପାରୀ, ସୁଧାଂଶୁ ଶେଖର ମହାନ୍ତି ଓ ପଙ୍କଜ ଖରା, ବିଜନ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ।

**କୋରୁକୋଣ୍ଡା :** ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଏବଂ ବାଲିମେଳା ର ବିଭିନ୍ନ ସ୍ଥାନରେ ବୁଧବାର ପ୍ରଭୁ ଗଣେଷଙ୍କ ପୂଜା ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି। ବାଲିମେଳା ସହରର ପମ୍ପଲାଇନ, ସ୍ୱାମୀ ବିବେକାନନ୍ଦ କ୍ଲବ, ଗୋପବନ୍ଧୁ ଛକ, ସାଇବାବା ଲାଇନ, ଗୋଡି ଲାଇନ, ଡ୍ରଗ ଲାଇନର ପୂଜା କମିଟି ସମେତ ସହରରେ ଥିବା ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ସ୍କୁଲ କଲେଜରେ ମଧ ପ୍ରଭୁ ଗଜାନନଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ସେହପରି କୋରୁକୋଣ୍ଡା ସଦରରେ ଥିବା ଗଣେଶ ମନ୍ଦିର, ଉତ୍କଳମଣି ଯୁବ ପରିଷଦ, ମା'ମାଉଳି ଯୁବପରିଷଦ ସମେତ ବିଭିନ୍ନ କ୍ଲବ ପକ୍ଷରୁ ବଡ଼ ଧୂମାଧାମରେ ଗଣେଷଙ୍କ ପୂଜା କରାଯାଇଛି। କୋରୁକୋଣ୍ଡା ବ୍ଲକ ଅଧୀନସ୍ତ ସମସ୍ତ ପଞ୍ଚାୟତ ଅଧୀନରେ ଥିବା ଶିକ୍ଷାନୁଷ୍ଠାନ ସମେତ ବିଭିନ୍ନ ସରକାରୀ ବେସରକାରୀ କାର୍ଯ୍ୟାଳୟ ମାନଙ୍କରେ ଆଜି ବହୁ ଆଡମ୍ବରରେ ଗଣେଷଙ୍କ ପୂଜା ଅନୁଷ୍ଠିତ ହୋଇଛି। ସହର ଠାରୁ ପୂରପଲ୍ଲୀ ସବୁଠାରେ ଉତ୍ସବର ମାହୋଲ। ବିଭିନ୍ନ ପୂଜା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବା କିଛି ପୂଜା କମିଟି ପକ୍ଷରୁ ସୂଚନା ମିଳିଛି। ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ଓର୍କେଲ ଥାନା ଅଧିକାରୀ ଧିରେନ ପଟ୍ଟନାୟକ ଏବଂ କୋରୁକୋଣ୍ଡା ଥାନା ଅଧିକାରୀ ହିମାଂଶୁ ଶେଖର ବାରିକଙ୍କ ନେତୃତ୍ୱରେ ସମସ୍ତ ପୂଜା ମଣ୍ଡପ ନିକଟରେ ପୋଲିସ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ମୁତୟନ କରାଯିବା ସହିତ ଏହି ଦୁଇ ଅଞ୍ଚଳରେ ପୋଲିସ ପକ୍ଷରୁ ପାଟ୍ରୋଲିଂ କଡ଼ାକଡ଼ି କରାଯାଉଛି।


**ଦୁର୍ଗୀ:** ରାୟଗଡ ଜିଲ୍ଲା ବିଷମକଟକ ବ୍ଲକ ଦୁର୍ଗୀ ପଞ୍ଚାୟତର ପ୍ରତ୍ୟେକ ଗାଁ ଗହଳି, ସାହି ସମେତ ସମସ୍ତ ଅନୁଷ୍ଠାନ ମାନଙ୍କରେ ଶ୍ରୀଗଜାନନଙ୍କ ପୂଜା ଅନୁଷ୍ଠିତ ହୋଇଥିଲା। ଦୁର୍ଗୀର ପଣ୍ଡାସାହି, ପାଇକସାହି, ରାଜଦଣ୍ଡସାହି, ଖଣ୍ଡିଆସାହି ସମେତ ବିଭିନ୍ନ ବିଦ୍ୟାଳୟ ମହାବିଦ୍ୟାଳୟ ଓ ଘର ଗୁଡିକରେ ମଧ ପୂଜା ମଣ୍ଡପରେ ଆଡମ୍ବରରେ ପୂଜା କରାଯାଉଛି। ଏହି ସ୍ୱତନ୍ତ୍ର ପୂଜାର୍ଚ୍ଚନା ୫ରୁ ୭ ଦିନ ପର୍ଯ୍ୟନ୍ତ କେତେକ ସ୍ଥାନରେ ଆୟୋଜିତ ହେବ। ବିଭିନ୍ନ ମଣ୍ଡପରେ ସୁନ୍ଦର ଆଲୋକମାଳା ସହ ତୋରଣ ଲଗାଯାଇ ସୁସଜିତ କରାଯାଇଛି। ଲୋକମାନଙ୍କ ମନୋରଞ୍ଜନ ପାଇଁ ସନ୍ଧ୍ୟା ସମୟରେ କେତେକ ସ୍ଥାନର ମଣ୍ଡପରେ ଭଜନ, କୀର୍ତ୍ତନ ଏବଂ ସଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଛି। ଗଜାନନଙ୍କ ଦର୍ଶନ କରିବା ନିମନ୍ତେ ପୂଜାମଣ୍ଡପ ନିକଟରେ ଆଖପାଖ ବହୁ ଜନସାଧାରଣ ସମାଗମ ଦେଖିବାକୁ ମିଳିଛି।

**ବିଷମ କଟକ :** ରାୟଗଡା ଜିଲ୍ଲା ବିଷମ କଟକ ବ୍ଲକରେ ଚଳିତ ବର୍ଷ ବେଶ ଧୂମ ଧାମରେ ପାଳିତ ହେଉଛି ଶ୍ରୀ ଗଣେଶଙ୍କ ପୂଜା। ବୁଧବାର ଦିନ ପବିତ୍ର ଗଣେଶ ଚତୁର୍ଥୀ ହୋଇଥିବାରୁ ଗାଁ ଠୁ ସହର ସବୁଠି ଉତ୍ସବମୁଖର ହୋଇ ଉଠିଛି। ବିଷମ କଟକ ସମତେ ଆଖପାଖ ଅଞ୍ଚଳରେ ବିଭିନ୍ନ ପୂଜାମଣ୍ଡପରେ ବିଘ୍ନ ବିନାଶକଙ୍କ ପୂଜନ ଉତ୍ସବ ଅନୁଷ୍ଠିତ ହେଉଥିବାବେଳେ ବିଷମ କଟକ ସହରର ମେନ୍‌ରୋଡ଼, ମାର୍କମା ସାହି, କରଣ ସାହି, ଗୌଡ଼ ସାହି ବଡ଼ଦ୍ୱାର ସାହି, ଭାଟ ସାହି, ବ୍ରାହ୍ମଣସାହି, ଡୁକୁମ ରୋଡ଼ ବ୍ଲକ କଲୋନି ସାହିର ପୂଜା ମଣ୍ଡପରେ ଭଳିକି ଭଳି ପୂଜା ଆୟୋଜନ କରାଯାଇଛି। ସେହିପରି ସରକାରୀ ଓ ବେସରକାରୀ ଶିକ୍ଷା ଅନୁଷ୍ଠାନ ଏବଂ ସରକାରୀ କାର୍ଯ୍ୟାଳୟ ଗୁଡିକରେ ଗଜାନନଙ୍କ ସ୍ୱତନ୍ତ୍ର ପୂଜା ଆୟୋଜନ ହୋଇଯାଇଛି । ବିଭିନ୍ନ ସ୍ଥାନରେ ଗଣେଷ ପୂଜାକୁ ନେଇ ସହର ଉତ୍ସବମୁଖର ହୋଇଉଠିଛି। ଗଣେଶ ପୂଜାକୁ ବିଷମ କଟକ ତଥା ଆଖ ପାଖ ଅଞ୍ଚଳରେ ବହୁ ଆଡମ୍ବରର ସହ ଆୟୋଜନ କରାଯାଉଛି। ପୂଜା ପେଣ୍ଡେଲ ମାନଙ୍କୁ ଭଳିକି ଭଳି ସୁନ୍ଦର ଆଲୋକ ମାଳାରେ ସୁସଜ୍ଜିତ କରାଯାଇଛି। ଚଳିତ ବର୍ଷ ବିଶାଳକାୟର ସୁନ୍ଦର ସୁନ୍ଦର ଗଣେଷ ପ୍ରତିମୂର୍ତ୍ତୀ ପୂଜା ପାଉଛନ୍ତି।

**ଚନ୍ଦ୍ରପୁର :** ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକର ଆଠଟି ପଞ୍ଚାୟତରେ ଥିବା ବିଭିନ୍ନ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଅନୁଷ୍ଠାନ ଗୁଡିକରେ ମହାଆଡମ୍ବରରେ ଶ୍ରୀଗଣେଶଙ୍କ ପୂଜାର୍ଚ୍ଚନା କରାଯାଉଛି। ବିଶେଷ ଭାବରେ ଆଦର୍ଶ ବିଦ୍ୟାଳୟ ଚନ୍ଦ୍ରପୁର, ଚନ୍ଦ୍ରପୁର ଉଚ୍ଚ ମାଧମିକ ବିଦ୍ୟାଳୟ, ଏସଏସ୍ ଡି ହାଇସ୍କୁଲ୍ ବାଳକ ବିଦ୍ୟାଳୟ, ଏସଏସଡି ବାଳିକା ଉଚ୍ଚ ବିଦ୍ୟାଳୟ, ଏସ ଏସ ଡି ମାଧମିକ ବିଦ୍ୟାଳୟ, ନେହେରୁପଙ୍ଗା ଆଶ୍ରମସ୍କୁଲ , ବୁଡୁବାଲି ଆଶ୍ରମ ସ୍କୁଲ , କସ୍ତୁରୀବା ବାଳିକା ବିଦ୍ୟାଳୟ ଡାଙ୍ଗସୋରଡା, ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟ ଡାଙ୍ଗସୋରଡା, ବିଜାପୁର ଉଚ୍ଚ ବିଦ୍ୟାଳୟ, ଜାରପା ହାଇସ୍କୁଲ , ଟୁଂରିଗୁଡା ଉଚ୍ଚ ବିଦ୍ୟାଳୟ, ହନୁମନ୍ତ ଉଚ୍ଚ ମାଧମିକ ବିଦ୍ୟାଳୟ, କମାରଗୁଡି ପ୍ରାଥମିକ ବିଦ୍ୟାଳୟ, ଗୋଇଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ପାଣ୍ଡରାଖାଲ ଉଚ୍ଚ ମାଧମିକ ବିଦ୍ୟାଳୟ , ଟୁଂରିଗୁଡ଼ା ଓ ପିସ୍କାପଙ୍ଗା ଉଚ୍ଚ ବିଦ୍ୟାଳୟ ସହିତ ବିଭିନ୍ନ ଗ୍ରାମର ପୂଜା କମିଟି ତରଫରୁ ବହୁ ଆଡମ୍ବରରେ ପୂଜାର୍ଚ୍ଚନା ଅନୁଷ୍ଠିତ ହେଉଛି।

# ବାଇସ୍କୋପ୍

ସକାଳ THE SAKALA
www.sakalaepaper.com




## ସେପ୍ଟେମ୍ବର ୧୨ରେ 'ଲହରୀ'



କଲିକତା ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ ହୋଇ ପୁରସ୍କୃତ ହେବା ପରେ ଅଷ୍ଟ୍ରେଲିଆର ମେଲବର୍ଣ୍ଣଠାରେ ଆୟୋଜିତ 'ଇଣ୍ଡିଆନ ଫିଲ୍ମ ଫେଷ୍ଟିଭାଲ ଅଫ୍ ମେଲବର୍ଣ୍ଣ' (ଆଇଏଫ୍ଏଫ୍ଏମ୍)ରେ ପ୍ରଦର୍ଶିତ ହୋଇ 'ଲହରୀ' ବହୁତ ପ୍ରଶଂସା ସାଉଁଟିଛି। ଉଭୟ ଦର୍ଶକ ଓ ସମାଲୋଚକଙ୍କ ଦ୍ୱାରା ବେଶ୍ ପ୍ରଶଂସିତ ହୋଇଛି। ଭାରତୀୟ ବିବିଧତା, ସୃଜନାତ୍ମକ କଳା ଓ ସାଂସ୍କୃତିକ ବିଭବକୁ ବିଶ୍ୱ ସ୍ତରରେ ପହଞ୍ଚାଇବା 'ଆଇଏଫ୍ଏଫ୍ଏମ୍'ର ମୂଳ ଉଦ୍ଦେଶ୍ୟ ରହି ଆସିଛି। ଚଳିତ ବର୍ଷ ଏହାର ୧୬ ତମ ସଂସ୍କରଣ ଅନୁଷ୍ଠିତ ହୋଇଛି । ଶ୍ରେଷ୍ଠ ବିବେଚିତ ବିଭିନ୍ନ ଆଞ୍ଚଳିକ ସିନେମା ଏଠାରେ ପ୍ରଦର୍ଶିତ ହୋଇଥିବା ବେଳେ 'ଲହରୀ'ର ମନୋନୟନ ବିଶେଷ ଗୁରୁତ୍ୱ ରଖେ। ଓଡ଼ିଶା ପାଇଁ ଏହା ନିଶ୍ଚୟ ଗର୍ବ ଓ ଗୌରବର ବିଷୟ। ଅନ୍ତର୍ଜାତୀୟ ଖ୍ୟାତି ସଂପନ୍ନ ଓ ଜାତୀୟ ପୁରସ୍କାର ପ୍ରାପ୍ତ ନିର୍ଦ୍ଦେଶକ ଅମର୍ତ୍ତ୍ୟ ଭଟ୍ଟାଚାର୍ଯ୍ୟ ଏହାର ନିର୍ଦ୍ଦେଶନା ଦେଇଛନ୍ତି। ପ୍ରଯୋଜନାରେ ଅଛନ୍ତି ଓଡ଼ିଶାର ସ୍ୱନାମଧନ୍ୟ ଯୁବ ନିର୍ମାତ୍ରୀ ଝିଲିକ ଭଟ୍ଟାଚାର୍ଯ୍ୟ। ବିଭିନ୍ନ ଭୂମିକାରେ ଚୌଧୁରୀ ଜୟପ୍ରକାଶ ଦାସ, ଚୌଧୁରୀ ବିକାଶ ଦାସ, ସ୍ମୃତି ମହଲା, ଦୀପନ୍ୱିତ ଦାସ ମହାପାତ୍ର, ସୁଶାନ୍ତ ମିଶ୍ର, ସ୍ୱସ୍ତିକ ଚୌଧୁରୀ, ଜେଇନବ ଡୋଇୟର ପ୍ରମୁଖ ଅଭିନୟ କରିଛନ୍ତି। ଏଥିରେ ସଙ୍ଗୀତ ଦେଇଛନ୍ତି କିଶଳୟ ରୟ। କଣ୍ଠଦାନ କରିଛନ୍ତି ଗୌରବ ଆନନ୍ଦ ଓ ନବ୍ୟା ଜାଇତି । ଝିଲିକ୍ ମୋସନ୍ ପିକ୍ଚର୍ସ ନିବେଦିତ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ସହିତ କାହାଣୀ, ଗୀତ ରଚନା, ନୃତ୍ୟ ନିର୍ଦ୍ଦେଶନା ଓ ସମ୍ପାଦନାର ଗୁରୁ ଦାୟିତ୍ୱ ମଧ୍ୟ ଅମର୍ତ୍ତ୍ୟ ନିର୍ବାହ କରିଛନ୍ତି। ସୂଚନା ଥାଉକି, ସେପ୍ଟେମ୍ବର ୧୨ରେ 'ଲହରୀ' ମୁକ୍ତିଲାଭ କରିବ। ■



## ଲଣ୍ଡନରେ ଚାଲିଛି 'ବିନ୍ଦୁ ସାଗର'ର ସୁଟିଂ

ଓଡ଼ିଆ ସିନେମା ଜଗତରେ ପ୍ରବେଶ କରିଛି ଭାରତର ଅଗ୍ରଣୀ ଚଳଚ୍ଚିତ୍ର ଷ୍ଟୁଡିଓ ପ୍ଲାଟୁନ୍ ୱାନ୍ ଫିଲ୍ମସ୍ । ଅଭିଷେକ ସ୍ୱାଇଁଙ୍କ 'ବିନ୍ଦୁ ସାଗର' ଫିଲ୍ମ ସହିତ ଓଡ଼ିଆ ସିନେମା କ୍ଷେତ୍ରରେ ପ୍ରବେଶ କରିଛନ୍ତି ପ୍ରଯୋଜକ ଶିଳାଦିତ୍ୟ ଭୋରା । 'ବିନ୍ଦୁସାଗର'ରେ ଅଭିନେତ୍ରୀ ପ୍ରକୃତି ମିଶ୍ର ଏବଂ ଦ୍ୱୀପନ୍ୱିତ ଦାସ ମହାପାତ୍ର ଅଭିନୟ କରିଛନ୍ତି । ସିନେମାଟିର ସୁଟିଂ ଓଡ଼ିଶା ଓ ଇଂଲଣ୍ଡରେ କରାଯାଇଛି । ଅବଶ୍ୟ ଏହାର ସୁଟିଂ ଏବେ ଲଣ୍ଡନରେ ଚାଲିଛି । ପାରିବାରିକ ଡ୍ରାମା ସହିତ ଏହି କାହାଣୀ ପ୍ରେମ ଓ ପରମ୍ପରା ଉପରେ ପର୍ଯ୍ୟବସିତ । 'ବିନ୍ଦୁସାଗର' ଫିଲ୍ମରେ ସାତଟି ଗୀତ ଥିବା ଏକ ଆଲବମ ରହିବ । ଯେଉଁଥିରେ ସଙ୍ଗୀତ ଶିଳ୍ପର କିଛି ଲୋକପ୍ରିୟ ଗୀତିକାରଙ୍କ ସଙ୍ଗୀତ ରହିଛି । ■



### ଟେଲିଭିଜନ ପ୍ରିମିୟର୍

## 'ବିଘ୍ନ ବିନାଶିବେ ବିନାୟକ'




ଜୀ ସାର୍ଥକରେ ଅଗଷ୍ଟ ୩୧ ତାରିଖ ସନ୍ଧ୍ୟା ୬ଟା ୩୦ରେ ଟେଲିଭିଜନ ପ୍ରିମିୟର ହେବ 'ବିଘ୍ନ ବିନାଶିବେ ବିନାୟକ'। ପ୍ରଯୋଜକ କ୍ଷୀରୋଦ ପଟ୍ଟନାୟକ ଓ ନିର୍ଦ୍ଦେଶକ ସଞ୍ଜୟ ନାୟକଙ୍କ ନେତୃତ୍ୱରେ ତିଆରି ହୋଇଥିବା ଏହି ଫିଲ୍ମରେ ଶିଶୁମନର ସ୍ୱପ୍ନ, ଦୈବୀୟ ମହିମା ଓ ପାରିବାରିକ ସତ୍ୟକୁ ଆଲୋକପାତ କରାଯାଇଛି। କାହାଣୀର କେନ୍ଦ୍ରବିନ୍ଦୁ ପାଞ୍ଚ ବର୍ଷୀୟ ମୁନି (ଶିଶୁ କଳାକାର ସ୍ୱାତୀ ମିଶ୍ର) ଏକ ବନ୍ଦ ଓ ବିଚ୍ଛିନ୍ନ ଘରେ ରହନ୍ତି। ତାଙ୍କ ମାଆ ପାର୍ବତୀ ତା'କୁ କହିଥାନ୍ତି ଯେ, ଦୁନିଆ ଶେଷ ହୋଇଯାଇଛି ଏବଂ ସେମାନେ ଦୁଇ ଜଣ ହିଁ ବଞ୍ଚି ରହିଛନ୍ତି। ସେପଟେ ମୁନିକୁ ଏକ ମାୟାମୟ ପୁଅ ବିଘ୍ନେଶ ସାଥୀ ଭାବରେ ସାହାଯ୍ୟ କରିଥାଏ। ନାୟକ ବିକାଶ ଓ ନାୟିକା ପଲ୍ଲବୀ ଅଭିନୟରେ ଚଳଚ୍ଚିତ୍ରଟିରେ ପାରିବାରିକ ସମ୍ପର୍କ, ଦୁର୍ଭାଗ୍ୟ, ଦୈବୀୟ ହସ୍ତକ୍ଷେପ ଓ ଅସତ୍ୟ ଉପରେ ସତ୍ୟର ଜୟକୁ ଦର୍ଶାଯାଇଛି। ତେବେ ସତରେ କ'ଣ ଦୁନିଆ ଶେଷ ହୋଇଯାଇଛି ? କିଏ ସେ ବିକାଶ ଓ ପଲ୍ଲବୀ ? ତାଙ୍କ ସହ ପାର୍ବତୀ ଓ ମୁନିର ସମ୍ପର୍କ କିପରି ? ବିଘ୍ନେଶ କ'ଣ ସତରେ ସାହାଯ୍ୟ କରିପାରିବ ମୁନିକୁ ? ଏମିତି ବହୁ ପ୍ରଶ୍ନର ଉତ୍ତର ମିଳିବ ଫିଲ୍ମର ଶେଷରେ । ଫିଲ୍ମରେ ମୁଖ୍ୟ ଭୂମିକାରେ ଅଛନ୍ତି ବିକ୍ରମ ଓ ଦୀପିକା । ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ବୈଦ୍ୟନାଥ ଦାଶ, ଗୀତ ଗୁଡ଼ିକକୁ ଲେଖିଛନ୍ତି ଡଃ ନିର୍ମଳ ନାୟକ ଓ କଣ୍ଠଦାନ କରିଛନ୍ତି ପ୍ରଜ୍ଞା ହୋତା, ରଶ୍ମିରେଖା ଓ ସାଇନା । ■

### ପରଦା ପଛର କାହାଣୀ

## ମାସ୍କ ପ୍ରସ୍ତୁତି ପାଇଁ ଛଅ ମାସ





ସାଧାରଣତଃ 'କ୍ରିସ୍' ଫିଲ୍ମ କଥା କହିଲେ ସର୍ବପ୍ରଥମେ ସୁପରଷ୍ଟାର ହ୍ରିତିକ୍ ରୋଶନଙ୍କ ଛବି ସାମ୍ନାକୁ ଆସିଥାଏ। ଏଥିରେ ତାଙ୍କ ଲୁକ୍‌କୁ ଦର୍ଶକେ ବେଶ୍ ପସନ୍ଦ କରିଥିଲେ। ବିଶେଷ କରି ସେ ପିନ୍ଧିଥିବା ମାସ୍କକୁ ନେଇ ଦର୍ଶକଙ୍କ ମନରେ ଉତ୍କଣ୍ଠା ଦେଖିବାକୁ ମିଳିଥିଲା। ତେବେ ନିକଟରେ ହ୍ରିତିକ୍ ରୋଶନଙ୍କ ପିତା ତଥା ଫିଲ୍ମ ନିର୍ମାତା ଓ ନିର୍ଦ୍ଦେଶକ ରାକେଶ ରୋଶନ ଏହି ମାସ୍କକୁ ନେଇ ଏକ ରୋଚକୀୟ କଥା କହିଛନ୍ତି। ତାଙ୍କ କହିବାନୁଯାୟୀ, ଏହି ମାସ୍କ ଡିଜାଇନ ପାଇଁ ଛଅମାସ ସମୟ ଲାଗିଥିଲା। ହ୍ରିତିକଙ୍କୁ କେଉଁ ଡିଜାଇନ୍ ମାସ୍କ ଭଲ ମାନିବ, ସେଥିପ୍ରତି ବିଶେଷ ଧ୍ୟାନ ଦିଆଯାଇଥିଲା। ନିକଟରେ କୋରିଓଗ୍ରାଫର ତଥା ଫିଲ୍ମ ନିର୍ଦ୍ଦେଶକ ଫରାହ ଖାନ୍ ଖଣ୍ଡାଲା ସ୍ଥିତ ରାକେଶ ରୋଶନଙ୍କ ଘରେ ପହଞ୍ଚିଥିଲେ। ଏହି ବ୍ଲଗ୍‌ରେ ରାକେଶ କ୍ରିସ୍ ଫିଲ୍ମର କଷ୍ଟ୍ୟୁମ୍, ମାସ୍କ ଓ ଏହାର ସୁଟିଂରେ ହୋଇଥିବା ସମସ୍ୟା ବିଷୟରେ ଚର୍ଚ୍ଚା କରିଥିଲେ। ତେବେ ହ୍ରିତିକ୍ ପିନ୍ଧିଥିବା ମାସ୍କକୁ ସ୍ୱତନ୍ତ୍ର ଭାବେ ମହମରୁ ପ୍ରସ୍ତୁତ କରାଯାଇଥିଲା। ସୁଟିଂ ସମୟରେ ମାସ୍କ ଯେମିତି ନ ତରଳିବ ସେଥିପାଇଁ ଏକ ଏସି ବସ୍‌ର ବ୍ୟବସ୍ଥା କରାଯାଇଥିଲା। ଏହି ମାସ୍କକୁ ହ୍ରିତିକ୍ ତିନି ଚାରି ଘଣ୍ଟା ପିନ୍ଧି ସୁଟିଂ କରୁଥିଲେ। ତେଣୁ ମହମ ତରଳି ଯାଉଥିଲା। ଫଳରେ ଏହାକୁ କାଢ଼ି ତାଙ୍କୁ ଏକ ନୂଆ ମାସ୍କ ଲଗାଇବାକୁ ପଡୁଥିଲା। କେବଳ ସେତିକି ନୁହେଁ, ଏଥିରେ ହ୍ରିତିକ୍ ପିନ୍ଧିଥିବା କଳା ଆଉଟ୍‌ଫିଟ୍ ମଧ୍ୟ ଖୁବ୍ ଓଜନିଆ ଥିଲା। ତେବେ ୨୦୦୬ ମସିହାରେ ମୁକ୍ତିଲାଭ କରିଥିବା 'କ୍ରିସ୍' ଏକ ସୁପରହିରୋ ଆକ୍ସନ ଫିଲ୍ମ ଥିଲା। କ୍ରିସ୍ ଏକ ସୁପରହିଟ୍ ଫିଲ୍ମ ଥିଲା। ଏହା କ୍ରିସ୍ ଫ୍ରାଞ୍ଚାଇଜର ଦ୍ୱିତୀୟ ଫିଲ୍ମ ଥିଲା। ଏହି ସିରିଜ୍‌ର ତୃତୀୟ ଫିଲ୍ମ ୨୦୧୩ ମସିହାରେ ମୁକ୍ତିଲାଭ କରିଥିଲା। ■

## ପ୍ରତିଜ୍ଞାର ଦୋଛକିରେ ଅର୍ଚ୍ଚନା

ଜୀ ସାର୍ଥକର ଲୋକପ୍ରିୟ ଧାରାବାହିକ 'ସାଥୀ ସାତ ଜନ୍ମ'ରେ ଅର୍ଚ୍ଚନା ଓ ଦେବ ବିବାହ ବନ୍ଧନରେ ବାନ୍ଧି ହେବା ପରେ ପରିବାର ସମ୍ବନ୍ଧୀୟ ଅନେକ ବାଧା ବିଘ୍ନର ସମ୍ମୁଖୀନ ହୋଇଛନ୍ତି। ତେବେ ଗଣେଶ ଚତୁର୍ଥୀର ପବିତ୍ର ଅବସରରେ ନୂଆ ଟ୍ୱିଷ୍ଟ ଦେଖିବାକୁ ମିଳିବ। ଗୋଟିଏ ପଟେ ଅର୍ଚ୍ଚନା ନିଜ ବାପାଙ୍କୁ ଦେଇଥିବା ପ୍ରତିଶ୍ରୁତି ଯେ ସାରା ଜୀବନ ତା' ସ୍ୱାମୀ ଦେବଙ୍କ ସାଙ୍ଗରେ ଆଉ କେବେ ବି ଦେଖା କରିବ ନାହିଁ। ଅନ୍ୟପଟେ ସ୍ତ୍ରୀର କର୍ତ୍ତବ୍ୟ ଭାବେ ଦେବର ନୂଆ ଗ୍ୟାରେଜର କଳସ ବିସର୍ଜନରେ କେମିତି ଅର୍ଚ୍ଚନା ଦେବଙ୍କ ସହିତ ଛିଡ଼ା ହେବ? ଏମିତି ଏକ ଦୋଛକିରେ ଅର୍ଚ୍ଚନା ଆଉ ଦେବଙ୍କର ସମ୍ପର୍କ ଏବେ ଗତିଶୀଳ। ସେହିପରି ଏହିଠାରୁ ଆଗକୁ କ'ଣ ଘଟିବ, ସେକଥା ଧାରାବାହିକର ଆଗାମୀ ଅଧ୍ୟାୟରେ ସାମ୍ନାକୁ ଆସିବ। ■



### ସାକ୍ଷାତକାର

## 'ପାରିଶ୍ରମିକ ନୁହେଁ; ଚରିତ୍ରକୁ ଗୁରୁତ୍ୱ ଦିଏ'

**ଭବେଶ କୁମାର, ଅଭିନେତା**



**ସେ ଜଣେ ମେଧାବୀ ଛାତ୍ର ଥିଲେ । ତାଙ୍କର ଇଚ୍ଛା ଥିଲା ଡାକ୍ତର ହେବେ, ଆଉ ରୋଗୀ ସେବା କରିବେ । ହେଲେ ତାଙ୍କ ଭାଗ୍ୟରେ ଆଉ କିଛି ଲେଖା ଥିଲା । ଟିକ୍‌ଟକ୍‌ରେ କଣ୍ଟେଣ୍ଟ ବନାଇ ପୋଷ୍ଟ କରିଲେ । ଏହାକୁ ବହୁ ପ୍ରଶଂସକ ପସନ୍ଦ କଲେ । ଜଣେ ବନ୍ଧୁଙ୍କ ପରାମର୍ଶକ୍ରମେ 'ସିନେ ଷ୍ଟାର୍ କି ଖୋଜ୍'ରେ ରିଆଲିଟି ଶୋ'ରେ ଭାଗ ନେଇ ମେଗା ରାଉଣ୍ଡ ଯାଏଁ ଯାଇଥିଲେ ସେ । 'ଶତାବ୍ଦୀ କଳାକାର'ରେ ୬ ମାସ ସେ ଅଭିନୟ ପାଇଁ ତାଲିମ ନେଇଛନ୍ତି । 'ନଣନ୍ଦ ପୁଟୁଳି' ତାଙ୍କର ପ୍ରଥମ ଧାରାବାହିକ । ସେ ଏକାଧିକ ଧାରାବାହିକରେ ଅଭିନୟ କରିସାରିଛନ୍ତି । ହିନ୍ଦୀ, ଓଡ଼ିଆ ଓ ବଙ୍ଗଳାର ଅନେକ ପ୍ରୋଜେକ୍ଟରେ କାମ କରିଥିବା ଉଦୀୟମାନ ଅଭିନେତା ଜଣକ ହେଉଛନ୍ତି ବାଲେଶ୍ୱରର ଭବେଶ କୁମାର । ସେ ଜଣେ ସରକାରି ଚାକିରିଆ । ଉଭୟ ଚାକିରି ଏବଂ ଅଭିନୟ ଭିତରେ କିପରି ସେ ସମନ୍ୱୟ ରଖୁଛନ୍ତି ଜାଣିବା ତାଙ୍କ ମୁହଁରୁ ।**

**ଧାରାବାହିକରେ ଅଭିନୟ କରିବା ପାଇଁ କାହିଁକି ଆକୃଷ୍ଟ ହେଲେ?**

● ପିଲାଦିନେ ଭଲ ପଢୁଥିଲି । ଡାକ୍ତର ହୋଇଥାନ୍ତି । ଏଥିପାଇଁ କଠିନ ପରିଶ୍ରମ କରୁଥିଲି । ହେଲେ ଟିକ୍‌ଟକ୍‌ରେ ଭିଡିଓ ବନାଇ ପୋଷ୍ଟ କଲା ପରେ ମୋର ଲୋକପ୍ରିୟତା ବଢ଼ିଲା । ତେଣୁ 'ସିନେ ଷ୍ଟାର୍ କି ଖୋଜ୍'ରେ ଅଡିସନ୍ ଦେଲି । ମେଗା ରାଉଣ୍ଡ ଯାଏଁ ରହିଛି । ପରେ ଶତାବ୍ଦୀ କଳାକାରରେ କାମ ଶିଖି 'ନାଗ ମଣ୍ଡଳ' ଥିଏଟର କରିଛି । ୱେବ୍ ସିରିଜ୍ ପାଇଁ ଆଗ୍ରହ ଥିଲା । ଯେହେତୁ ଓଡ଼ିଶାରେ ଏଥିପାଇଁ ଏତେ ସୁଯୋଗ ନଥିଲା, ତେଣୁ ଧାରାବାହିକରେ କାମ ଆରମ୍ଭ କଲି । 'ନଣନ୍ଦ ପୁଟୁଳି' ମୋର ପ୍ରଥମ ଧାରାବାହିକ । ସରକାରୀ ଚାକିରିରେ ଯୋଗ ଦେବାରୁ ପ୍ରଥମ ପ୍ରୋଜେକ୍ଟକୁ ତିନି ମାସରେ ଛାଡ଼ିଥିଲି । ଭୁବନେଶ୍ୱରକୁ ଚାକିରି ବଦଳି ହେବାରୁ ତରଙ୍ଗ ଚ୍ୟାନେଲ୍‌ର 'ପ୍ରେମର କୁହୁକ'ରେ ନାୟକ ଭାବେ ଅଭିନୟ କରିଲି । 'ସୁହାଗ ସିନ୍ଦୂର', 'ଶକ୍ତି', 'ଆମ ଝାନ୍ସୀ ଅପା' 'ତୁ ରାଜା ମୁଁ ରାଣୀ' ଆଦି ଅନେକ ଧାରାବାହିକରେ ଅଭିନୟ କରିଛି । ବର୍ତ୍ତମାନ ଅତୁଟ ବନ୍ଧନରେ 'କାର୍ତ୍ତିକ' ଭୂମିକାରେ ଅଭିନୟ କରୁଛି । 'ମେଘୁଆ ହସ' 'ଆ ଜହ୍ନ ମାମୁଁ ସରଗ ଶଶି' ଆଦି ମ୍ୟୁଜିକ୍ ଭିଡିଓ କରିଛି ।

**ପ୍ରଥମେ କ୍ୟାମେରାକୁ ସାମ୍ନା କରିବାର ଅନୁଭୂତି?**

● 'ନଣନ୍ଦ ପୁଟୁଳି' ଧାରାବାହିକରେ ଅନ୍ୟଜଣଙ୍କ ବଦଳରେ କାମ କରିବାକୁ ସୁଯୋଗ ମିଳିଥିଲା । ସେତେବେଳେ ମୁଁ ପୂରା ନୂଆ । ତେଣୁ ପ୍ରଥମେ କ୍ୟାମେରାକୁ ସାମ୍ନା କରିବାକୁ ଭୟ ଲାଗିଥିଲା । ସେତେବେଳେ ଅନେକଙ୍କ କଟୁ କଥା ଆଉ ଗଞ୍ଜଣା ସହିଛି । 'ପ୍ରେମର କୁହୁକ'ରେ ଅଭିନୟ କ'ଣ ମୁଁ ଶିଖିଲି । ନିର୍ଦ୍ଦେଶକ ସାର୍ ଆଉ ପୂରା ଟିମ୍ ଆଗକୁ ବଢ଼ିବାକୁ ମୋତେ ସୁଯୋଗ ଦେଇଥିଲେ ।

**ନାୟକ ନା ଖଳନାୟକ କେଉଁଠି ସହଜ ଅନୁଭବ କରନ୍ତି?**

● ସମୟ ସୁଯୋଗକୁ ମୁଁ କେବେ ବି ହାତଛଡ଼ା କରିବାକୁ ଚାହେଁନି । ତେଣୁ ଖଳନାୟକ ହେଉ କି ନାୟକ ଉଭୟ କାହାଣୀର ମୁଖ୍ୟ ଚରିତ୍ର । ସବୁ ଚରିତ୍ରକୁ ଶହେ ପ୍ରତିଶତ ଦେବାକୁ ଚେଷ୍ଟା କରେ । ହିନ୍ଦୀର ଷ୍ଟାର୍ ଭାରତରେ 'ସାବଧାନ ଇଣ୍ଡିଆ', ବଙ୍ଗଳାରେ ଜି ମ୍ୟୁଜିକ୍‌ରେ 'କତୋଟା ଚେୟେଛେ ତୋମାଏ' ଆଲବମ୍ ଆଦି କାମ ମଧ୍ୟ କରିଛି । ତେଣୁ ସବୁ ପ୍ଲାଟ୍‌ଫର୍ମରେ କାମକୁ ଦେଖେ ।

**କେଉଁ ଚରିତ୍ରରେ ଆପଣଙ୍କୁ ଅଧିକ ପ୍ରଶଂସା ମିଳିଥିଲା?**

● 'ପ୍ରେମର କୁହୁକ'ର ବଣ୍ଟି, 'ତୁ ରାଜା ମୁଁ ରାଣୀର' ରିଷଭ ଆଉ ଏବେ ଅତୁଟ ବନ୍ଧନର 'କାର୍ତ୍ତିକ' ଚରିତ୍ରକୁ ଦର୍ଶକ ଗ୍ରହଣ କରିଛନ୍ତି । ଆଉ ବହୁତ ଭଲପାଇବା ଦେଉଛନ୍ତି । ସେମାନଙ୍କ ସ୍ନେହ ଭଲପାଇବା ଏମିତି ସର୍ବଦା ରହିଥାଉ ।

**କାମ ପାଇଁ କେତେ ପରିଶ୍ରମ କରନ୍ତି?**

● ମୁଁ ବହୁତ ଷ୍ଟ୍ରେଟ୍ ଫରୱାର୍ଡ । କାହାକୁ ଖୁସାମତି ମୋର ପ୍ରବୃତ୍ତି ନୁହେଁ । କର୍ମ ମୋ ପାଇଁ ଭଗବାନ । କାମକୁ ପରଫେକ୍ଟ କରିବାକୁ ସଂଘର୍ଷ କରେ । ଖଟିବାକୁ ମୁଁ ପସନ୍ଦ କରେ । ପ୍ରୋଜେକ୍ଟ କେମିତି ଭଲ ହେବ ତାହା ଚିନ୍ତା କରେ । ପାରିଶ୍ରମିକ ନୁହେଁ, ଚରିତ୍ର ଉପରେ ଗୁରୁତ୍ୱାରୋପ କରେ ।

**ସ୍ମରଣୀୟ ମୁହୂର୍ତ୍ତ?**

● ଫେବୃୟାରୀ ୧ ତାରିଖରେ ସରକାରୀ ଚାକିରିରେ ଯୋଗ ଦେଇଥିଲି । ୨ ତାରିଖ ଦିନ ଧାରାବାହିକରେ କାମ କରିବାକୁ ସୁଯୋଗ ମିଳିଲା ।

**ଭବେଷ ଫିଟ୍ କେମିତି ରୁହନ୍ତି?**

● କମ୍ ତେଲ, ଲୁଣ ତଥା ସନ୍ତୁଳିତ ପୌଷ୍ଟିକ ଖାଦ୍ୟ ଖାଏ । ସିଝା ଖାଦ୍ୟ ମୋର ପସନ୍ଦ । ଜିମ୍ ଯାଏଁ, ଦଉଡ଼ ଧାଁ କରେ । ବିନା କାରଣରେ ବାହାରକୁ ଯାଏନି ।

**ଆଗାମୀ ଯୋଜନା କ'ଣ ରହିଛି?**

● ବର୍ତ୍ତମାନ ଓଡ଼ିଆ ସିନେମାର ଆଦର ବଢ଼ିଛି । ବାସ୍ତବ କାହାଣୀକୁ ଦର୍ଶକ ଗ୍ରହଣ କରୁଛନ୍ତି । ତେଣୁ ମୁଁ ଆଗକୁ ଉଭୟ ଓଡ଼ିଆ ଓ ହିନ୍ଦୀ ଫିଲ୍ମରେ କାମ କରିବାକୁ ଲକ୍ଷ୍ୟ ରଖିଛି । ଯେହେତୁ ମୁଁ ନିଜେ ଲେଖା ଲେଖି କରେ । ସୁଯୋଗ ମିଳିଲେ ଫିଲ୍ମ ବନାଇବାକୁ ଆଶା ଅଛି । ■

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୭.୮୧ ● ପାଉଣ୍ଡ ୧୧୮.୦୮
- ୟୁରୋ ୧୦୨.୨୫ ● ୟେନ୍ ୦.୫୯

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୩,୯୦୦ (ନୂଆଦିଲ୍ଲୀ)
- ରୁପା : ୧,୨୧,୦୫୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୦,୭୮୬.୦୦
- ନିଫ୍ଟି ୨୪,୭୧୨.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### ଭାରତ ମସଲାର ୨୬ତମ ପ୍ରତିଷ୍ଠା ଉତ୍ସବ

# ‘ଦାନ ଓ ଦାତାପଣିଆ ଭାରତ ମସଲାକୁ ବ୍ରାଣ୍ଡନେମ୍ ଦେଇଛି’



କଟକ,୨୭।୮ (ସମିସ): ଓଡ଼ିଆମାନଙ୍କ ପାଇଁ ସମଗ୍ର ଭାରତରେ ଏକ ମସଲା କମ୍ପାନୀକୁ ପ୍ରତିଷ୍ଠିତ କରିବା ଦିଗରେ ସୁରେନ୍ଦ୍ରନାଥ ପଣ୍ଡା ଏବଂ ସୁଶାନ୍ତ କୁମାର ପଣ୍ଡାଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ। କିଛି କରିବା ଓ କିଛି ଗଢ଼ିବାର ବାର୍ତ୍ତା ଦେଇ ଏହି ଦୁଇ ଶିଳ୍ପୋଦ୍ୟୋଗୀ ଭାରତ ମସଲା କମ୍ପାନୀକୁ ଦେଶ ବିଦେଶରେ ପହଞ୍ଚାଇଛନ୍ତି। ଉଭୟଙ୍କ ଯୋଗୁଁ ଭାରତ ମସଲା ଆଜି ଏକ ବ୍ରାଣ୍ଡନେମ୍‌ରେ ପରିଣତ ହୋଇଛି। ଭାରତ ମସଲାର ସେବା କାର୍ଯ୍ୟ ସଭିଏ ଜାଣନ୍ତି। କରୋନା ମହାମାରୀ ହେଉ କି ଯେ କୌଣସି ବନ୍ୟା, ବାତ୍ୟା ଓ ପ୍ରାକୃତିକ ବିପର୍ଯ୍ୟୟ ସମୟ, ସବୁବେଳେ ଓଡ଼ିଆ ଲୋକଙ୍କ ପାଖରେ ଭାରତ ମସଲା ଛିଡା ହୋଇଛି। କେବଳ ବ୍ୟବସାୟିକ ଲକ୍ଷ୍ୟ ନ ରଖି ସେବାକୁ ମୂଳମନ୍ତ୍ର କରିଥିବା ଏହି କମ୍ପାନୀ ଓଡିଆ ଜାତି ପାଇଁ ଗର୍ବ ଓ ସ୍ୱାଭିମାନର ପ୍ରତୀକ ବୋଲି ଆଜି ବାରଙ୍ଗ ରାମଦାସପୁର ସ୍ଥିତ ଭାରତ ମସଲା କମ୍ପାନୀ ପରିସରରେ ଜୟ ଭାରତ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ୨୬ତମ ଭାରତ ପ୍ରତିଭା ସମ୍ମାନ ଓ ଭାରତ ମସଲାର ପ୍ରତିଷ୍ଠା ଦିବସ ଉତ୍ସବରେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି।

ଜୟ ଭାରତ ଫାଉଣ୍ଡେସନର ଅଧ୍ୟକ୍ଷ ସୁରେନ୍ଦ୍ରନାଥ ପଣ୍ଡା ଉତ୍ସବରେ ଅଧ୍ୟକ୍ଷତା କରି କହିଲେ ଯେ, ଆମେ ସବୁବେଳେ ପୂଜ୍ୟପୂଜା ପରମ୍ପରାକୁ ସମ୍ମାନ ଦେଇଆସିଛୁ। ଇତି ମଧ୍ୟରେ ୧୩୦ଜଣ ପୂଜ୍ୟପୂଜାଙ୍କୁ ଯଥୋଚିତ ସମ୍ମାନ ଦିଆଯାଇଛି। ଆଗକୁ ମଧ୍ୟ ଏହି ଧାରା ବଳବତ୍ତର ରହିବ। ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, କମ୍ପାନୀର ଅଧ୍ୟକ୍ଷ ଓ ଏମ୍‌ଡି ଅନ୍ୟମାନଙ୍କ ପାଇଁ ଆଦର୍ଶ। ମାତ୍ର ୧ହଜାର ଟଙ୍କାରୁ ଆରମ୍ଭ ହୋଇଥିବା ଏହି କମ୍ପାନୀ ଏବେ ବାର୍ଷିକ ୭୦୦କୋଟିର ବ୍ୟବସାୟ କରୁଛି। ବାଙ୍କୀ ଅଞ୍ଚଳର ଅର୍ଥନୈତିକ ଅଭିବୃଦ୍ଧିରେ ଭାରତ ମସଲାର ଅବଦାନ ରହିଥିବା ସେ କହିଥିଲେ। ଏମ୍‌ଡି ସୁଶାନ୍ତ କୁମାର ପଣ୍ଡା କହିଥିଲେ ଯେ, ଉତ୍ପାଦିତ ଦ୍ରବ୍ୟକୁ ରପ୍ତାନୀ କରିବା ପାଇଁ ୨୦୦୯ ରୁ ଉଦ୍ୟମ କରାଯାଉଥିଲା। ହେଲେ ଯୋଜନାର ସଫଳ ରୂପାୟନ ପାଇଁ ୧୫ବର୍ଷ ସମୟ ଲାଗିଗଲା। ଓଡ଼ିଶାର ସାମାଜିକ ଓ ଆର୍ଥିକ ବିକାଶ କ୍ଷେତ୍ରରେ ନିରନ୍ତର କାର୍ଯ୍ୟ କରୁଛି ଭାରତ ମସଲା। ରାଜ୍ୟରେ ଏଭଳି କୌଣସି ଜିଲ୍ଲା ନାହିଁ, ଯେଉଁଠାରେ ଭାରତ ମସଲା ସାମାଜିକ ସେବା କାର୍ଯ୍ୟ କରୁନାହିଁ ବୋଲି ଶ୍ରୀ ପଣ୍ଡା ମତବ୍ୟକ୍ତ କରିଥିଲେ। ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କମ୍ପାନୀ ସହ ଯୋଡ଼ିହୋଇଥିବା ପ୍ରତ୍ୟେକ ଲୋକ ଏହାକୁ ବ୍ରାଣ୍ଡ କରିଥିବା କହିଥିଲେ। ଏସ୍‌ସିବି ଭେଷଜ ବିଭାଗର ବରିଷ୍ଠ ପ୍ରଫେସର ଡାଃ ଜୟନ୍ତ କୁମାର ପଣ୍ଡା ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଆ ଅଭିନେତା ପୁପିନ୍ଦର ଓ ଅଭିନେତ୍ରୀ ସୁଲଗ୍ନା ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ସେନାଧିକାରୀ କ୍ୟାପ୍ଟେନ୍ ଦୁର୍ଯ୍ୟୋଧନ ମହାନ୍ତିଙ୍କୁ ସମ୍ମାନଜନକ ‘ଭାରତ ଗୌରବ’, ଡିଏଭି ସ୍କୁଲର ନିର୍ଦ୍ଦେଶକ ଡଃ କେଶବ ଚନ୍ଦ୍ର ଶତପଥିଙ୍କୁ ‘ସେବା ଭାରତ’, ଅବସରପ୍ରାପ୍ତ ଆଇଏଏସ୍ ଡଃ ଅରବିନ୍ଦ ବେହେରାଙ୍କୁ ‘କଥା ଭାରତ’, ଚଳଚ୍ଚିତ୍ର ନିର୍ମାତା ଓ ନିର୍ଦ୍ଦେଶକ ଡଃ ଶ୍ୱେତକୁମାର ଦାଶଙ୍କୁ ‘ସଂସ୍କୃତି ଭାରତ’, କ୍ରୀଡାବିତ୍ କିଶୋର ଜେନାଙ୍କୁ ‘କ୍ରୀଡା ଭାରତ’ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି +୨ କଳା, ବାଣିଜ୍ୟ ଓ ବିଜ୍ଞାନରେ ଯଥାକ୍ରମେ ଶୀର୍ଷସ୍ଥାନ ଅଧିକାର କରିଥିବା ପ୍ରିୟଦର୍ଶିନୀ ଗଡନାୟକ, ଆର୍ଚ୍ଛି ଚିନ୍ମୟୀ ପ୍ରଧାନ ଓ ତପେଶ୍ୱର ବାଗଙ୍କୁ ‘ବିଦ୍ୟା ଭାରତ’ ସମ୍ମାନ ମିଳିଥିଲା। ଉତ୍ସବରେ ନନ୍ଦିତା ପଣ୍ଡାଙ୍କ ସମ୍ପାଦନା ଓ ବରିଷ୍ଠ ସାମ୍ବାଦିକ ପ୍ରଫୁଲ୍ଲ ମହାନ୍ତିଙ୍କ ସହଯୋଗୀ ସମ୍ପାଦନାରେ ପ୍ରସ୍ତୁତ ଭାରତ ମସଲାର ପତ୍ରିକା ‘ସମ୍ଭବାମୀ ଭାରତ’କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଜିଏମ୍ (ଅପରେସନ) ଅରୁଣ କୁମାର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ହାସ୍ୟ ଅଭିନେତା ପପୁ ପମପମ୍ ହାସ୍ୟ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏଥିରେ ନିର୍ଦ୍ଦେଶକ ସୁମନ୍ତ କୁମାର ପଣ୍ଡା, ନିର୍ଦ୍ଦେଶକ ଶ୍ରୀମନ୍ତ କୁମାର ପଣ୍ଡା, ନିର୍ଦ୍ଦେଶକ ଦିଗନ୍ତ କୁମାର ପଣ୍ଡା, ଆଶୁତୋଷ ପଣ୍ଡା, ଏସଏନ ମିଲେନିୟମ, ଜିଏମ୍ ଅଶ୍ୱିନୀ କୁମାର ଦାସ, ଜିଏମ୍ (ପ୍ରଡକସନ୍) ନବକୃଷ୍ଣ ପ୍ରଧାନ, ପିଆର୍‌ଓ ଆଶିଷ ମନ୍ଥନ ପ୍ରମୁଖ ସହଯୋଗ କରିଥିଲେ।

# ଟିପିସିଓଡିଏଲ୍ ପକ୍ଷରୁ ପୂଜା ଋତୁ ପାଇଁ ସୁରକ୍ଷା ପରାମର୍ଶ

ଭୁବନେଶ୍ୱର,୨୭।୮ (ସମିସ): ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିସିଓଡିଏଲ) ପକ୍ଷରୁ ଆଗାମୀ ଉତ୍ସବ ଋତୁ ସମୟରେ ଭରସାଯୋଗ୍ୟ ଓ ସୁରକ୍ଷିତ ବିଦ୍ୟୁତ୍ ଯୋଗାଣ ନିଶ୍ଚିତ କରିବା ପାଇଁ ବ୍ୟାପକ ପ୍ରତିଷେଧମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ଲୋକମାନଙ୍କ ସୁରକ୍ଷା ପ୍ରତି ପ୍ରତିବଦ୍ଧତାକୁ ଦୃଢ଼ କରି ଟିପିସିଓଡିଏଲ୍ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି, ଯେଉଁଥିରେ କାର୍ଯ୍ୟକ୍ରମ ଆୟୋଜକ ଓ ଭେଣ୍ଡରମାନଙ୍କୁ ପେଣ୍ଡାଲ ଓ ଅସ୍ଥାୟୀ ଦୋକାନ ପାଇଁ ଆଇନଗତ ଅସ୍ଥାୟୀ ବିଦ୍ୟୁତ ସଂଯୋଗ ନେବାକୁ ପରାମର୍ଶ ଦିଆଯାଇଛି। ବେଆଇନ ହୁକ ପକାଇବା ପ୍ରତି ସତର୍କ କରାଯାଇଛି ଏବଂ କୁହାଯାଇଛି ଯେ ଏଭଳି ଅଭ୍ୟାସ ବେଆଇନ ହୋଇଥିବା ବେଳେ ଜୀବନ ପ୍ରତି ବିପଦ ସୃଷ୍ଟି କରିପାରେ ଏବଂ ଅଗ୍ନିକାଣ୍ଡର ବିପଦ ବଢ଼ାଇବାରେ ଏବଂ ଗମ୍ଭୀର ବିଦ୍ୟୁତ ବିଭ୍ରାଟର କାରଣ ହୋଇପାରେ। ବିଦ୍ୟୁତ ଯୋଗାଣର ନିରୀକ୍ଷଣ କରିବା, ଅସ୍ଥାୟୀ ବିଦ୍ୟୁତ ସଂଯୋଗ ପ୍ରଦାନ କରିବା ଏବଂ ଅସ୍ୱୀକୃତ ବିଦ୍ୟୁତ ବ୍ୟବହାର ରୋକିବା ଲାଗି ଟିପିସିଓଡିଏଲର ଉତ୍ସର୍ଗୀକୃତ ଟିମକୁ କ୍ଷେତ୍ର ସ୍ଥଳଗୁଡ଼ିକରେ ମୂତୟନ କରାଯିବ ବୋଲି ଟିପିସିଓଡିଏଲ୍‌ର ସିଇଓ ଶ୍ରୀ ଅରବିନ୍ଦ୍ ସିଂହ କହିଛନ୍ତି।

TPCODL
TP CENTRAL ODISHA DISTRIBUTION LIMITED
(A Joint Venture of Tata Power and Government of Odisha)

# ଜେନେରାଲ ସେଣ୍ଟ୍ରାଲ ଇନସ୍ୟୁରାନ୍ସର ନୂଆ ଅଫରର ହେଲ୍‌ଥ ଏକ୍ସଟ୍ରା

ଭୁବନେଶ୍ୱର,୨୭।୮ (ସମିସ) : ଜେନେରାଲ ସେଣ୍ଟ୍ରାଲ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍ ପକ୍ଷରୁ ହେଲ୍‌ଥ ଏକ୍ସଟ୍ରା ନାମକ ଏକ ନୂଆ ଅଫରର ଶୁଭାରମ୍ଭ କରାଯାଇଛି। ଏକ ବିସ୍ତୃତ ସ୍ୱାସ୍ଥ୍ୟ ବୀମା ଯୋଜନା, ହେଲଥ ଏକ୍ସଟ୍ରାରେ ଡାକ୍ତରଖାନାରେ ଭର୍ତ୍ତି ହେବା ପୂର୍ବରୁ ଚିକିତ୍ସା ଏବଂ ଡାକ୍ତରଖାନାରେ ଭର୍ତି ହେବା ପୂର୍ବରୁ ଖର୍ଚ୍ଚ, ସଡ଼କ ଆମ୍ବୁଲାନ୍ସ ଖର୍ଚ୍ଚ, ଆଧୁନିକ ଚିକିତ୍ସା, ଆୟୁଷ ଚିକିତ୍ସା ଏବଂ ଓପିଡି ସୁବିଧା ସହିତ ଅତିରିକ୍ତ ଅନ୍ୟାନ୍ୟ ମୂଲ୍ୟ ଯୁକ୍ତ ସେବା ଏବଂ ସୁସ୍ଥତା ଯତ୍ନ ଅନ୍ତର୍ଭୁକ୍ତ ହେବ। ଜେନେରାଲି ସେଟ୍ରାଲ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡର ମୁଖ୍ୟ ବିତରଣ ଅଧିକାରୀ ରମିତ୍ ଗୋୟଲ ହେଲ୍ଥ ଏକ୍ସଟ୍ରାର ଶୁଭାରମ୍ଭ ଅବସରରେ କହିଛନ୍ତି ଯେ ‘ବର୍ତ୍ତମାନର ଆକଳନରୁ ଜଣାପଡୁଛି ଯେ ଭାରତର ପ୍ରାୟ ଏକ ତୃତୀୟାଂଶ ଜନସଂଖ୍ୟା କୌଣସି ପ୍ରକାରର ସ୍ୱାସ୍ଥ୍ୟ ବୀମାରୁ ବଞ୍ଚିତ।

# କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଦ୍ୱାରା ଟାଟା ଷ୍ଟିଲ୍‌ର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ

ଅନୁଗୋଳ/ଢେଙ୍କାନାଳ/ବଅଁରପାଳ, ୨୭।୮ (ସମିସ): ଗଣେଶ ପୂଜା ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଅନୁଗୋଳ ଓ ଢେଙ୍କାନାଳରେ ଟାଟା ଷ୍ଟିଲ୍ ଫାଉଣ୍ଡେସନର ବିଭିନ୍ନ ସାମାଜିକ ଭିତ୍ତିଭୂମି ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିବା ସହ ବୃକ୍ଷରୋପଣ ଅଭିଯାନର ଶୁଭାରମ୍ଭ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ପ୍ରଧାନ ଅନୁଗୋଳ ବଅଁରପାଳଠାରେ ଟାଟା ଷ୍ଟିଲ୍ ଫାଉଣ୍ଡେସନର ସାମାଜିକ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ଉଦଘାଟନ କରିବା ସହ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସନ୍ଧି ଛକରୁ ମହିଧର ଦେଇ ହାତୁରା ପର୍ଯ୍ୟନ୍ତ ୨୦ କିମି ବ୍ୟାପୀ ସୌରଶକ୍ତି ପରିଚାଳିତ ରାସ୍ତା ଆଲୋକୀକରଣ ଏବଂ ଏନଏଚ୍-୫୫ର ଇଟାପଠାରୁ ନୂଆହତା ପର୍ଯ୍ୟନ୍ତ ୩ କିମି ବ୍ୟାପୀ ଆଲୋକୀକରଣ ବ୍ୟବସ୍ଥାର ଭୂମିପୂଜନ କରିଥିଲେ।



ଅନୁଗୋଳ ବଅଁରପାଳ ବ୍ଲକ ନୂଆହତାରେ ସିମେଣ୍ଟ କଂକ୍ରିଟ ରାସ୍ତା ଓ ଡ୍ରେନ୍ ନିର୍ମାଣ, ଗୋଷ୍ଠୀ କେନ୍ଦ୍ର, ହାଇମାଷ୍ଟ ଓ ଷ୍ଟ୍ରିଟଲାଇଟର ବ୍ୟବସ୍ଥାର ଶୁଭାରମ୍ଭ ହୋଇଥିଲା। ସେହିପରି ଢେଙ୍କାନାଳର ହିନ୍ଦୋଳ ଏବଂ ଓଡ଼ାପଡ଼ା ବ୍ଲକରେ ସୂଚନା କେନ୍ଦ୍ର, ନରେନ୍ଦ୍ରପୁର ବିଦ୍ୟାଳୟ, ହାଇମାଷ୍ଟ ଏବଂ ଷ୍ଟ୍ରିଟ ଲାଇଟ୍ ସୁବିଧା ମଧ୍ୟ ଲୋକାର୍ପିତ ହୋଇଯାଇଛି। ଏହି ପଦକ୍ଷେପ ପାଇଁ ଶ୍ରୀ ପ୍ରଧାନ ଟାଟା ଷ୍ଟିଲ ଫାଉଣ୍ଡେସନକୁ ଶୁଭେଚ୍ଛା ଜଣାଇବା ସହ ଆଲୋକୀକରଣ ପ୍ରକଳ୍ପ ଦ୍ୱାରା ଲୋକମାନଙ୍କ ଯାତାୟତ ସହଜ ଓ ସୁରକ୍ଷିତ ହେବ ବୋଲି କହିଛନ୍ତି।

ଏହି କାର୍ଯ୍ୟକ୍ରମ ପୂର୍ବରୁ ଶ୍ରୀ ପ୍ରଧାନ ଢେଙ୍କାନାଳ ଶିବପୁର ସ୍ଥିତ ଟାଟା ଷ୍ଟିଲ ମେରାମଣ୍ଡଳୀ ଜୈବବିବିଧତା ପାର୍କ ପରିସରରେ “ଏକ୍ ପେଡ୍ ମା’ କେ ନାମ୍ ୨.୦’ ଅଭିଯାନ ଅଧୀନରେ ବୃକ୍ଷରୋପଣ କରିଥିଲେ। ଶିଳ୍ପାଞ୍ଚଳ ଢେଙ୍କାନାଳରେ ପର୍ଯ୍ୟାବରଣକୁ ସୁରକ୍ଷିତ ରଖିବା ପାଇଁ ଜଙ୍ଗଲ ସୃଷ୍ଟି କରିବାର ଅଭିନବ ପ୍ରୟାସ କରିଥିବାରୁ ଟାଟା ଷ୍ଟିଲ ଫାଉଣ୍ଡେସନକୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ।

# ଫୋନ୍‌ପେ ପକ୍ଷରୁ ଗୃହ ବୀମା ଅଫର୍

ଭୁବନେଶ୍ୱର,୨୭।୮ (ସିମସ): ଫୋନପେ ପକ୍ଷରୁ ଆଜି ଏହାର ନୂତନ ଗୃହ ବୀମା ଉତ୍ପାଦ ଶୃଙ୍ଖଳାର ଶୁଭାରମ୍ଭ କରାଯାଇଛି। ଯାହାକୁ ଘର ମାଲିକଙ୍କୁ ନିଜ ଘରକୁ ସୁରକ୍ଷିତ ରଖିବା ପାଇଁ ଏକ ସରଳ ଓ ସୁଲଭ ସମାଧାନ ପ୍ରଦାନ କରିବା ଲାଗି ଡିଜାଇନ କରାଯାଇଛି। ମାତ୍ର ୧୮୧ ଟଙ୍କା ମୂଲ୍ୟରେ ଫୋନପେ ଉପଭୋକ୍ତାମାନେ ଅଗ୍ନିକାଣ୍ଡ, ବନ୍ୟା, ଭୂମିକମ୍ପ ଓ ଚୋରି ଭଳି ୨୦ରୁ ଅଧିକ ବିପର୍ଯ୍ୟୟ ବିରୋଧରେ ନିଜ ଘରକୁ ସୁରକ୍ଷା ପ୍ରଦାନ କରିପାରିବେ। ୧୦ ଲକ୍ଷ ଟଙ୍କାରୁ ୧୨.୫ କୋଟି ଟଙ୍କା ପର୍ଯ୍ୟନ୍ତ କଭରେଜ ପାଇଁ ସର୍ବନିମ୍ନ ୧୮୧ ଟଙ୍କାରୁ ଆରମ୍ଭ ହେଉଥିବା ପ୍ରିମିୟମ (ଜିଏସଟି ସମେତ) ସହିତ ଉପଭୋକ୍ତାମାନେ ଫୋନପେ ମାଧ୍ୟମରେ ସିଧାସଳଖ ନିଜ ଘରର ଢାଂଚା ଓ ସେଥିରେ ଥିବା ସାମଗ୍ରୀଗୁଡିକୁ ବୀମାଭୁକ୍ତ କରିପାରିବେ।

# ଆମେରିକା ଛାଡ଼ି ୪୦ ଦେଶ ସହ ଯୋଗାଯୋଗରେ ଭାରତ

### ଟ୍ରମ୍ପଙ୍କୁ ମିଳିବ କଡ଼ା ଜବାବ !

ନୂଆଦିଲ୍ଲୀ,୨୭।୮ (ଏଜେନ୍ସି): ଟ୍ରମ୍ପଙ୍କ ଟାରିଫ୍‌ର ସବୁଠୁ ଅଧିକ ପ୍ରଭାବ ଦେଶର ବୟନ ଉଦ୍ୟୋଗ ଉପରେ ପଡ଼ିବାକୁ ଯାଉଛି। ଆମେରିକା ରାଷ୍ଟ୍ରପତି ଭାରତ ଉପରେ ମୋଟ ୫୦ ପ୍ରତିଶତ ଟାରିଫ୍ ଲଗାଇଛନ୍ତି, ଯେଉଁଥିରେ ୨୫% ଜୋରିମାନା ଭାବରେ ରହିଛି। ଆମେରିକାର ଏହି ନିଷ୍ପତ୍ତିକୁ ଭାରତ ଏକତରଫା ଓ ମନମନି ବୋଲି କହିଛି। ଏହାସହ ଟାରିଫ୍ ପ୍ରଭାବକୁ କମ କରିବା ପାଇଁ ଦ୍ୱିତୀୟ ବିକଳ୍ପ ଉପରେ ବି ଚିନ୍ତା କରିବା ଆରମ୍ଭ କରିଛି। ଭାରତ ସରକାର ଏବେ ଆମେରିକୀୟ ବଜାରର ବିକଳ୍ପ ରୂପେ ୪୦ ଅନ୍ୟ ବଜାର ଅର୍ଥାତ୍ ଅନ୍ୟ ଦେଶକୁ ପୋଷାକ ରପ୍ତାନୀ ଉପରେ ବିଚାର କରୁଛି। ରିପୋର୍ଟ ଅନୁସାରେ ଆମେରିକାର ଟାରିଫ୍ ପ୍ରଭାବକୁ କମ୍ କରିବା ପାଇଁ ଭାରତ ଅନ୍ୟ ଦେଶ ବଜାରକୁ ନେଇ ରଣନୀତି କରୁଛି। ନିଜର ବୟନ ସାମଗ୍ରୀ ରପ୍ତାନୀ ପାଇଁ ବ୍ରିଟେନ, ଜାପାନ ଓ ଦକ୍ଷିଣ କୋରିଆ ସମେତ ୪୦ ପ୍ରମୁଖ ବଜାରରେ ପହଞ୍ଚିବା ପାଇଁ ଯୋଜନା ପ୍ରସ୍ତୁତ କରୁଛି। ନୂଆ ୪୦ ଦେଶରେ ପହଞ୍ଚିବା ଲକ୍ଷ୍ୟ ଉଭୟ ପାରମ୍ପରିକ ଓ ନୂଆ, ଉଭୟ ବଜାରରେ ନିଜ ଉପସ୍ଥିତିକୁ ବଢାଇବା ଉପରେ କେନ୍ଦ୍ରିତ। ଏହି ଦେଶଗୁଡ଼ିକର ମିଳିତ ବୟନ ଏବଂ ପୋଷାକ ଆମଦାନୀ ୫୯୦ ବିଲିୟନ ଡଲାର, ଯାହା ଭାରତୀୟ ରପ୍ତାନିକାରୀଙ୍କ ପାଇଁ ସୁଯୋଗ ରୂପେ ଦେଖାଯାଉଛି। ବର୍ତ୍ତମାନ, ଏହି ବଜାରଗୁଡ଼ିକରେ ଭାରତର କେବଳ ୫-୬ ପ୍ରତିଶତ ଅଂଶ ରହିଛି।

## ଆଜିର ରାଶିଫଳ

**ମେଷ:** ଦିନଟି ଶୁଭଫଳ ପ୍ରଦାନ କରିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଜୀବନସାଥୀଙ୍କ ବ୍ୟବହାରରେ ଖୁସି ହେବେ। ପ୍ରେମ ସମ୍ବନ୍ଧ ମଜଭୁତ ହେବ।

**ବୃଷ:** ବିବାହ ପ୍ରସ୍ତାବ ସ୍ଥିର ହେବ। ସମାଜରେ ପ୍ରତିଷ୍ଠା ବଢ଼ିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। କୋର୍ଟ ମାମଲାରେ ସଫଳତା ହାସଲ କରିବେ। ମହିଳାମାନେ କିଣାକିଣିରେ ଅଧିକ ଖର୍ଚ୍ଚ କରିବେ।

**ମିଥୁନ:** ରାଜନୀତିରେ ସଫଳତା ମିଳିବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ବାଦବିବାଦ ତଥା ଧାରକରଜରୁ ଦୂରେଇ ରହିବେ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**କର୍କଟ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ଏକାଗ୍ରତାର ସହ କାମ କରିବେ। ସନ୍ତାନ ସୁଖ ପ୍ରାପ୍ତ ହେବ।

**ସିଂହ:** ବନ୍ଧୁ ମିଳନ ଯୋଗ ଅଛି। ଘରେ ପୂଜାପାଠ ଆୟୋଜନ କରିବେ। ପ୍ରେମ ସମ୍ବନ୍ଧରେ ତିକ୍ତତା ଦେଖା ଦେବ। ଜୀବନସାଥୀଙ୍କ ଠାରୁ ଉପହାର ପାଇବେ। କାର୍ଯ୍ୟକ୍ଷେତ୍ରରେ ସମସ୍ୟା ଦୂର ହେବ।

**କନ୍ୟା:** ଭାଇଭଉଣୀଙ୍କ ମଧ୍ୟରେ ଭୁଲ ବୁଝାମଣା ଦୂର ହେବ। ସକାରାତ୍ମକ ଚିନ୍ତାଧାରାରେ କାର୍ଯ୍ୟ କରିବେ। ନିବେଶ ପାଇଁ ଅନୁକୂଳ ସମୟ ନୁହେଁ। ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ।

**ତୁଳା:** କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସରକାରୀ ଚାକିରି ପାଇଁ ସମୟ ଲାଗିବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଦାମ୍ପତ୍ୟ ଜୀବନରେ ମତଭେଦ ସୃଷ୍ଟି ହେବ।


**ବିଛା:** ଅଫିସ୍ କାର୍ଯ୍ୟ ଠିକ୍ ସମୟରେ ପୂରା କରିବେ। ବରିଷ୍ଠ ଅଧିକାରୀ କାମ ପାଇଁ ପ୍ରଶଂସା କରିବେ। ଗରିବ ଲୋକଙ୍କୁ ସାହାଯ୍ୟ କରିବେ। ତୈଳାକ୍ତ ଖାଦ୍ୟ ପଦାର୍ଥରୁ ଦୂରେଇ ରହିବେ।

**ଧନୁ:** ଶାନ୍ତ ମନରେ କାର୍ଯ୍ୟ କରିବେ। ବ୍ୟବସାୟରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ଆର୍ଥିକ ସ୍ଥିତି ମଜଭୁତ ହେବ। ପରିବାର ସଦସ୍ୟଙ୍କୁ ସମୟ ଦେବେ।

**ମକର:** ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବନ୍ଧୁଙ୍କ ସହ ଆଲୋଚନା କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଧାର୍ମିକ ସ୍ଥାନକୁ ଯାତ୍ରା କରିବେ।

**କୁମ୍ଭ:** ଇଚ୍ଛା ପୂରଣ ହେବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ବିରୋଧୀଙ୍କଠାରୁ ଦୂରେଇ ରହିବେ। ଅଧିକ ଖର୍ଚ୍ଚାନ୍ତ ହେବେ।

**ମୀନ:** ମନ ପ୍ରସନ୍ନ ରହିବ। ନୂଆ ଯୋଜନା ସହ କାମ ଆରମ୍ଭ କରିବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ସାଙ୍ଗସାଥୀଙ୍କ ସହିତ ସମୟ ଅତିବାହିତ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।






**ୟୁଏସ୍ ଓପନ ଟେନିସ**

# ସିନ୍ନର, ଜ୍ୱେରେଭଙ୍କ ବିଜୟ ଅଭିଯାନ

ନ୍ୟୁୟର୍କ,୨୭।୮ (ଏଜେନ୍ସି)

ବିଶ୍ୱର ନଂ-୧ ଖେଳାଳି ଜାନିକ ସିନ୍ନର ଏବଂ ନଂ-୩ ସିଡ୍ ଆଲେକ୍ଜାଣ୍ଡର ଜ୍ୱେରେଭ ୟୁଏସ୍ ଓପନ ପୁରୁଷ ଏକକ ବିଭାଗରେ ବିଜୟ ଅଭିଯାନ ଆରମ୍ଭ କରିଛନ୍ତି। ତାଙ୍କ ସହ ଯୋଗଦେଇଛନ୍ତି ୮ମ ସିଡ୍ ଆଲେକ୍ସ ଡି ମିନାଉର, ନଂ-୧୪ ସିଡ୍ ଟମି ପଲ୍, ନଂ-୨୬ ସିଡ ଷ୍ଟିଫାନସ ସିତସିପାସ, ୨୫ତମ ସିଡ୍ ଫେଲିକ୍ସ ଅଗର ଆଲିସିମେ ମଧ୍ୟ ସେମାନଙ୍କ ପ୍ରଥମ ରାଉଣ୍ଡରେ ବିଜୟ ହାସଲ କରିଛନ୍ତି। ପୂର୍ବରୁ କାର୍ଲୋସ ଅଲକାରାଜ ମଧ୍ୟ ପ୍ରଥମ ରାଉଣ୍ଡରେ ପ୍ରବେଶ କରିଥିଲେ। ଏହା ଫଳରେ ପ୍ରଥମ ରାଉଣ୍ଡରେ ଡାନିଏଲ ମେଦଭେଦେଭଙ୍କୁ ବାଦ୍ ଦେଲେ ଅନ୍ୟ କୌଣସି ବଡ଼ ଖେଳାଳି ପ୍ରଥମ ରାଉଣ୍ଡରୁ ବିଦା ହୋଇ ନାହାନ୍ତି।


ଜାନିକ ସିନ୍ନର

ମଙ୍ଗଳବାର ରାତିରେ ଖେଳାଯାଇଥିବା ପୁରୁଷ ଏକକ ମୁକାବିଲାରେ ଜର୍ମାନୀର ଜ୍ୱେରେଭ୍ ପ୍ରଥମ ରାଉଣ୍ଡରେ ଚିଲିର ଆଲେଜାଣ୍ଡ୍ରୋ ତାବିଲୋଙ୍କୁ ୩-୦ ସେଟ୍‌ରେ ପରାସ୍ତ କରିଥିଲେ। ଏହି ମ୍ୟାଚ୍‌କୁ ସିନ୍ନର ୬-୨, ୭-୬, ୬-୪ ସିଧାସଳଖ ସେଟ୍‌ରେ ଜିତି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଥିଲେ। ଦ୍ୱିତୀୟ ରାଉଣ୍ଡରେ ସେ ବ୍ରିଟେନର ଜ୍ୟାକବ୍ ଫିଅର୍ଣ୍ଣଲୀଙ୍କୁ ଭେଟିବେ। ଟପ୍ ସିଡ ସିନ୍ନର ମଧ୍ୟ ୩-୦ରେ ଚେକ୍ ରିପବ୍ଲିକ୍‌ର ଭିଟ୍ କୋପ୍ରିଭାଙ୍କୁ ହରାଇଥିଲେ। ସିନ୍ନର ଅତି ସହଜରେ ଏହି ମୁକାବିଲାକୁ ୬-୧, ୬-୧, ୬-୨ରେ ଜିତିନେଇଥିଲେ। ଦ୍ୱିତୀୟ ରାଉଣ୍ଡରେ ସେ ଅଷ୍ଟ୍ରେଲିଆର ଆଲେକ୍ସ ପପିରିନ୍‌ଙ୍କୁ ଭେଟିବେ। ଅନ୍ୟମାନଙ୍କ ମଧ୍ୟରେ ୮ମ ସିଡ୍ ଆଲେକ୍ସ ଡି ମିନାଉର ୬-୩, ୬-୪, ୬-୪ ସେଟ୍‌ରେ ଖ୍ରୀଷ୍ଟୋଫର ଓ'କନ୍ନେଲଙ୍କୁ ହରାଇଥିଲେ। ୧୪ତମ ସିଡ୍ ଟମି ପଲ ୬-୩, ୬-୩, ୬-୧ରେ ଏଲମେର ମୋଲରଙ୍କୁ ଓ ୨୬ତମ ସିଡ୍ ୪-୬, ୬-୦, ୬-୧, ୭-୬ରେ ଆଲେକଜାଣ୍ଡ୍ରେ ମୁଏଲରଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

## ତୃତୀୟ ରାଉଣ୍ଡରେ ନାଭାରୋ, ଆଜରେଙ୍କା ଓ ରାଡୁକାନୁ



୧୦ମ ସିଡ୍ ଆମେରିକାର ଏମ୍ମା ନାଭାରୋ, ବେଲାରୁଷର ୩୬ ବର୍ଷୀୟା ଭିକ୍ଟୋରିଆ ଆଜରେଙ୍କା ଓ ଯୁକ୍ତରାଜ୍ୟର ଏମ୍ମା ରାଡୁକାନୁ ୟୁଏସ୍ ଓପନ ମହିଳା ଏକକ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ବୁଧବାର ସନ୍ଧ୍ୟାରେ ଖେଳାଯାଇଥିବା ମ୍ୟାଚ୍‌ରେ ରାଡୁକାନୁ ୬-୨, ୬-୧ରେ ଜେନିସ ଜେନ୍‌ଙ୍କୁ, ଆଜରେଙ୍କା ୬-୩, ୬-୩ରେ ରୁଷର ଆନାସ୍ତାସିଆ ପାଭ୍ଲ୍ୟୁଚେଙ୍କୋଭାଙ୍କୁ ଓ ନାଭାରୋ ନିଜ ଦେଶର କ୍ୟାଟି ମ୍ୟାକ୍‌ନାଲୀଙ୍କୁ ହରାଇ ତୃତୀୟ ରାଉଣ୍ଡରେ ସ୍ଥାନ ପାଇଛନ୍ତି। ପୂର୍ବରୁ ମହିଳା ବିଭାଗରେ ଦୁଇ ଚର୍ଚ୍ଚିତ ଖେଳାଳି ନଂ-୩ ସିଡ୍ ଆମେରିକାର କୋକୋ ଗଫ୍ ଓ ୨୩ତମ ସିଡ୍ ଜାପାନର ନାଓମି ଓସାକା ପ୍ରଥମ ରାଉଣ୍ଡ ଅତିକ୍ରମ କରିଛନ୍ତି। ପୁରୁଷ ଦ୍ୱିତୀୟ ରାଉଣ୍ଡରେ ରେକର୍ଡଧାରୀ ନୋଭାକ ଜୋକୋଭିଚ୍‌ଙ୍କ ବିପକ୍ଷରେ ଆମେରିକାର ୨୨ ବର୍ଷୀୟ ଜ୍ୟାକରୀ ସାଇଦା ପ୍ରଥମ ସେଟ୍‌କୁ ୭-୬ରେ ଜିତିନେଇଛନ୍ତି।

## ଆଇପିଏଲ୍ ଛାଡ଼ିଲେ ଅଶ୍ୱିନ



ଚେନ୍ନଇ,୨୭।୮ (ଏଜେନ୍ସି): ନିଜ ମତ ଓ ମନ୍ତବ୍ୟ ଦ୍ୱାରା ବିବାଦୀୟ ହେବା ପରେ ସ୍ପିନ୍ ଅଲରାଉଣ୍ଡର ରବିଚନ୍ଦ୍ରନ ଅଶ୍ୱିନ୍ ଆଇପିଏଲ୍‌କୁ ଅଲବିଦା କହିଛନ୍ତି। ଦୀର୍ଘ ବର୍ଷ ଧରି ସେ ୫ଟି ଭିନ୍ନ ଭିନ୍ନ ଫ୍ରାଞ୍ଚାଇଜ୍ ପକ୍ଷରୁ ୨୨୧ଟି ମ୍ୟାଚ ଖେଳି ୧୮୭ଟି ୱିକେଟ ଓ ୮୩୩ ରନ୍ କରିଛନ୍ତି। ଗତବର୍ଷ ଡିସେମ୍ବରରେ ସେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଗ୍ରହଣ କରିଥିଲେ। ଆଇପିଏଲ୍‌କୁ ଅଲବିଦା କହିବା ପରେ ଏବେ ବିଶ୍ୱରେ ଖେଳାଯାଉଥିବା ଅନ୍ୟ ଟି-୨୦ ଲିଗ୍‌ରେ ଖେଳିବାକୁ ପ୍ରସ୍ତୁତି କରୁଛନ୍ତି ବୋଲି ଅଶ୍ୱିନ କହିଛନ୍ତି। ଚେନ୍ନାଇ ସୁପର କିଙ୍ଗ୍‌ସ ପକ୍ଷରୁ ଖେଳୁଥିବା ବେଳେ ଦଳ ୨୦୧୦ ଓ ୨୦୧୧ରେ ଦୁଇଥର ଚାମ୍ପିଅନ ହୋଇଥିଲା। ଟେଷ୍ଟ କ୍ରିକେଟରେ ଅନୀଲ କୁମ୍ବଲେ ୬୧୯ଟି ୱିକେଟ ନେଇ ପ୍ରଥମ ଓ ଅଶ୍ୱିନ ୫୩୭ଟି ୱିକେଟ ନେଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

## ବାସନ୍ଦ ହୋଇପାରେ ଏଆଇଏଫ୍ଏଫ୍

ନୂଆଦିଲ୍ଲୀ,୨୭।୮ (ଏଜେନ୍ସି): ଫିଫା ଓ ଏଏଫ୍‌ସିର ନିର୍ଦ୍ଦେଶାବଳୀ ଅନୁଯାୟୀ ସମ୍ବିଧାନ ପରିବର୍ତ୍ତନ ନ କଲେ ଏହାକୁ ବାସନ୍ଦ କରାଯିବ ବୋଲି ଧମକ ଦିଆଯାଇଛି। ଅକ୍ଟୋବର ୩୦ ତାରିଖ ସୁଦ୍ଧା ପରିବର୍ତ୍ତିତ ସମ୍ବିଧାନ ଭାରତର ସୁପ୍ରିମକୋର୍ଟ ଏବଂ ଏଆଇଏଫଏଫ୍ ଜେନରୋଲ ବଡ଼ି ଦ୍ୱାରା ସ୍ୱୀକୃତି ପାଇବା ଆବଶ୍ୟକ। ଏହା ନ ହେଲେ ଏଆଇଏଫ୍ଏଫ୍‌କୁ ବାସନ୍ଦ କରାଯାଇପାରେ ବୋଲି ଫିଫା ଓ ଏଏଫ୍‌ସି ପକ୍ଷରୁ ମିଳିତ ଭାବେ ଧମକ ଦିଆଯାଇଛି।

## ଭାରତର ବ୍ୟସ୍ତବହୁଳ କାର୍ଯ୍ୟକ୍ରମ

ନୂଆଦିଲ୍ଲୀ,୨୭।୮ (ଏଜେନ୍ସି): ଇଂଲଣ୍ଡ ବିପକ୍ଷରେ ଜବରଦସ୍ତ ଟେଷ୍ଟ ସିରିଜ୍ ଖେଳିବା ପରେ ଭାରତୀୟ କ୍ରୀଡ଼ା ଜଗତରେ କିଛିଦିନ ବିଶେଷ କାର୍ଯ୍ୟକ୍ରମ ନ ଥିଲା। ଏବେ ଚଳିତମାସ ଶେଷରୁ ପୁଣିଥରେ ଭାରତର କ୍ରୀଡ଼ା କାର୍ଯ୍ୟକ୍ରମ ବ୍ୟସ୍ତବହୁଳ ହୋଇଯିବ। ଅଗଷ୍ଟ ୨୮ ବା ଆସନ୍ତାକାଲିଠାରୁ ବେଙ୍ଗାଲୁରୁରେ ଘରୋଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ଏହା ପରଦିନ ଅର୍ଥାତ୍ ଅଗଷ୍ଟ ୨୯ରୁ ବିହାରର ରାଜଗିର୍‌ରେ ପୁରୁଷ ଏସିଆ କପ୍ ହକି ଖେଳାଯିବ। ମହିଳା ଏସିଆ କପ୍ ହକି ସେପ୍ଟେମ୍ବର ୫ରୁ ଚୀନ୍‌ର ହାଙ୍ଗଝୋଉଠାରେ ଖେଳାଯିବ। ସେହିପରି କ୍ରିକେଟରେ ମଧ୍ୟ ଏସିଆ କପ୍‌ରୁ ଭାରତୀୟ ପୁରୁଷ ଦଳର କାର୍ଯ୍ୟକ୍ରମ ଆରମ୍ଭ ହେବ। ୟୁଏଇରେ ସେପ୍ଟେମ୍ବର ୯ରୁ ୨୮ ଯାଏ ଏସିଆ କପ୍ କ୍ରିକେଟ ଖେଳାଯିବ। ମହିଳା କ୍ରିକେଟ ଦଳ ପ୍ରଥମେ ଅଷ୍ଟ୍ରେଲିଆ ସହ ଘରୋଇ ମାଟିରେ ସେପ୍ଟେମ୍ବର ୧୪, ୧୭ ଓ ୨୦ରେ ୩ଟି ଦିନିକିଆ ମ୍ୟାଚ୍ ଖେଳିବ। ଏହା ପରେ ସେପ୍ଟେମ୍ବର ୩୦ରୁ ଭାରତରେ ଦିନିକିଆ ବିଶ୍ୱକପ୍ ଆରମ୍ଭ ହେବ। ଏହା ମଧ୍ୟରେ ୧୯ ବର୍ଷରୁ କମ୍ ଭାରତୀୟ କ୍ରିକେଟ ଦଳ ଅଷ୍ଟ୍ରେଲିଆ ଗସ୍ତରେ ଯିବ। ଏଣୁ ସେପ୍ଟେମ୍ବର ମାସ ଭାରତୀୟ କ୍ରିକେଟ ଓ ହକି ଲାଗି ବ୍ୟସ୍ତ ରହିବ।

## ଅହମଦାବାଦ୍‌ରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ 'ବିଡ୍' ଲାଗି କ୍ୟାବିନେଟ ସ୍ୱୀକୃତି

ନୂଆଦିଲ୍ଲୀ,୨୭।୮ (ଏଜେନ୍ସି): ଭାରତରେ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ଲାଗି ବିଡ୍ ଦାଖଲ କରିବା ସକାଶେ କେନ୍ଦ୍ର କ୍ୟାବିନେଟ୍‌ର ମୋହର ଲାଗିଛି। ପ୍ରଧାମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ ବୈଠକରେ ଏହା ପାସ୍ ହୋଇଛି ଓ ଅହମ୍ମଦାବାଦ୍‌କୁ ଭେନ୍ୟୁ ଭାବେ ଚୟନ କରାଯାଇଛି। ଅହମ୍ମଦାବାଦ୍‌ରେ ସମସ୍ତ ଖେଳ ଲାଗି ଉନ୍ନତ ସୁବିଧା ସୁଯୋଗ ରହିଛି ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଥିଲେ। ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ଲାଗି ବିଡ୍ ଦାଖଲ କରିବା ସକାଶେ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ବିଡ଼ ଦାଖଲର ଶେଷ ତାରିଖ ହେଉଛି ଅଗଷ୍ଟ ୩୧ ତାରିଖ। ଏହାର ଅର୍ଥ ଆସନ୍ତା ୪୮ ଘଣ୍ଟା ମଧ୍ୟରେ ସମସ୍ତ କାଗଜପତ୍ର ପ୍ରସ୍ତୁତି କରିବାକୁ ହେବ। ଶେଷଥର ଭାରତ ୨୦୧୦ ନୂଆଦିଲ୍ଲୀରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ କରିଥିଲା। ଗ୍ଲାସ୍‌ଗୋରେ ନଭେମ୍ବର ମାସ ଦ୍ୱିତୀୟ ସପ୍ତାହରେ ହେବାକୁ ଥିବା ରାଜ୍ୟଗୋଷ୍ଠୀ ଜେନେରାଲ ଆସେମ୍ବ୍ଲିରେ କେଉଁ ଦେଶ ଆୟୋଜନ କରିବା ତାହା ସ୍ଥିର ହେବ। ୨୦୩୦ ଲାଗି ଆଶାୟୀ ଥିବା କାନାଡା ଓହରିଯିବାରୁ ଭାରତର ଆୟୋଜନ କରିବା ଆଶା ଦୃଢ଼ୀଭୂତ ହୋଇଛି।

## ଆଜିଠାରୁ ଦୁଲୀପ ଟ୍ରଫି

ବେଙ୍ଗାଲୁରୁ,୨୭।୮ (ଏଜେନ୍ସି): ଜୋନାଲ ଫର୍ମାଟକୁ ଫେରିଥିବା ଦୁଲୀପ ଟ୍ରଫି କ୍ରିକେଟ ଆସନ୍ତାକାଲିଠାରୁ ଆରମ୍ଭ ହେବ। ଆସନ୍ତାକାଲି ପ୍ରଥମ ଦିନ ମ୍ୟାଚ୍‌ରେ ଅଭିମନ୍ୟୁ ଈଶ୍ୱରନ ପୂର୍ବାଞ୍ଚଳ ସହ ଉତ୍ତରାଞ୍ଚଳ ମଧ୍ୟରେ କ୍ୱାର୍ଟର ଫାଇନାଲ ଖେଳାଯିବ। ସେହିପରି କେନ୍ଦ୍ରାଞ୍ଚଳ ଓ ଉତ୍ତରପୂର୍ବାଞ୍ଚଳ ମଧ୍ୟରେ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ଖେଳାଯିବ। ପୂର୍ବାଞ୍ଚଳ ଦଳରେ ଓଡ଼ିଶାର ଦୁଇଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନଙ୍କ ମଧ୍ୟରୁ ସନ୍ଦୀପ ପଟ୍ଟନାୟକ ଚୂଡାନ୍ତ ଏକାଦଶରେ ସ୍ଥାନ ପାଇବାର ସମ୍ଭାବନା ରହିଛି। ୱିକେଟରକ୍ଷକ ଆଶୀର୍ବାଦ ସ୍ୱାଇଁ ଦଳରେ ରହିଛନ୍ତି।

**ବୁଚି ବାବୁ କ୍ରିକେଟ**

## ଜମ୍ମୁ-କଶ୍ମୀରର ଇନିଂସ୍ ଅଗ୍ରଣୀ

କଟକ,୨୭।୮ (ସମିସ): ଚେନ୍ନାଇର ଏସ୍ଏସଏନ ଗ୍ରାଉଣ୍ଡରେ ଅନୁଷ୍ଠିତ ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଜମ୍ମୁ ଓ କଶ୍ମୀର ଓଡ଼ିଶା ବିପକ୍ଷରେ ପ୍ରଥମ ଇନିଂସ୍‌ରେ ଅଗ୍ରଣୀ ହାସଲ କରିଛି। ଓଡ଼ିଶାର ପ୍ରଥମ ପାଳି ୩୧୪ରନ ଜବାବରେ ଜମ୍ମୁ ଓ କଶ୍ମୀର ୩୩୦ ରନ୍‌ରେ ଅଲଆଉଟ ହୋଇଯାଇଛି। ଦଳ ପକ୍ଷରୁ ପାରସ ଡୋଗ୍ରା ୧୪୧ରନ, କନ୍ୱଲପ୍ରୀତ ସିଂହ ୫୦ରନ ଏବଂ ନିମ୍ନକ୍ରମର ବ୍ୟାଟର ଆବିଦ ମୁସ୍ତାକ ୭୧ରନ କରିଥିଲେ। ଓଡ଼ିଶା ତରଫରୁ ସୟଦ ଟି ଅହମ୍ମଦ ସର୍ବାଧିକ ୪ଟି ଓ ଗୋବିନ୍ଦ ପୋଦ୍ଦାରଙ୍କୁ ୩ଟି ୱିକେଟ ମିଳିଥିଲା। ବୁଧବାର ୨ୟ ଦିନରେ ଓଡ଼ିଶା ଦ୍ୱିତୀୟ ପାଳିରେ ଏମ୍‌ଟି ମୁଣ୍ଡେ (୬)ଙ୍କ ୱିକେଟ ହରାଇ ୬ରନ କରିଛି।


**ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ**


## ରେକର୍ଡ ସହ ବିଦୁସ୍ମିତାଙ୍କୁ ସ୍ୱର୍ଣ୍ଣ

ଭୁବନେଶ୍ୱର,୨୭।୮ (ସମିସ)



ଅହମ୍ମଦାବାଦ୍‌ରେ ଚାଲିଥିବା ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନରେ ଆଉ ଜଣେ ଓଡ଼ିଆ ପ୍ରତିଯୋଗୀ ବିଦୁସ୍ମିତା ଭୋଇ ସ୍ୱର୍ଣ୍ଣ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଏହା ଫଳରେ ଭାରତକୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଆ ଭାରୋତ୍ତୋଳକଙ୍କଠାରୁ ଏହାକୁ ମିଶାଇ ତୃତୀୟ ସ୍ୱର୍ଣ୍ଣପଦକ ମିଳିଛି। ପୂର୍ବରୁ ବିଦୁସ୍ମିତାଙ୍କ ବଡ଼ ଭଉଣୀ ପ୍ରୀତିସ୍ମିତା ୩ଟି ରାଜ୍ୟଗୋଷ୍ଠୀ ରେକର୍ଡ ସହ ଦେଶ ଲାଗି ପ୍ରଥମ ସ୍ୱର୍ଣ୍ଣ ଜିତିଥିଲେ। ଗତକାଲି ମିନା ସାନ୍ତା-ଏ' କନିଷ୍ଠ ବିଭାଗରେ ସ୍ୱର୍ଣ୍ଣ ଓ ସ୍ନେହା ସୋରେନ୍ ରୌପ୍ୟ ପଦକ ପାଇଥିଲେ। ଆଜି ବିଦୁସ୍ମିତା କନିଷ୍ଠ ବିଭାଗ ୬୩ କିଲୋ କାଟାଗୋରୀରେ ରେକର୍ଡ ସହ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ସେ ସ୍ନାଚ୍‌ରେ ୮୯, କ୍ଲିନ୍ ଆଣ୍ଡ ଜର୍କରେ ୧୧୫ ଓ ମୋଟ ୨୦୪ କେଜି ଓଜନ ଉଠାଇ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ଏହା ମଧ୍ୟରେ କ୍ଲିନ୍ ଆଣ୍ଡ ଜର୍କରେ ସେ ରାଜ୍ୟଗୋଷ୍ଠୀ ରେକର୍ଡ ପ୍ରତିଷ୍ଠା କରିଥିଲେ। ୬୩ କେଜି ୟୁଥ୍‌ରେ ଭାଗ ନେଇଥିବା ଟିକି ମୋହିନୀ ମଲିକ କିନ୍ତୁ ପଦକ ଜିତିବାରେ ବିଫଳ ହୋଇଛନ୍ତି। ସେ ସ୍ନାଚ୍‌ରେ ୭୧, କ୍ଲିନ୍ ଆଣ୍ଡ ଜର୍କରେ ୯୧ ଓ ମୋଟରେ ୧୬୨ କେଜି ଓଜନ ଉଠାଇ ୫ମ ସ୍ଥାନରେ ରହିଛନ୍ତି। ବିଦୁସ୍ମିତା ଢେଙ୍କାନାଳର ହାଇପରଫର୍ମାନ୍ସ ସବ୍ ସେଣ୍ଟରରେ କୋଚ୍ ଗୋପାଳକୃଷ୍ଣ ଦାସଙ୍କଠାରୁ ପ୍ରଶିକ୍ଷଣ ନେଉଥିଲେ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS